୬ ୧୮ ବର୍ଷରୁ କମ୍ ଏସିଆ କପ୍ ପୁରୁଷ ହକି ଟାଇପେକୁ ହରାଇ ସେମିରେ ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କଳିକା TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

• ବର୍ଷ–୩୩ • ସଂଖ୍ୟା–୧୨୪ • ୪ ଜୁନ ୨୦୨୬ ଗୁରୁବାର • ଭୁବନେଶ୍ୱର • Vol -33 • Issue-124 • 4th June 2026, Thursday • Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


# ଦିଲ୍ଲୀର ରେଷ୍ଟୁରାଣ୍ଟରେ ଅଗ୍ନିକାଣ୍ଡ : ୨୧ ମୃତ

ନୂଆଦିଲ୍ଲୀ,୩।୬

ବୁଧବାର ସକାଳେ ଦିଲ୍ଲୀର ମାଲବ୍ୟ ନଗର ଅଞ୍ଚଳରେ ଥିବା ଫ୍ଲୋରିସ୍ ଷ୍ଟେ ବି ଆଣ୍ଡ ବି ରେଷ୍ଟୁରାଣ୍ଟରେ ଅଗ୍ନିକାଣ୍ଡ ଘଟି ୨୧ ଜଣଙ୍କର ମୃତ୍ୟୁ ଘଟିଥିବା ନିଶ୍ଚିତ ହୋଇଛି। ଏହି ଘଟଣାରେ ୪୦ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଆଠଟି ଅଗ୍ନିଶମ ବାହିନୀ, ପୋଲିସ ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରାଯାଇଥିଲା।

ଭୀଷଣ ଅଗ୍ନିକାଣ୍ଡ ଘଟିବା ପରେ ଏହି ଅଞ୍ଚଳରେ ଘଣ୍ଟା ଘଣ୍ଟା ଧରି ଭୟର ବାତାବରଣ ସୃଷ୍ଟି ହୋଇଥିଲା। ନିଆଁ ଏତେ ଦ୍ରୁତ ଗତିରେ ବ୍ୟାପିଯାଇଥିଲା ଯେ ରେଷ୍ଟୁରାଣ୍ଟ ଏବଂ ଏହାର ଆଖପାଖ ଅଞ୍ଚଳରେ ଅନେକ ଲୋକ ଭିତରେ ଫସି ରହିଥିଲେ। ଖବର ପାଇବା ପରେ ଅଗ୍ନିଶମ ବିଭାଗ, ଦିଲ୍ଲୀ ପୋଲିସ ଏବଂ ବିପର୍ଯ୍ୟୟ ପରିଚାଳନା ଏଜେନ୍ସିର ଦଳ ଘଟଣା ସ୍ଥଳରେ ପହଞ୍ଚି ବ୍ୟାପକ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।

ସରକାରୀ ସୂଚନା ଅନୁଯାୟୀ, ଏହି ଦୁଃଖଦ ଘଟଣାରେ ୨୧ ଜଣଙ୍କୁ ମୃତ ଘୋଷଣା କରାଯାଇଛି। ୮ଟି ଅଗ୍ନିଶମ ଗାଡ଼ି ସହାୟତାରେ ନିଆଁକୁ ସଫଳତାର ସହ ଆୟତ୍ତ କରାଯାଇଛି। ପୋଲିସ, ଅଗ୍ନିଶମ



ସେବା ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ଉଦ୍ଧାର କର୍ମଚାରୀଙ୍କ ସମନ୍ୱିତ ପ୍ରୟାସ ଦ୍ୱାରା, ୪୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରାଯାଇଛି ଏବଂ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ରିଲିଫ ଏବଂ ଉଦ୍ଧାର କାର୍ଯ୍ୟ ସମୟରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ମଧ୍ୟ ଆହ୍ୱାନର ସମ୍ମୁଖୀନ ହୋଇଥିଲେ। ନିଆଁ ଲିଭାଇବା ଏବଂ ଭିତରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ସମୟରେ ଏଲ୍.ଏଫ୍.ଏମ୍. ଯୋଗେନ୍ଦ୍ର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ପ୍ରାଥମିକ ଚିକିତ୍ସା ଦିଆଯାଇଥିଲା। ସେହି ସମୟରେ, ଏସ୍.ଟି.ଓ. ମନୋଜ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ, ଯାହା ପରେ ତାଙ୍କୁ କର୍ତ୍ତବ୍ୟରୁ ହଟାଇ ଷ୍ଟେସନକୁ ପଠାଇ ଦିଆଯାଇଥିଲା।

ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗର ପ୍ରମୁଖ ନିର୍ଦ୍ଦେଶକ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚିଥିଲେ। ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସମଗ୍ର ଅପରେସନ ଉପରେ ନଜର ରଖାଯାଇଛି। ଅଗ୍ନିଶମ ବିଭାଗ, ପୋଲିସ ଏବଂ ଅନ୍ୟାନ୍ୟ ଏଜେନ୍ସିର ଏକ ମିଳିତ ଦଳ କୋଠାର ପ୍ରତ୍ୟେକ ଭାଗରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ (ପୃଷ୍ଠା ୭ରେ)

## ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ : କ୍ଷତିପୂରଣ ଘୋଷଣା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀର ମାଲବ୍ୟ ନଗରରେ ଘଟିଥିବା ଦୁଃଖଦ ଅଗ୍ନିକାଣ୍ଡ ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ଏବଂ କ୍ଷତିପୂରଣ ଘୋଷଣା କରିଛନ୍ତି।

ପ୍ରଧାନମନ୍ତ୍ରୀ 'ଏକ୍ସ 'ରେ କହିଛନ୍ତି ଯେ ଦିଲ୍ଲୀର ମାଲବ୍ୟ ନଗରରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାରେ ଜୀବନହାନି ଅତ୍ୟନ୍ତ ଦୁଃଖଦ। ଯେଉଁମାନେ ନିଜ ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ପ୍ରତି ତାଙ୍କର ଗଭୀର ସମବେଦନା। ଆହତମାନେ ଶୀଘ୍ର ଆରୋଗ୍ୟ ଲାଭ କରନ୍ତୁ ବୋଲି ସେ କାମନା କରିଛନ୍ତି। କର୍ତ୍ତୃପକ୍ଷ ପ୍ରଭାବିତ ଲୋକଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ପ୍ରତ୍ୟେକ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୨ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରାଯିବ। ଆହତମାନଙ୍କୁ ୫୦ ହଜାର ଟଙ୍କା ଦିଆଯିବ ବୋଲି ଘୋଷଣା କରିଛନ୍ତି।

ଦିଲ୍ଲୀର ଲେଫ୍ଟନାଣ୍ଟ ଗଭର୍ଣ୍ଣର ତରଣଜିତ ସିଂ ସାନ୍ଧୁ କହିଛନ୍ତି, 'ମାଲବ୍ୟ ନଗରର ହୌଜ ରାନୀର (ପୃଷ୍ଠା ୭ରେ)

## ॥ କେନ୍ଦ୍ର କ୍ୟାବିନେଟ୍ ବୈଠକ ॥

# ଭିତ୍ତିଭୂମି ସୁଦୃଢ଼ ପାଇଁ ୩୯,୨୯୦ କୋଟିର ପ୍ରକଳ୍ପକୁ ମଞ୍ଜୁରୀ



## ଉପକୂଳ ରାଜପଥ ପ୍ରକଳ୍ପ ପାଇଁ ୮,୩୦୧ କୋଟି

ନୂଆଦିଲ୍ଲୀ,୩।୬

ବୁଧବାର କେନ୍ଦ୍ର କ୍ୟାବିନେଟ ଦେଶର ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ବିମାନ ଚଳାଚଳ କ୍ଷେତ୍ରକୁ ଆର୍ଥିକ କ୍ଷତିରୁ ରକ୍ଷା କରିବା ପାଇଁ ମୋଟ ୩୯,୨୯୦ କୋଟି ଟଙ୍କାର ଛଅଟି ପ୍ରମୁଖ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି।

କ୍ୟାବିନେଟ୍ ନିଷ୍ପତ୍ତି ଅନୁସାରେ ମେଗା ପ୍ୟାକେଜ୍‌ରେ ବିମାନ ଟର୍ବାଇନ୍ ଇନ୍ଧନ (ଏଟିଏଫ) ମୂଲ୍ୟ ନିୟନ୍ତ୍ରଣ ପାଇଁ ଏକ ସ୍ୱତନ୍ତ୍ର ପାଣ୍ଠି ସୃଷ୍ଟି କରିବା ସହିତ ଦିଲ୍ଲୀର ପ୍ରଦୂଷଣ ସ୍ତର ହ୍ରାସ କରିବା ଏବଂ ଚାରୋଟି ପ୍ରମୁଖ ରାଜ୍ୟରେ ଜାତୀୟ ରାଜପଥ ନେଟୱାର୍କ ବିସ୍ତାର କରିବା ଉପରେ ରଣନୈତିକ ଧ୍ୟାନ ଅନ୍ତର୍ଭୁକ୍ତ।

ବର୍ତ୍ତମାନ କ୍ୟାବିନେଟ ନିଷ୍ପତ୍ତିରେ ମୋଟ ଅନୁମୋଦିତ ବଜେଟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବିମାନ କ୍ଷେତ୍ରର ସ୍ଥିରତା ଏବଂ ଜାତୀୟ ରାଜଧାନୀରେ ପରିବେଶଗତ ଉନ୍ନତି ପାଇଁ ସିଧାସଳଖ ଆବଣ୍ଟିତ ହୋଇଛି। ଅନ୍ତର୍ଜାତୀୟ ଇନ୍ଧନ ମୂଲ୍ୟରେ ତୀବ୍ର ପରିବର୍ତ୍ତନରୁ ଘରୋଇ ବିମାନ ସେବାକୁ ସୁରକ୍ଷା ଦେବା ପାଇଁ ୧୦,୦୦୦ କୋଟି ଟଙ୍କାର ଏକ 'ଏଟିଏଫ ମୂଲ୍ୟ ସ୍ଥିରୀକରଣ ପାଣ୍ଠି' ପ୍ରତିଷ୍ଠା କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବିମାନ ଶିଳ୍ପ ଦୀର୍ଘ ଦିନ ଧରି ଅସ୍ଥିର ଇନ୍ଧନ ମୂଲ୍ୟ ସହିତ ସଂଘର୍ଷ କରିଆସୁଛି। ଏହି ପାଣ୍ଠି ବିମାନ ସେବା କମ୍ପାନୀଗୁଡ଼ିକର ପରିଚାଳନା ଖର୍ଚ୍ଚକୁ ସ୍ଥିର କରିବା ଏବଂ ମାର୍ଜିନ୍ ସୁରକ୍ଷା କରିବାରେ ସାହାଯ୍ୟ କରିବ।

ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ, ଅନ୍ତର୍ଜାତୀୟ ବିମାନ ଚଳାଚଳ ଟର୍ବାଇନ୍ ଇନ୍ଧନ ମୂଲ୍ୟ ମାର୍ଚ୍ଚ ୨୦୨୬ରେ ପ୍ରତି ଲିଟର ୬୦.୫ରୁ ବୃଦ୍ଧି ପାଇ ୨୦୨୬ ମେ' ମାସରେ ପ୍ରତି ଲିଟର ୧୪୨କୁ ବୃଦ୍ଧି ପାଇଛି। ଏୟାରଲାଇନ୍ସଗୁଡ଼ିକର (ପୃଷ୍ଠା ୭ରେ)

## ଖୁବ୍‌ଶୀଘ୍ର ଭୁବନେଶ୍ୱର-ଜୟପୁର ବିମାନସେବା



ଭୁବନେଶ୍ୱର,୩।୬
ନ୍ୟୁଜ୍‌ବ୍ୟୁରୋ

ଖୁବ୍‌ଶୀଘ୍ର ଭୁବନେଶ୍ୱର-ଜୟପୁର ବିମାନସେବା ଆରମ୍ଭ ହେବାକୁ ଯାଉଛି। ଏଥିସହିତ ଭୁବନେଶ୍ୱର ବିମାନ ବନ୍ଦର ତୃତୀୟ ଏୟାର ଟର୍ମିନାଲକୁ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ କରାଯିବା ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କ ସହିତ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ସର୍ବାଙ୍ଗୀନ ଉନ୍ନତି ପାଇଁ ବିମାନବନ୍ଦର ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି।ଏହି ବୈଠକ ଲୋକସଭା ସାଂସଦ ତଥା ଏଏସି ଅଧ୍ୟକ୍ଷା ଅପରାଜିତା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅପରାହ୍ଣରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର, ଭୁବନେଶ୍ୱରର ଇଣ୍ଟିଗ୍ରେଟେଡ୍ ଅଫିସ୍ କମ୍ପ୍ଲେକ୍ସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। (ପୃଷ୍ଠା ୭ରେ)

# ଶ୍ରୀଜଗନ୍ନାଥ ମନ୍ଦିରରେ ଆରମ୍ଭ ହେବ ଇ-ହୁଣ୍ଡି ବ୍ୟବସ୍ଥା

ଭୁବନେଶ୍ୱର,୩।୬
ନ୍ୟୁଜ୍‌ବ୍ୟୁରୋ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଛନ୍ତି ଓ ମହାପ୍ରଭୁଙ୍କ କରୁଣାରୁ ଅନେକଙ୍କ ମନସ୍କାମନା ପୂରଣ ହୋଇ ଆସୁଛି। ନିଜ ମନୋବାଞ୍ଛା, ଖୁସି ଏବଂ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ପୁରୀ ଆସୁଥିବା ଭକ୍ତ ଶ୍ରୀମନ୍ଦିର ହୁଣ୍ଡିରେ ଅର୍ଥ ଦାନ କରିବାର ପରମ୍ପରା କାହିଁ କେଉଁ କାଳରୁ ରହିଆସିଛି। ତେବେ ରାଜ୍ୟ ବାହାରେ ତଥା ବିଦେଶରେ ରହୁଥିବା ଶ୍ରଦ୍ଧାଳୁଙ୍କ ଲାଗି ଅନଲାଇନ ମାଧ୍ୟମରେ ହୁଣ୍ଡିରେ ଦାନ ଦେବା ବ୍ୟବସ୍ଥା ପାଇଁ ଅନେକ ଭକ୍ତ ଇଚ୍ଛା କରି ଆସୁଥିଲେ। ଏହି କ୍ରମରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଇ-ହୁଣ୍ଡି ବ୍ୟବସ୍ଥା କାର୍ଯ୍ୟକାରୀ ନିମନ୍ତେ



ଉଚ୍ଚ ସ୍ତରୀୟ ବୈଠକ ଲୋକସେବା ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି।

ଆଇନ ବିଭାଗ ସମ୍ମିଳନୀ କକ୍ଷରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଇ-ହୁଣ୍ଡି ବ୍ୟବସ୍ଥାର ସଫଳ କାର୍ଯ୍ୟକାରୀ ନିମନ୍ତେ ଆଲୋଚନା ହୋଇଥିଲା। ଯେଉଁଥିରେ ଭକ୍ତ ତଥା ଶ୍ରଦ୍ଧାଳୁ ନିଜ ଜନ୍ମଦିନ, ବିବାହ ବାର୍ଷିକୀ ତଥା ନିଜର ମନସ୍କାମନା ପୂରଣ ଖୁସିରେ କିଭଳି ଭାବେ ଅନଲାଇନ ମାଧ୍ୟମରେ ଶ୍ରୀମନ୍ଦିର ହୁଣ୍ଡିରେ ଅର୍ଥରାଶି ଦାନ କରିପାରିବେ ସେଥିନେଇ ଆଲୋଚନା ହୋଇଥିଲା। (ପୃଷ୍ଠା ୭ରେ)

## ୟୁକ୍ରେନ ଉପରେ ରୁଷ୍‌ର ଆକ୍ରମଣ ୧୮ ମୃତ, ଶତାଧିକ ଆହତ

ନୂଆଦିଲ୍ଲୀ,୩।୬

ୟୁକ୍ରେନ ଉପରେ ମଙ୍ଗଳବାର ପ୍ରଚଣ୍ଡ ଆକ୍ରମଣ କରିଛି ରୁଷ୍। ମୋଟ ୬୫୬ ଡ୍ରୋନ୍ ଓ ୭୩ ମିସାଇଲ ମାଡ଼ କରିଛି। ଏଥିରେ ଅନ୍ୟୁନ ୧୮ ଜଣ ପ୍ରାଣ ହରାଇଛନ୍ତି। ଶତାଧିକ ଆହତ ହୋଇଛନ୍ତି। ସାଙ୍ଘାତିକ ଆକ୍ରମଣ ଲାଗି ମସ୍କୋ ପ୍ରସ୍ତୁତି ଚଳାଇଥିବା ନେଇ କିଛିଦିନ ତଳେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ସୂଚନା ଦେଇଥିଲେ। ଏବେ ତାହା ସତ୍ୟରେ ପରିଣତ ହୋଇଛି। ରୁଷ୍ ସେନା ୟୁକ୍ରେନ୍‌ର ରାଜଧାନୀ କିଏଭ, ନିପ୍ରୋ ସହର (ପୃଷ୍ଠା ୭ରେ)

# କର୍ଣ୍ଣାଟକର ୨୫ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଡି.କେ. ଶିବକୁମାର



ବାଙ୍ଗାଲୋର,୩।୬

ବୁଧବାର ଦିନ ବରିଷ୍ଠ କଂଗ୍ରେସ ନେତା ଡି.କେ. ଶିବକୁମାର ରାଜ୍ୟର ୨୫ତମ ମୁଖ୍ୟମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥ ଗ୍ରହଣ କରିବା ସହିତ କର୍ଣ୍ଣାଟକ ରାଜନୀତିରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। ବେଙ୍ଗାଲୁରୁର ଲୋକ ଭବନର ଗ୍ଲାସ୍ ହାଉସରେ ଆୟୋଜିତ ଏକ ଭବ୍ୟ ସମାରୋହରେ ରାଜ୍ୟପାଳ ଥାୱର ଚାନ୍ଦ ଗେହଲଟ୍ ତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ପାଠ କରାଇଥିଲେ। ଏହି ଅବସରରେ ଦେଶର ବିଭିନ୍ନ ସ୍ଥାନରୁ ବିଶିଷ୍ଟ ରାଜନୈତିକ ନେତା ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡି.କେ. ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ ହେବା ପାଇଁ ଅଭିନନ୍ଦନ ଜଣାଇଥିଲେ।

ବର୍ଷ ବର୍ଷ ଧରି ରାଜନୈତିକ ସଂଘର୍ଷ, ସାଂଗଠନିକ ନେତୃତ୍ୱ ଏବଂ ଦୀର୍ଘ ପ୍ରତୀକ୍ଷା ପରେ ମୁଖ୍ୟମନ୍ତ୍ରୀ ପଦବୀକୁ ଉଠିଥିବା ଶିବକୁମାର ହାତରେ ସମ୍ବିଧାନର ଏକ କପି ଧରି ଗଙ୍ଗାଧର ଅଜଜାଇୟାଙ୍କ ନାମରେ ଶପଥ ଗ୍ରହଣ କରିଥିଲେ। ଶପଥ ଗ୍ରହଣ କରିବା ପରେ ସେ ରାଜ୍ୟର ସାମଗ୍ରିକ ବିକାଶ, ସୁଶାସନ, ସାମାଜିକ ନ୍ୟାୟ ଏବଂ ଲୋକ କଲ୍ୟାଣକୁ ତାଙ୍କ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ଦର୍ଶାଇଥିଲେ।

## କୁଏତ୍ ଉପରେ ଆକ୍ରମଣକୁ ଭାରତର ନିନ୍ଦା

ନୂଆଦିଲ୍ଲୀ,୩।୬

କୁଏତ୍‌ର ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ଆକ୍ରମଣକୁ ଭାରତ ନିନ୍ଦା କରିଛି, ଯେଉଁଥିରେ ଜଣେ ଭାରତୀୟ ନାଗରିକଙ୍କ ମୃତ୍ୟୁ ହୋଇଥିଲା ଏବଂ ଅନ୍ୟମାନେ ଆହତ ହୋଇଥିଲେ।

ବୈଦେଶିକ ମନ୍ତ୍ରଣାଳୟ ବୁଧବାର ଏକ ବିବୃତି ଜାରି କରି କହିଛି ଯେ ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ଆରମ୍ଭରୁ ଭାରତ ସାଧାରଣ ନାଗରିକ ଏବଂ ସାଧାରଣ ଭିତ୍ତିଭୂମିକୁ ଟାର୍ଗେଟ କରିବା ପାଇଁ ନିରନ୍ତର ବିରୋଧ କରିଆସୁଛି। ଆକ୍ରମଣରେ ମୃତକଙ୍କ ପରିବାର ପ୍ରତି ସରକାର ଗଭୀର ସମବେଦନା ପ୍ରକାଶ କରୁଛି।

ମନ୍ତ୍ରଣାଳୟ କହିଛି ଯେ ଭାରତୀୟ ଦୂତାବାସ ସମସ୍ତ ଆହତଙ୍କୁ (ପୃଷ୍ଠା ୭ରେ)

# ଭାରତ ଆମେରିକାକୁ ପଛରେ ପକାଇ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ସୌର ଶକ୍ତି ବଜାର



ନୂଆଦିଲ୍ଲୀ,୩।୬

ଭାରତ ବାର୍ଷିକ ସୌର ଶକ୍ତି କ୍ଷମତା ବୃଦ୍ଧିରେ ଆମେରିକାକୁ ପଛରେ ପକାଇ ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି, ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ସୌର ଶକ୍ତି ବଜାର ପାଲଟିଛି। ଭାରତ ଉଲ୍ଲେଖନୀୟ ୧୫୫ ଗିଗାୱାଟ ସୌର ଶକ୍ତି ସ୍ଥାପିତ କ୍ଷମତା ଅତିକ୍ରମ କରିଛି, ଯାହା ଏହାକୁ ଏହାର ୫୦ ପ୍ରତିଶତ ଅଣ-ଜୀବାଶ୍ମ ଇନ୍ଧନ କ୍ଷମତା ଲକ୍ଷ୍ୟ ହାସଲ କରିବାରେ ଏବଂ ନିର୍ଦ୍ଧାରିତ ସମୟ ପୂର୍ବରୁ ଏହାର ଜାତୀୟ ନିର୍ଦ୍ଧାରିତ ଅବଦାନ ପୂରଣ କରିବାରେ ସାହାଯ୍ୟ କରିଛି। ଚୀନ୍ ଏବେ ଏହି କ୍ଷେତ୍ରରେ ଭାରତକୁ ପଛରେ ପକାଇ ଦେଇଛି।

ଏହି ସଫଳତାରେ ଆନନ୍ଦ ପ୍ରକାଶ କରି, କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ବୁଧବାର ଏକ୍ସରେ ସେୟାର କରା (ପୃଷ୍ଠା ୭ରେ)

## 'ରୁଦ୍ରମ୍-୨' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ



ବାଲେଶ୍ୱର,୩।୬
ନ୍ୟୁଜ୍‌ବ୍ୟୁରୋ

ବାୟୁମଣ୍ଡଳରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଇପାରୁଥିବା 'ରୁଦ୍ରମ୍-୨' କ୍ଷେପଣାସ୍ତ୍ରର ପରୀକ୍ଷାମୂଳକ ପରୀକ୍ଷଣ ସଫଳ ହୋଇଛି। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ (ଡିଆରଡିଓ) ଏବଂ ଭାରତୀୟ ବାୟୁସେନା (ଆଇଏଏଫ୍)ର ମିଳିତ ସହଯୋଗରେ ଚାନ୍ଦିପୁର ଆଇଟିଆରରୁ ଏହି ପରୀକ୍ଷଣ କରାଯାଇଥିଲା। ପରୀକ୍ଷଣ ବେଳେ କ୍ଷେପଣାସ୍ତ୍ରଟି ସମସ୍ତ ଉପାଦାନକୁ ଛୁଇଁଥିଲା। କ୍ଷେପଣାସ୍ତ୍ରକୁ ପୂର୍ବ ନିର୍ଦ୍ଧାରିତ ଲକ୍ଷ୍ୟସ୍ଥଳକୁ ନିକ୍ଷେପ କରାଯାଇଥିଲା। ଏହା (ପୃଷ୍ଠା ୭ରେ)

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୬୨୨ (+୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୩୨୦ (+୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୭୧୭ (+୦)

### ରୁପା ଦର

ରୂପା – ପ୍ରତି ଗ୍ରାମ ୨୮୦ (+୦)

### ଏକାଳ ପଖାଳ



ଆଶାରେ ଆଶାରେ ବୟସ୍କ ଯେତକ
ସାହାଯ୍ୟର ନାହିଁ ପତ୍ତା
ହନ୍ତସନ୍ତ ହୋଇ ଅଫିସ ଘୁରନ୍ତି
ଧରି ଆଶାବାଡ଼ି ଛତା
ଫେରିବ ନେତାଙ୍କ ଚେତା
ଶୀଘ୍ର ମିଳିବ ବୋଲି କହୁଥାନ୍ତି
ଜିଇଁବା ପାଇଁକି ଭତ୍ତା !!

# କବିସୂର୍ଯ୍ୟନଗର ଥାନା ଘଟଣାରେ ବଦଳିଲେ ୫୨ ପୁଲିସ କର୍ମଚାରୀ




ବ୍ରହ୍ମପୁର,୩।୬
ନ୍ୟୁଜ୍‌ବ୍ୟୁରୋ

କବିସୂର୍ଯ୍ୟନଗର ଥାନାରେ ଥାର୍ଡ ଡିଗ୍ରୀ ଘଟଣାରେ ବଡ଼ କାର୍ଯ୍ୟାନୁଷ୍ଠାନ। ଗଞ୍ଜାମ ପୋଲିସ ଜିଲ୍ଲାର ୫୨ ପୋଲିସ କର୍ମଚାରୀଙ୍କୁ ବଦଳି କରାଯାଇଛି। କବିସୂର୍ଯ୍ୟନଗର ଥାନାରେ କାର୍ଯ୍ୟରତ ୨୪ ଜଣ ଏବଂ ବାଲିଛାଇ ଆଉଟପୋଷ୍ଟର ୩ ପୋଲିସ କର୍ମଚାରୀ ଓ ଅଫିସରଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ସେହିପରି କବିସୂର୍ଯ୍ୟନଗର ପୋଲିସ ଥାନାକୁ ୨୨ ଜଣ ଏବଂ ବାଲିଛାଇ ଆଉଟପୋଷ୍ଟକୁ ୨ ଜଣ ବଦଳି ହୋଇ ଆସିବେ। ଏ ନେଇ ଗଞ୍ଜାମ ଏସ୍‌ପି ନିର୍ଦ୍ଦେଶନାମା ଜାରି କରିଛନ୍ତି। ତଦନ୍ତରେ ଯେଭଳି ସମସ୍ୟା ନଉପୁଜିବ ତାକୁ ଦୃଷ୍ଟିରେ ରଖି ଗଞ୍ଜାମ ଏସ୍ପି ହରିଶ୍ ବିଶି ଏଭଳି ନିର୍ଦ୍ଦେଶନାମା ଜାରି କରିଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଏଚଆରପିସି ୪ ଜଣିଆ ଟିମ୍ ଖୋଳତାଡ଼ ଆରମ୍ଭ କରି ଦେଇଛନ୍ତି। ମଙ୍ଗଳବାର ଠାରୁ ଚାରି ଜଣିଆ ଟିମ୍ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସି ତଦନ୍ତ ଆରମ୍ଭ କରିଥିବା ବେଳେ ବୁଧବାର ପୁରୁଷୋତ୍ତମପୁର ଦିଗନ୍ତ ଡାକ ବଙ୍ଗଳାରେ ମୃତ ସୁଶାନ୍ତଙ୍କ ପରିବାର ଲୋକଙ୍କୁ ଡାକି ତଦନ୍ତ ଆରମ୍ଭ କରିଛନ୍ତି। ଅଭିଯୋଗ କ'ଣ ରହିଛି, ଅଭିଯୋଗରେ କେତେ ସତ୍ୟତା ରହିଛି ତାକୁ ନେଇ ତନାଘନା କରାଯାଉଥିବା ଜଣାପଡ଼ିଛି।

'ମୌସୁମୀ ଛୁଇଁବ... ପରେ ଛୁଇଁବ.... କେବେ ଛୁଇଁବ ?'







# ବୌଦ୍ଧ ଜିଲ୍ଲାରେ ଚଳିତ ବର୍ଷ ପ୍ରଥମ ଚାରି ମାସରେ ସଡ଼କ ଦୁର୍ଘଟଣାରେ ୩୧ ଜଣଙ୍କ ମୃତ୍ୟୁ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଜିଲ୍ଲାରେ ସଡ଼କ ସୁରକ୍ଷା କମିଟି କରୁଛି କ'ଣ ? ବୌଦ୍ଧ ଜିଲ୍ଲାରେ କେମିତି ଚାଲିଛି ସଡ଼କ ସୁରକ୍ଷା ? ଜିଲ୍ଲାରେ ଚଳିତ ବର୍ଷ ପ୍ରଥମ ଚାରି ମାସ ମଧ୍ୟରେ ସଡ଼କ ଦୁର୍ଘଟଣାରେ ୩୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଶତାଧିକ ଆହତ ହୋଇଛନ୍ତି। ବୌଦ୍ଧ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହେଉଛି ସତ ମାତ୍ର ଗୃହୀତ ହେଉଥିବା ପ୍ରସ୍ତାବ କାର୍ଯ୍ୟକାରୀ ହେଉନାହିଁ। ବୌଦ୍ଧ ଜିଲ୍ଲାବାସୀଙ୍କ ଧନ ଜୀବନ ସୁରକ୍ଷିତ ରଖିବା ଆମର ପ୍ରାଥମିକତା ହେବ ବୋଲି ଜିଲ୍ଲାପାଳ କହୁଛନ୍ତି ମାତ୍ର ପ୍ରକୃତ ପକ୍ଷେ ତାହା ଦେଖାଯାଉ ନାହିଁ। ବୌଦ୍ଧ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ମୋଟର ଭେହିକିଲ୍ ଆଇନ୍ ଅନୁଯାୟୀ ଜରିମାନା ସଂଗ୍ରହ, ଜିଲ୍ଲାରେ ଘଟୁଥିବା ସଡ଼କ ଦୁର୍ଘଟଣା ଓ ମୃତ୍ୟୁହାର ସମ୍ପର୍କିତ ସମୀକ୍ଷା, ପୂର୍ବତନ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକର କାର୍ଯ୍ୟବିବରଣୀ ଏବଂ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ପରିବହନ, ପୋଲିସ, ଅବକାରୀ ବିଭାଗ ଓ ତହସିଲଦାର ଏନେଇ ମିଳିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ସୁଷମା ସାହୁ ସମସ୍ତଙ୍କୁ ସ୍ୱାଗତ କରି ପାୱାର ପଏଣ୍ଟ ମାଧ୍ୟମରେ ବିଭାଗର କାର୍ଯ୍ୟାବଳୀ ପ୍ରଦର୍ଶନ କରିଥିଲେ। ଜିଲ୍ଲାପାଳ କହିଲେ ଯେ, ବୌଦ୍ଧ ଜିଲ୍ଲାବାସୀଙ୍କ ଧନ ଜୀବନ କିଭଳି ସୁରକ୍ଷିତ ରହିବ ଏହା ଆମର ପ୍ରାଥମିକତା ହେବା ଉଚିତ। ସମସ୍ତ ୨ଚକିଆ ଯାନ ଚାଳକ ନିଶ୍ଚିତ ଭାବରେ ହେଲମେଟ ପରିଧାନ କରିବେ, ମଦ୍ୟପ ଡ୍ରାଇଭର ମାନଙ୍କୁ ନିୟମିତ ଯାଞ୍ଚ କରି ଜରିମାନା ଆଦାୟ କରାଯିବ, ରାସ୍ତାରେ କେହି ବାଲି, ମେଟାଲ ଜମା କରିବେନାହିଁ, ରାସ୍ତା ଉପରେ ଭାରିଯାନ ପାର୍କିଂ ହେବନାହିଁ। ଏଥିପାଇଁ ପରିବହନ, ପୋଲିସ, ଅବକାରୀ ବିଭାଗ ଓ ତହସିଲଦାର ମିଳିତ ପଦକ୍ଷେପ ଗ୍ରହଣ କରିବେ।

ସମୀକ୍ଷାରୁ ଜଣାଗଲା ଯେ, ଚଳିତ ୨୦୨୬ ମସିହାର ପ୍ରଥମ ଚାରି ମାସ ମଧ୍ୟରେ ଜିଲ୍ଲାରେ ମୋଟ ୩,୪୮୦ଟି ଚାଲାଣ କଟା ଯାଇଥିବା ବେଳେ ୧ କୋଟି ୨୭ ଲକ୍ଷ ୯୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଆରଟିଓଙ୍କ ପକ୍ଷରୁ ସିଟ୍ ବେଲ୍ଟ ନ ପିନ୍ଧିବା ପାଇଁ ୩୯ଟି, ହେଲମେଟ୍ ନ ପିନ୍ଧିବା ପାଇଁ ୧,୪୭୩ଟି, ଅତ୍ୟଧିକ ବେଗରେ ଗାଡ଼ି ଚଳାଇବା ପାଇଁ ୧,୦୭୭ଟି ଏବଂ ମଦ୍ୟପାନ କରି ଗାଡ଼ି ଚଳାଇବା ପାଇଁ ୧୧୧ଟି ମାମଲା ରୁଜୁ ହେବା ସହ ୮୨୫ଟି ଡ୍ରାଇଭିଂ ଲାଇସେନ୍ସ ସସ୍‌ପେଣ୍ଡ କରାଯାଇଥିଲା। ସେହିପରି ପୋଲିସ ପକ୍ଷରୁ ଇ-ଚାଲାଣ ମାଧ୍ୟମରେ ହେଲମେଟ୍ ନ ପିନ୍ଧିବା ପାଇଁ ୫୮୭ଟି ଓ ସିଟ୍ ବେଲ୍ଟ ନ ପିନ୍ଧିବା ପାଇଁ ୧୫୨ଟି ଚାଲାଣ କରାଯାଇଥିବା ସୂଚନା ଦିଆଯାଇଥିଲା। ଏ ବର୍ଷର ପ୍ରଥମ ଚାରି ମାସ ମଧ୍ୟରେ ସଡ଼କ ଦୁର୍ଘଟଣାରେ ୩୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦ ଜଣ ଗୁରୁତର ଆହତ ହୋଇଛନ୍ତି। ବୈଠକରେ ପିଏମ୍ ରାହତ ଯୋଜନା ସମ୍ବନ୍ଧରେ ବିଶଦ୍ ଆଲୋଚନା ହୋଇଥିଲା। ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ୨୪ ଘଣ୍ଟା ମଧ୍ୟରେ ଆୟୁଷ୍ମାନ ଭାରତ ଯୋଜନାରେ ଅନୁବନ୍ଧିତ ଘରୋଇ ଡାକ୍ତରଖାନାରେ ନିଶ୍ଚିତ ଭାବରେ ଭର୍ତ୍ତି କରାଇବା ଆବଶ୍ୟକ। ଏଥିପାଇଁ ଚିକିତ୍ସାରେ ଅର୍ଥ କେବେବି ବାଧକ ନ ହେବା ଏବଂ ଦୁର୍ଘଟଣାଗ୍ରସ୍ତଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇବାକୁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ସରକାରୀ ଡାକ୍ତରଖାନାରେ ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ଚିକିତ୍ସା ସମ୍ପୂର୍ଣ୍ଣ ନିଶୁଳ୍କ ଭାବେ କରାଯିବା ସହ ପ୍ରଥମ ପର୍ଯ୍ୟାୟରେ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ଯୋଗାଇବାକୁ ସରକାରଙ୍କ ବ୍ୟବସ୍ଥା ଥିବା ସୂଚନା ଦିଆଯାଇଥିଲା।

ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଏସ୍ପି ଆନନ୍ଦ କୁମାର ଡୁଙ୍ଗଡୁଙ୍ଗ, ଆର୍ ଆଣ୍ଡ ବି ଅଧିକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାର ଛୁଆଲସିଂ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେନ୍ଦ୍ର କୁମାର ସାହୁ, ଏମ୍ଭିଆଇ ସଞ୍ଜୟ କୁମାର ବେହେରା, ଟ୍ରାଫିକ ଇନସ୍ପେକ୍ଟର ଦେବାଶିଷ ନାୟକ, ଏସ୍ଡିଓ ଏନ୍‌ଏଚ୍ ପ୍ରଶାନ୍ତ କୁମାର ସାହୁ, ଇଡିଏଆରଏମ ନିତ୍ୟବ୍ରତ ଗର୍ଡିଆ, ପ୍ରାଇଭେଟ୍ ବସ୍ ଆସୋସିଏସନ୍ର ସଭାପତି ଓ ସମ୍ପାଦକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡାଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଅର୍ଦ୍ଧନିର୍ମିତ ବ୍ରିଜ୍ ପାଇଁ ବିପଦରେ ଲୋକଙ୍କ ଜୀବନ

## ସମାଧାନ ପାଇଁ ପ୍ରଶାସନକୁ ଦାବି କଲେ ସ୍ଥାନୀୟ ବାସିନ୍ଦା

**ଛତ୍ରପୁର, ନ୍ୟୁଜ୍‌ବ୍ୟୁରୋ**



ଗମନାଗମନ ସୁବିଧା ପାଇଁ ସରକାର ବିଭିନ୍ନ ବିକାଶମୂଳକ ପଦକ୍ଷେପ ନେଉଥିବା ବେଳେ ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବ୍ଲକ ଅନ୍ତର୍ଗତ କରପଡ଼ା ନିକଟ ରାସ୍ତାରେ ଏକ ବ୍ରିଜ୍ ଏବଂ ପୋଟଲାମପୁର-ଗଙ୍ଗାପୁର ମୁଖ୍ୟ ରାସ୍ତା ଉପରେ ଥିବା ଅନ୍ୟ ଏକ ବ୍ରିଜ୍ ଦୀର୍ଘ ବର୍ଷ ହେଲା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି।

ଏହି ଦୁଇଟି ରାସ୍ତା ସମ୍ପୂର୍ଣ୍ଣ ପକ୍କା ହୋଇଥିଲେ ମଧ୍ୟ କେବଳ ବ୍ରିଜ୍ କାମ ସରିନଥିବାରୁ ଏହା ଏବେ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି। ଏହି ମୁଖ୍ୟ ରାସ୍ତା ଦେଇ ପ୍ରତିଦିନ ଶହ ଶହ ସଂଖ୍ୟାରେ ଲୋକେ ଯିବାଆସିବା କରନ୍ତି। ବିଶେଷ କରି ପ୍ରସିଦ୍ଧ ମା' ତାରାତାରିଣୀ ମନ୍ଦିର, ଛତ୍ରପୁର ମ୍ୟୁନିସିପାଲିଟି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ସ୍କୁଲ ଓ କଲେଜକୁ ଯାତାୟାତ ପାଇଁ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଏହି ପଥ ଉପରେ ନିର୍ଭର କରିଥାନ୍ତି। ମାତ୍ର ବ୍ରିଜ୍ ଦ୍ୱୟର ନିର୍ମାଣ କାର୍ଯ୍ୟ ଅଧାରେ ଅଟକି ରହିଥିବାରୁ ଏଠାରେ ସଦାସର୍ବଦା ଦୁର୍ଘଟଣାର ଆଶଙ୍କା ଲାଗି ରହିଛି।

ଅନ୍ଧାର ରାତିରେ କିମ୍ବା ବର୍ଷା ଦିନେ ଏହି ସ୍ଥାନ ଦେଇ ଗାଡ଼ି ଚଳାଇବା ଅତ୍ୟନ୍ତ ବିପଜ୍ଜନକ ହୋଇପଡୁଛି। ସମୟ ଥାଉ ଥାଉ ଯଦି ଏହାର ସ୍ଥାୟୀ ପ୍ରତିକାର କରାନଯାଏ, ତେବେ ଆଗାମୀ ଦିନରେ ଏକ ବଡ଼ ଧରଣର ଅଘଟଣ ଘଟିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ବିଭାଗୀୟ ଉଦାସୀନତା ଯୋଗୁଁ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରିବାକୁ ଦାବି ହେଉଛି। ପ୍ରଶାସନ ପକ୍ଷରୁ ଯଥାଶୀଘ୍ର ପଦକ୍ଷେପ ନିଆଯାଇ ବ୍ରିଜ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଗଲେ, ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଗମନାଗମନ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ସ୍ଥାନୀୟ ଜନସାଧାରଣ ପ୍ରକାଶ କରିଛନ୍ତି।

## ବଲାଙ୍ଗୀରର ଟାଉନ୍ ହଲ୍‌ର ଫେରିବ ଚମକ୍

# ଜୁନ୍‌ରୁ ଆରମ୍ଭ ହେବ ପୁନରୁଦ୍ଧାର, ଅଗଷ୍ଟ ଶେଷ ସୁଦ୍ଧା କାମ ସରିବ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ସହରର ସାଂସ୍କୃତିକ ପ୍ରାଣକେନ୍ଦ୍ର କୁହାଯାଉଥିବା ଏକମାତ୍ର ଟାଉନ୍ ହଲ୍‌ର ସଂସ୍କାର ଓ ପୁନରୁଦ୍ଧାର ପାଇଁ ଶେଷରେ କାଉଣ୍ଟଡାଉନ୍ ଆରମ୍ଭ ହୋଇଛି। ଦୀର୍ଘ ତିନି ବର୍ଷରୁ ଅଧିକ ସମୟ ହେବ ଜରାଜୀର୍ଣ୍ଣ ଓ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା ଏହି ଐତିହ୍ୟ ସମ୍ପନ୍ନ ଗୃହର ଭାଗ୍ୟ ବଦଳିବାକୁ ଯାଉଛି। ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ କରାଯାଇଥିବା ଦୃଢ଼ ଦାବି ଏବଂ ଆନ୍ଦୋଳନର ଚେତାବନୀ ପରେ ପୌର ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ଆସନ୍ତା ଜୁନ୍ ମାସରୁ ଏହାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇ ଅଗଷ୍ଟ ଶେଷ ସୁଦ୍ଧା ଏହା ଜନସାଧାରଣଙ୍କ ପାଇଁ ଉଦ୍‌ଘାଟନ କରାଯିବ ବୋଲି ପୌର ପ୍ରଶାସନ ପକ୍ଷରୁ ସ୍ପଷ୍ଟ ପ୍ରତିଶ୍ରୁତି ମିଳିଛି।

ସହର ମଧ୍ୟଭାଗରେ ଥିବା ଏହି ଏକମାତ୍ର ସାଂସ୍କୃତିକ ଗୃହଟିର ଦୂରାବସ୍ଥା ଯୋଗୁଁ ଦୀର୍ଘ ଦିନ ହେବ ସହରରେ କୌଣସି ବଡ଼ ଧରଣର ସଭାସମିତି ବା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇପାରୁ ନଥିଲା। ସରକାରଙ୍କ ପକ୍ଷରୁ ଅନୁଦାନ ମିଳିଥିବା ଏବଂ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ସରିଥିଲେ ମଧ୍ୟ ପ୍ରଶାସନିକ ଅବହେଳା ଯୋଗୁଁ କାର୍ଯ୍ୟ ଆରମ୍ଭ ହେବାରେ ବିଳମ୍ବ ହେଉଥିଲା। ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା।



ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଗୋବିନ୍ଦ ଚନ୍ଦ୍ର ଶତପଥି, ଉତ୍ତମ ନନ୍ଦ, ରବୀନ୍ଦ୍ର ପ୍ରଧାନ, ଦେବରାଜ ନାଗ, ସରୋଜ ଜାଲ, ପ୍ରଦୀପ ଯୁଏଡ ଓ ଶିବ ବେହେରା ପ୍ରମୁଖ ବଲାଙ୍ଗୀର ପୌର ପରିଷଦର ପୌରାଧକ୍ଷା ଏବଂ ନିର୍ବାହୀ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ ସହ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସଂଗଠନ ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଇଥିଲା ଯେ, ଯଦି ତୁରନ୍ତ କାର୍ଯ୍ୟ ଆରମ୍ଭ ନହୁଏ, ତେବେ ସହରବାସୀ ଗଣତାନ୍ତ୍ରିକ ପନ୍ଥାରେ ବଡ଼ ଧରଣର ଆନ୍ଦୋଳନ କରିବାକୁ ବାଧ୍ୟ ହେବେ।

ଦାବିପତ୍ର ଗ୍ରହଣ କରିବା ପରେ ପୌରାଧକ୍ଷା ସଂଗଠନର ସଦସ୍ୟମାନଙ୍କ ସହ ସବିଶେଷ ଆଲୋଚନା କରିଥିଲେ। ସହରବାସୀଙ୍କ ଭାବନାକୁ ସମ୍ମାନ ଜଣାଇ ସେ କହିଛନ୍ତି ଯେ, ଆସନ୍ତା ଜୁନ୍ ମାସ ମଧ୍ୟରେ ଟାଉନ୍ ହଲର ପୁନରୁଦ୍ଧାର କାର୍ଯ୍ୟ ନିଶ୍ଚିତ ଭାବେ ଆରମ୍ଭ କରାଯିବ ଏବଂ ଠିକ୍ ତିନି ମାସ ମଧ୍ୟରେ ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯିବ। ଅପରପକ୍ଷରେ, ପୌର ପରିଷଦର ନିର୍ବାହୀ ଅଧିକାରୀ ମଧ୍ୟ ଏହି ପ୍ରକଳ୍ପକୁ ଗୁରୁତ୍ୱର ସହ ନେଇ ଆସନ୍ତା ଅଗଷ୍ଟ ଶେଷ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରି ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପୌର ପ୍ରଶାସନର ଏହି ସକାରାତ୍ମକ ପ୍ରତିଶ୍ରୁତି ପରେ ସହରର ବୁଦ୍ଧିଜୀବୀ ଓ କଳାକାର ମହଲରେ ଖୁସିର ଲହରୀ ଖେଳିଯାଇଛି। ଏବେ ସମସ୍ତଙ୍କ ନଜର ପ୍ରଶାସନର କାର୍ଯ୍ୟକାରିତା ଉପରେ ରହିଛି।

## ଜୟପୁର ପୂଜ୍ୟପୂଜା ସଂସଦ ପକ୍ଷରୁ ସାହିତ୍ୟ ଆସର

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ପୂଜ୍ୟପୂଜା ସଂସଦ, ଜୟପୁର ମାସିକ ସାହିତ୍ୟ ଆସର ସାହିତ୍ୟ ଟୁଙ୍ଗିରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ରାଧାମୋହନ ସାହୁଙ୍କ ବିଷୟରେ ଛାତ୍ରଛାତ୍ରୀ ମଧ୍ୟରେ ଏକ ଅଭିନବ ଉପାୟରେ ସବିଶେଷ ବିଷୟ ଉପସ୍ଥାପନା ହୋଇଥିଲା। ଆବାଳବୃଦ୍ଧବନିତା ଉପେନ୍ଦ ଭଞ୍ଜଙ୍କ ଫୋଟୋ ଚିତ୍ର ଅଙ୍କନ କରିଥିଲେ। ଛାତ୍ରୀ ଆରାଧ୍ୟା କୌଶିକ ଓ ଅନିଶା କୌଶିକ ଉପେନ୍ଦ୍ର ଭଞ୍ଜଙ୍କ ବିଷୟରେ ଅମୂଲଚୂଳ ଲିଖିତ ସନ୍ଦର୍ଭ ପାଠ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ରାଧାମୋହନ ସାହୁଙ୍କ ଜୀବନୀ ଉପସ୍ଥାପନ କରିଥିଲେ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ସଂସ୍କୃତି ସାମନ୍ତରାୟ। ସାଂସଦର ସଭାପତି ଉଦୟ ଶଙ୍କର ଜାନୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଜାନକୀ ପାଣିଗ୍ରାହୀ ଯୋଗ ଦେଇଥିଲେ। ତାରିଣୀ ମିଶ୍ର, ବିପିନ କୁମାର ପାତ୍ର, ପ୍ରତୀତ କାଂଚନ ସାହୁ, ତପନ କିରଣ ତ୍ରିପାଠୀ, ସନ୍ଧ୍ୟାରାଣୀ ପଟ୍ଟନାୟକ, ସରସ୍ୱତୀ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଗ୍ରାମାଞ୍ଚଳରେ ବେଧଡ଼କ ବିକ୍ରି ହେଉଛି ଅଣବ୍ରାଣ୍ଡେଡ୍ ମୃଦୁପାନୀୟ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**



କୋରାପୁଟ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରେ ବଢ଼ିବାରେ ଲାଗିଛି ମୃଦୁ ପାନୀୟ ବିକ୍ରି। ନାମିଦାମୀ କମ୍ପାନୀ ସହ ୩୦ରୁ ଊର୍ଦ୍ଧ୍ୱ ନନ୍‌ବ୍ରାଣ୍ଡ କମ୍ପାନୀର ମୃଦୁ ପାନୀୟ ମିଳୁଛି। ପୂର୍ବ ଅପେକ୍ଷା ନନ୍‌ବ୍ରାଣ୍ଡ ମୃଦୁ ପାନୀୟ ଅଧିକ ବିକ୍ରି ହେଉଛି। ନାମୀଦାମୀ କମ୍ପାନୀ ଠାରୁ କମ୍ ଦରରେ ମିଳୁଥିବାରୁ ଏହାକୁ ଅଧିକ ପସନ୍ଦ କରୁଛନ୍ତି ଗ୍ରାହକ। କୋରାପୁଟ ଜିଲ୍ଲାର ଜୟପୁର, ସିମିଳିଗୁଡ଼ା, ସୁନାବେଡ଼ା, ବୋରିଗୁମ୍ମା, କୋଟପାଡ଼ ମୁଖ୍ୟ ବଜାର ଅପେକ୍ଷା ଗ୍ରାମାଞ୍ଚଳରେ ସର୍ବାଧିକ ବିକ୍ରି ହେଉଛି। କିଛି ହୋଲସେଲ ବ୍ୟବସାୟୀ ଗାଁ ଗାଁ ବୁଲି ଦୋକାନଗୁଡ଼ିକରେ ଅଧିକ ଲାଭ ଆଶା ଦେଖାଇ ଦୋକାନରେ ନନବ୍ରାଣ୍ଡର ମୃଦୁ ପାନୀୟ ବିକ୍ରି କରୁଛନ୍ତି। କିନ୍ତୁ ଥଣ୍ଡା ପାନୀୟର ମାନ ପରୀକ୍ଷା ପାଇଁ ଖାଦ୍ୟ ସୁରକ୍ଷା ଅଧିକାରୀ ତରଫରୁ କୌଣସି ଦିନ ଜିଲ୍ଲାରେ ଯାଞ୍ଚ ହେଉନାହିଁ। ଯାହାର ସୁଯୋଗ ନେଇ ନାମୀଦାମୀ କମ୍ପାନୀ ଶହ ପ୍ରତିଯୋଗିତା କରୁଛନ୍ତି ନନବ୍ରାଣ୍ଡ ମୃଦୁ ପାନୀୟ ପ୍ରସ୍ତୁତ କରୁଥିବା କମ୍ପାନୀ ଓ ଖୁଚୁରା ବ୍ୟବସାୟୀ। ଗୋଟିଏ ବୋତଲ ପିଛା ୧୦ ଟଙ୍କାରେ ବିକ୍ରି କରୁଛନ୍ତି। ବେଧଡ଼କ ବିକ୍ରି ହେଉଛି। ଅଣବ୍ରାଣ୍ଡେଡ୍ ମୃଦୁପାନୀୟ। ଏହା ପିଇବା ଯୋଗ୍ୟ କି ନାହିଁ, ତାହାର ଯାଞ୍ଚ କରାଯାଉନି କି ଆଜି ପର୍ଯ୍ୟନ୍ତ ଗୋଟିଏ ଚଢ଼ଉ ହୋଇନାହିଁ। କେବଳ ମୃଦୁ ପାନୀୟ ନୁହେଁ, ନିମ୍ନମାନର ପାଣି ବିକ୍ରି ହେଉଛି।

ସେହିପରି ଅବଧି ଶେଷ ହୋଇଥିବା ନାମୀଦାମୀ କମ୍ପାନୀର ମୃଦୁ ପାନୀୟ ମଧ୍ୟ ବିକ୍ରି ହେଉଛି। ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହୋଇଛି। ଦାମୀ କମ୍ପାନୀ ଦର ରହୁଛି ୨୦ରୁ ୨୫ ଟଙ୍କା। ଶସ୍ତାରେ ବିକ୍ରି ହେଉଥିବାରୁ ଦିନକୁ ଦିନ ନନବ୍ରାଣ୍ଡର ଚାହିଦା ବଢ଼ିବାରେ ଲାଗିଛି। ଏହାର ସୁଯୋଗ ନେଉଛନ୍ତି କୋରାପୁଟ ଜିଲ୍ଲା ସହ ଗ୍ରାମାଞ୍ଚଳର କିଛି ମୁନଫା ଖୋର ବ୍ୟବସାୟୀ। ଅଳ୍ପ ଟଙ୍କା ବିନିଯୋଗରେ ଘରେ ମୃଦୁ ପାନୀୟ ପ୍ରସ୍ତୁତ କରୁଛନ୍ତି। ବଜାରରେ ମେସିନ, ଷ୍ଟିକର ସହ ଅନ୍ୟାନ୍ୟ ସୁବିଧାରେ ମିଳିଯାଉଛି। ତେଣୁ ପ୍ରସ୍ତୁତ କର୍ତ୍ତାଙ୍କୁ ସମସ୍ୟା ହେଉନି। ଘରେ ପ୍ରସ୍ତୁତ କରି ଲୋଗୋ ଲଗାଇ ମୃଦୁ ପାନୀୟ

# ବିପଦଜନକ ଅବସ୍ଥାରେ ବାରୋ ବାତ୍ୟା ଆଶ୍ରୟସ୍ଥଳୀ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାରୋ ପଞ୍ଚାୟତ ବାରୋ ହରିଜନସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିରୁଜି ବିପଦଜନକ ଅବସ୍ଥାରେ ରହିଛି। ଏହା କେତେବେଳେ କୌଣସି ଅଘଟଣ ଘଟିଲେ ସ୍କୁଲ୍ ଛାତ୍ର/ଛାତ୍ରୀ ବିପଦର ସମ୍ମୁଖୀନ ହେବେ। ଏ ନେଇ ବାରୋ ସରପଞ୍ଚ ଗୋପୀନାଥ ମଲ୍ଲିକ ବାରମ୍ବାର ଜିଲ୍ଲାପାଳ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, କେନ୍ଦ୍ରାପଡ଼ା ବିଡିଓଙ୍କୁ ଅଭିଯୋଗ କରି ଆସୁଛନ୍ତି। ଆଗକୁ ବର୍ଷାଋତୁ ଆସୁଥିବାରୁ ବାତ୍ୟା ଆଶ୍ରୟସ୍ଥଳ ଗୁଡ଼ିକୁ ମରାମତି କରିବା ପାଇଁ ପ୍ରାକୃତିକ ବିପର୍ଯ୍ୟୟ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଦୀର୍ଘ ବର୍ଷ ହେଲା ଏହି ବାତ୍ୟା ଆଶ୍ରୟସ୍ଥଳ ବିପଦ ଜନକ ଅବସ୍ଥାରେ ଥିବା ସତ୍ତ୍ୱେ ଏହାକୁ ଅସୁରକ୍ଷିତ ଗୃହ ରୂପେ ଘୋଷଣା କରି ବିଦ୍ୟାଳୟଟିକୁ ସାମୁହିକ ଭାବେ ଘୋଷଣା କରାଯାଇ ଏହାକୁ ଲାଗିଥିବା ବିଦ୍ୟାଳୟକୁ ୭ ବର୍ଷ ହେବ କୋର ମିର୍ଜାପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟକୁ ବିଇଓଙ୍କ ନିର୍ଦ୍ଦେଶରେ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ମଧ୍ୟ ସେହିଠାରେ ଛାତ୍ର/ଛାତ୍ରୀଙ୍କ ପାଠପଢା ଚାଲୁ ରହିଛି। ଏହା ଦୁଇ କିଲୋମିଟରରୁ ଉର୍ଦ୍ଧ୍ୱ ହେଉଥିବାରୁ ଛାତ୍ର/ଛାତ୍ରୀ ମାନେ ଯିବା ଆସିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ବାତ୍ୟା ଆଶ୍ରୟସ୍ଥଳୀକୁ ସମ୍ପୂର୍ଣ୍ଣ ଭାବେ ମରାମତି କରିବା ପାଇଁ ସରପଞ୍ଚ ଓ ସ୍ଥାନୀୟ ଗ୍ରାମବାସୀମାନେ ଦାବି କରି ଆସୁଛନ୍ତି। ଏ ନେଇ ଶନିବାର ବାବାଜୀ ମଳିକ, ରମେଶ ମଳିକ, ଭିକାରୀ ମଳିକ, ଶ୍ରୀକାନ୍ତ ମଳିକ, ସାଗର ମଳିକ, ରଞ୍ଜନ ମଳିକ, କ୍ରୀଷ୍ଣାନନ୍ଦ ମଳିକ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ବ୍ରହ୍ମପୁର ସହରରେ ଅପରାଧ ନିୟନ୍ତ୍ରଣରେ ପୁଲିସର ଲଗାମ ଲାଗୁନି

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁର ସହରରେ ପୁଲିସର ଏନକାଉଣ୍ଟର, ଫୁଟ ପାଟ୍ରୋଲିଂ ପ୍ରଭୃତି ପୁଲିସର କଡ଼ା ଆଭିମୁଖ୍ୟ ସତ୍ତ୍ୱେ ଅପରାଧୀ ନିୟନ୍ତ୍ରଣ ହୋଇପାରୁନାହିଁ। ଗୋଷାଣୀ ନୂଆଗାଁ ଥାନାର ଜଣେ ଯୁବକକୁ ଫୁଲ କୁଣ୍ଡ ମୁଣ୍ଡରେ ଛେଚି ହତ୍ୟା କରି ତା'ର ମୃତଦେହକୁ ଗୀତା ଭବନ ପଛପଟ ଲଟାବୁଦାରେ ଦୁର୍ବୃତ୍ତମାନେ ଫିଙ୍ଗି ଦେଇଛନ୍ତି। ଖବର ପାଇ ପୁଲିସ ଶବ ଜବତ କରି ଘଟଣାର ତଦନ୍ତ କରୁଛି। ମୃତ ଯୁବକ ଜଣକ ହେଲେ ନୃସିଂହ ବେହେରା (୪୫)। ଏଠାରେ ଉଲ୍ଲେଖଯୋଗ୍ୟ, ଗତ ୨ମାସ ମଧ୍ୟରେ ଗଞ୍ଜାମ ଜିଲ୍ଲାରେ ୧୦ଟି ହତ୍ୟାକାଣ୍ଡ ଘଟି ସାରିଲାଣି।

# ମାଲକାନଗିରିରେ ମିଶିବେ ତେନ୍ତୁଳିଗୁମ୍ମା ପଞ୍ଚାୟତବାସୀ, ମନ୍ଥର ଗତିରେ ବ୍ରିଜ୍ ନିର୍ମାଣକୁ ନେଇ ବଢ଼ୁଛି ଅସନ୍ତୋଷ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

୫ ବର୍ଷ ବିତିଲା ତଥାପି ସରିନି ୧୪ କୋଟି ଟଙ୍କାର ତେନ୍ତୁଳିଗୁମ୍ମା ପୋଲ ନିର୍ମାଣ, ଏନେଇ ବଢ଼ିଛି ଅସନ୍ତୋଷ। ମାଲକାନଗିରି ଜିଲ୍ଲାରେ ମିଶିବା ପାଇଁ ଚେତାବନୀ ଦେଇଛନ୍ତି ତେନ୍ତୁଳିଗୁମ୍ମା ପଞ୍ଚାୟତବାସୀ। ସେପଟେ ଆଠ ମାସ ମଧ୍ୟରେ ପୋଲ କାର୍ଯ୍ୟ ସରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି କୋରାପୁଟ ଜିଲ୍ଲାପାଳ। ସମସ୍ୟାରେ ବୁଡ଼ିରହି ନିଜ ଅଧିକାର ପାଇଁ ସଂଘର୍ଷ କରୁଛନ୍ତି ବୈପାରୀଗୁଡ଼ା ବ୍ଲକ୍‌ର ସଂଗ୍ରାମ ମାଟି ତଥା ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମ ପୀଠ ତେନ୍ତୁଳିଗୁମ୍ମାର ଲୋକେ। ଏହି ପଞ୍ଚାୟତର ସବୁଠୁ ବଡ଼ ଦୁର୍ଭାଗ୍ୟ ହେଉଛି, ବୈପାରିଗୁଡ଼ା ସଦର ମହକୁମା ଯାଏ ପହଞ୍ଚିବା ପାଇଁ ସିଧାସଳଖ ରାସ୍ତାଟିଏ ନାହିଁ। ବ୍ଲକ୍ ସଦର ମହକୁମା ଯାଏ ଆସିବା ପାଇଁ ପଞ୍ଚାୟତବାସୀଙ୍କୁ ମାଲକାନଗିରି ଜିଲ୍ଲା ଗବିନ୍ଦପାଲୀ ଦେଇ ପ୍ରାୟ ୭୦ କିଲୋମିଟର ବାଟ ଆସିବାକୁ ପଡ଼ିଥାଏ। ଯାହାଫଳରେ ଦିନକର କାମ ପାଇଁ ସେମାନଙ୍କୁ ତିନିଦିନ ନଷ୍ଟ କରିବାକୁ ପଡ଼ିଥାଏ। ତେନ୍ତୁଳିଗୁମ୍ମା ଠାରୁ ଦଣ୍ଡାବାଡ଼ି ଦେଇ ବୈପାରିଗୁଡ଼ା ଯାଏ ରାସ୍ତାଟିଏ ନିର୍ମାଣ କରିବା ପାଇଁ ବହୁବାର ଦାବି ପରେ ଗତ ୨୦୨୧ ମସିହାରେ ୧୪ କୋଟି ଟଙ୍କା ବ୍ୟୟରେ ବିଜୁ ସେତୁ ଯୋଜନାରେ ବ୍ରିଜ୍ କାର୍ଯ୍ୟ ଆରମ୍ଭ ହେଲା କିନ୍ତୁ ଆଜି ପର୍ଯ୍ୟନ୍ତ ଶେଷ ହୋଇପାରୁନାହିଁ। ପ୍ରଶାସନର ଉଦାସୀନତା ହେତୁ ଏହି ପୋଲ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ। ତେନ୍ତୁଳିଗୁମ୍ମା ସମେତ ଆଖପାଖ ଗ୍ରାମଗୁଡ଼ିକର ବହୁବିଧ ସମସ୍ୟା ରହିଥିଲେ ମଧ୍ୟ ସେଥିପ୍ରତି କାହାର ନଜର ନାହିଁ। ସାବରୀ ନଦୀ ଆରପଟେ ଥିବା ସାତ ଖଣ୍ଡ ଗାଁ ଲୋକେ ନୀତି ସଂଘର୍ଷ କରୁଛନ୍ତି। ଏଠାରେ ଭରା ନଈ ପାର ହେବା ପାଇଁ ଦେଶୀ ଡଙ୍ଗା ଏକ ମାତ୍ର ଭରସା। ଜୀବନକୁ ବାଜି ଲଗାଇ ବିପଦସଂକୁଳ ଅବସ୍ଥାରେ ଭଙ୍ଗା ଡଙ୍ଗାରେ ନଦୀ ପାର ହେଉଛନ୍ତି। ଭଙ୍ଗା ଡଙ୍ଗାରେ ପାଣି ଭରିଯାଉଛି। ତଥାପି ବାଧ୍ୟ ହୋଇ ନଦୀ ପାର ହେବାକୁ ପଡୁଛି ବୋଲି କହିଛନ୍ତି ସାତ ଖଣ୍ଡଗାଁ ଲୋକେ। ଏନେଇ ଗତ କିଛି ଦିନ ପୂର୍ବେ ସ୍ଥାନୀୟ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ତେନ୍ତୁଳିଗୁମ୍ମା ପୋଲ ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ସ୍ଥାନୀୟ ପୂର୍ବତନ ସରପଞ୍ଚ ବୁଦ୍ରା ନାୟକ, ଭେଜିନିଗୁଡ଼ା ୱାର୍ଡ ମେମ୍ବର କାଶୀନାଥ ଚଲାଣ, ସ୍ଥାନୀୟ ବୁଦ୍ଧିଜୀବୀ ତିଲୋକ ନାୟକ, ଅର୍ଜୁନ ସଗରିଆଙ୍କ ଭଳି ସାତ ଖଣ୍ଡ ଗାଁ ଲୋକେ ଅଭିଯୋଗ କରିଛନ୍ତି ଯେ, ପୋଲ ନିର୍ମାଣରେ କୋରାପୁଟ ଜିଲ୍ଲା ପ୍ରଶାସନର ଅପାରୋଗତା ଜଳଜଳ ଦେଖାଯାଉଛି। ଅତି ଶୀଘ୍ର ପୋଲ ନିର୍ମାଣ ନହେଲେ ତେନ୍ତୁଳିଗୁମ୍ମା ବାସୀ ମାଲକାନଗିରି ଜିଲ୍ଲାରେ ମିଶିବେ ବୋଲି ତେନ୍ତୁଳିଗୁମ୍ମା ଗସ୍ତରେ ଆସିଥିବା କୋରାପୁଟ ଜିଲ୍ଲାପାଳଙ୍କୁ ଚେତାବନୀ ଦେଇଛନ୍ତି। କାରଣ ସେପଟେ ତେନ୍ତୁଳିଗୁମ୍ମାବାସୀଙ୍କୁ ମାଲକାନଗିରି ପାଖ ଏବଂ ସୁବିଧା ହେବ। ଏନେଇ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜାନ ସମସ୍ୟା ବିଷୟରେ ବୁଝିଛନ୍ତି ଏବଂ ଆସନ୍ତା ଜାନୁଆରୀ ମାସ ସୁଦ୍ଧା ବ୍ରିଜ୍ ନିର୍ମାଣ କାର୍ଯ୍ୟ ଶେଷ କରାଯିବ ବୋଲି ଗାଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ପୋଲ ନିର୍ମାଣ ହେଲେ ନଦୀ ଆରପଟେ ଥିବା ୬ ଖଣ୍ଡ ଗାଁ ତଥା ଭେଜିନିଗୁଡ଼ା, ମାଛାଗୁଡ଼ା, ମାଟିଗୁଡ଼ା, କଣ୍ଟା ବାଉଁସିଆଗୁଡ଼ା, ମାଙ୍କଡ଼ପାଣି ଆଦି ଗାଁରେ ରାସ୍ତା, ପାଣି, ବିଜୁଳି ଭଳି ମୌଳିକ ସୁବିଧା ପହଞ୍ଚିବ। ନିଶ୍ଚିତ ଭାବେ ଶହୀଦ ମାଟିର ଉନ୍ନତି ହେବ ବୋଲି ଜିଲ୍ଲାପାଳ କହିଛନ୍ତି।

## ବେଆଇନ ଇଟାଭାଟି ଯୋଗୁ ପରିବେଶ ପ୍ରଦୂଷଣ ସହ ବଢ଼ୁଛି ତାପମାତ୍ରା

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

କଡ଼ା ନିୟମ ସତ୍ତ୍ୱେ ବେଆଇନ ଭାବେ ଗଢ଼ି ଉଠୁଥିବା ଇଟାଭାଟି ଯୋଗୁ ସ୍ଥାନୀୟ ଅଞ୍ଚଳରେ ପରିବେଶ ପ୍ରଦୂଷଣ ସହ ଉତ୍ତାପ ବୃଦ୍ଧି ପାଉଛି। ଭଣ୍ଡାରୀ ପୋଖରୀ ବ୍ଲକ୍‌ର ୧୦ ଗୋଟି ପଞ୍ଚାୟତ ଅଞ୍ଚଳରେ ବେଆଇନ ଇଟା ବ୍ୟବସାୟ ହୋଇଥାଏ। ସାଧାରଣତଃ ବନ୍ଦାଳ ମଢ଼ିଆଳୀ, ଝୁଟଣୋ, ନରଡ଼ା, ବାଲିପୋଖରୀ, ଷୋଳମପୁର ପ୍ରମୁଖ ପଞ୍ଚାୟତ ଗୁଡ଼ିକରେ ମାତ୍ରାଧିକ ଇଟାଭାଟି ଗଢ଼ି ଉଠିଥିବା ବେଳେ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଅଳ୍ପ ବହୁତ ମାଟି ଇଟା ବ୍ୟବସାୟ ହୋଇଥାଏ। ସ୍ଥାନୀୟ ଅଞ୍ଚଳରେ ଦୈନିକ ପ୍ରାୟ ୨୦ରୁ ଅଧିକ କଞ୍ଚା ଇଟାଭାଟିକୁ କୋଇଲା ଓ କାଠ ଦ୍ୱାରା ଜଳା ଯାଇଥାଏ। ଏଥିରୁ ନିର୍ଗତ ଉତ୍ତାପ ଓ ଧୂଆଁ ସିଧାସଳଖ ସ୍ଥାନୀୟ ବାୟୁ ମଣ୍ଡଳରେ ମିଶିଥାଏ। ଫଳରେ ତାପମାତ୍ରା ବୃଦ୍ଧିରେ ଏହା ସହାୟକ ହେଉଥିବା ପରିବେଶ ପ୍ରେମୀ ମତ ଦେଇଛନ୍ତି। ଲାଭଖୋର ବ୍ୟକ୍ତି ଇଟା ବ୍ୟବସାୟ କରି ଆର୍ଥିକ ଫାଇଦା ଉଠାଉଛନ୍ତି। ଅନ୍ୟ ପକ୍ଷରେ ବାୟୁମଣ୍ଡଳ ଦୂଷିତ ହେବାସହ ତାପମାତ୍ରା ବୃଦ୍ଧି ପାଉଛି ବୋଲି କୁହାଯାଇଛି। ଅଭିଯୋଗ ହେଲେ ତହସିଲ କର୍ତ୍ତୃପକ୍ଷ ଚଢ଼ଉ କରୁଛନ୍ତି ଓ ଜରିମାନା ଆଦାୟ କରୁଛନ୍ତି। ମାତ୍ର ଏହି ସମସ୍ୟାର ସମାଧାନ ପାଇଁ ପରିବେଶ ବିଭାଗ କିମ୍ବା ରାଜସ୍ୱ ପ୍ରଶାସନ ସେପରି କୌଣସି କଡ଼ା ପଦକ୍ଷେପ ଗ୍ରହଣ କରୁନଥିବା କାରଣରୁ ଏହି କାରବାର କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି ବୋଲି ସ୍ଥାନୀୟ ଜନସାଧାରଣ ମତ ଦେଇଛନ୍ତି।



# ସରକାରୀ ନିୟମକୁ ଫୁଁ : ବାଲି ମାଫିଆଙ୍କ ଚରାଭୂଇଁ ପାଲଟିଛି ବୈତରଣୀ

**ଚମ୍ପୁଆ, ନ୍ୟୁଜ୍‌ବ୍ୟୁରୋ**

ବୈତରଣୀ ନଦୀରୁ ରାତିଦିନ ବେଧଡ଼କ ହେଉଛି ଚୋରା ବାଲି ଚାଲାଣ। କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ସରକାର। ତଥାପି କାହିଁକି ନିରବଦ୍ରଷ୍ଟା ସାଜିଛି ପ୍ରଶାସନ। ଏହି ବାଲି ମାଫିଆଙ୍କ ପଛରେ କିଏ, କାହା ସାହସରେ ଚଳାଇଛନ୍ତି ମାଫିଆ ରାଜ୍ ? ଏମିତି ଅନେକ ପ୍ରଶ୍ନ ଏବେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଘୁରି ବୁଲୁଛି। ଖବର ଅନୁସାରେ, ରାଜ୍ୟ ସରକାର ସ୍ୱଚ୍ଛ ଶାସନର ଦାବି କରୁଥିବା ବେଳେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ଅଞ୍ଚଳରେ ବୈତରଣୀ ନଦୀ ସାଜିଛି ବାଲି ମାଫିଆଙ୍କ ଚରାଭୂଇଁ। ବାରିଆ ଥାନା ଅଧୀନ ଉଚ୍ଚବାଲି ପଞ୍ଚାୟତର ମାଳିପଶି ଗ୍ରାମ ଏବଂ ଜ୍ୟୋତିପୁର ଘାଟରେ ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ଚାଲିଛି ବେଆଇନ ବାଲିର କଳା କାରବାର। ୨୦୨୨-୨୩ ମସିହାରୁ ଜ୍ୟୋତିପୁର ବାଲି ଘାଟକୁ ସରକାରୀ ନିଲାମ ଦିଆଯାଇଥିବା ବେଳେ ଲିଜ୍‌ଧାରୀ ଜଣକ ନିଜ ସୀମା ଭିତରେ ବାଲି ଉତ୍ତୋଳନ ନକରି ମାଳିପଶି ଗ୍ରାମର ସଞ୍ଚିତ ବାଲିକୁ ଜୋର-ଜବରଦସ୍ତ ଲୁଟ୍ କରୁଥିବା ଅଭିଯୋଗ ହୋଇଛି।

କେବଳ ସେତିକି ନୁହେଁ, ପଡ଼ୋଶୀ ମୟୂରଭଞ୍ଜ ଜିଲ୍ଲା ଆଦିପୁର ଗ୍ରାମ ସୀମାପଟୁ ମଧ୍ୟ ବାଲି ଚୋରି ଜାରି ରହିଛି। ଆଶ୍ଚର୍ଯ୍ୟର କଥା, ସବୁ ଜାଣିଶୁଣି ମଧ୍ୟ ଖଣି ବିଭାଗ ଓ ସ୍ଥାନୀୟ ପ୍ରଶାସନ ଘୁଙ୍ଗୁଡ଼ି ମାରି ଶୋଇଛି। ଉଚ୍ଚବାଲି ପଞ୍ଚାୟତର ପାନୀୟ ଜଳ ଯୋଗାଣ ନିମନ୍ତେ ବୈତରଣୀ ନଦୀରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି 'ବସୁଧା' ପ୍ରକଳ୍ପ ମାଧ୍ୟମରେ ୯ଟି ଗ୍ରାମକୁ ପାଣି ସଂଯୋଗ କରାଯାଇଥିଲା। ମାତ୍ର ନିଲାମଧାରୀଙ୍କ ଦ୍ୱାରା ନଦୀଶଯ୍ୟାରୁ ବେଆଇନ ଭାବେ ନଦୀର ସ୍ରୋତକୁ ବଦଳାଇ ଅତି ଗଭୀରରୁ ବାଲି ଉତୋଳନ କରାଯିବା ଫଳରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ରୂପେ ଠପ୍ ହୋଇଯାଇଛି। ଗ୍ରାମବାସୀଙ୍କୁ ବୁନ୍ଦାଏ ପିଇବା ପାଣି ପାଇଁ ୧ ରୁ ୨ କିଲୋମିଟର ଦୂରକୁ ଦଉଡ଼ିବାକୁ ପଡୁଛି। ସରକାରୀ ନିୟମ ଅନୁସାରେ, ନଦୀର ପୋଲ, ବନ୍ଧ ଓ ଜଳସେଚନ ପ୍ରକଳ୍ପର ୨୦୦ ରୁ ୫୦୦ ମିଟର ଭିତରେ ବାଲି ଉଠାଇବା ମନା, କିନ୍ତୁ ଏଠି ସେହି ନିୟମର ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ବାଲି ପରିବହନ ପାଇଁ ସରକାର ସ୍ୱତନ୍ତ୍ର ରାସ୍ତା ଧାର୍ଯ୍ୟ କରିଥିଲେ ମଧ୍ୟ ମାଫିଆମାନେ ନିଜ ମନମୁଖୀ କାର୍ଯ୍ୟ କରି ଗ୍ରାମ୍ୟ ଜଙ୍ଗଲର ଗଛ କାଟି ନୂଆ ରାସ୍ତା ବନାଇଛନ୍ତି। ଚାଷୀଙ୍କ ସୁନା ଫସଲ ହେଉଥିବା ଚାଷ ଜମି ଉପରେ ଦାଦାଗିରି କରି ବାଲି ଗାଡ଼ି ଚଲାଉଛନ୍ତି, ଯାହାଦ୍ୱାରା ଏକର ଏକର ଚାଷ ଜମି ନଷ୍ଟ ହେବାରେ ଲାଗିଛି। ଯେତେବେଳେ ସ୍ଥାନୀୟ ଚାଷୀ ଏହାକୁ ବାରଣ କରୁଛନ୍ତି, ସେତେବେଳେ ଲିଜ୍‌ଧାରୀ ଓ ତାଙ୍କ ଗୁଣ୍ଡାବାହିନୀ ସେମାନଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଉଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ସରକାରୀ ଗାଇଡ୍‌ଲାଇନ୍‌କୁ ଦେଖିଲେ ଏହି ଘାଟରେ ପ୍ରତି ପାଦରେ ଆଇନ ଭଙ୍ଗ ହେଉଥିବା ପରିଲକ୍ଷିତ ହେଉଛି। ବାଲି ଉତ୍ତୋଳନ କେବଳ ଦିନ ସମୟରେ (ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ) ହେବା କଥା ରାତିରେ ସମ୍ପୂର୍ଣ୍ଣ ନିଷେଧ। କିନ୍ତୁ ଏଠାରେ ଦିନରାତି ବାଲି ଲୁଟ୍ ଚାଲିଛି। ଜେସିବି କିମ୍ବା ବଡ଼ ପୋକ୍ଲିନ ମେସିନ ସାହାଯ୍ୟରେ ଗଭୀର ଖନନ ବାରଣ ଥିବା ସତ୍ତ୍ୱେ ବେଆଇନ ଭାବେ ବଡ଼ ବଡ଼ ମେସିନ ଲଗାଇ ଭୂତଳ ଜଳସ୍ତରଠାରୁ ଅଧିକ ଗଭୀରତାକୁ ଖୋଳି ଦିଆଯାଉଛି। ରାସ୍ତାରେ ପ୍ରଦୂଷଣ ରୋକିବାକୁ ପାଣି ସିଞ୍ଚନ, ଗାଡ଼ିରେ ତ୍ରିପାଲ ଢାଙ୍କିବା, ଜିପିଏସ୍, ଓଜନ ମେସିନ ଏବଂ ପ୍ରବେଶ ପଥରେ ଲାଇଭ୍ ସିସିଟିଭି କ୍ୟାମେରା ବାଧ୍ୟତାମୂଳକ। କିନ୍ତୁ ଏସବୁ କୌଣସି ଗୋଟିଏ ବି ନିୟମ ଏଠାରେ ପାଳନ ହେଉ ନଥିବା ଦେଖିବାକୁ ମିଳୁଛି। ବିନା ସରକାରୀ ରସିଦରେ ୧୦/୧୨ ଚକିଆ ଟ୍ରକ୍ ଯୋଗେ ବାଲି ଚାଲାଣ କରି ଓଡ଼ିଶା ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି କରାଯାଉଛି। ନିୟମର ଖୋଲା ଉଲ୍ଲଂଘନ କରୁଥିବା ଏହି ମାଫିଆଙ୍କ ପଛରେ କେଉଁ ପ୍ରଭାବଶାଳୀ ନେତା ବା ସରକାରୀ ଅଧିକାରୀଙ୍କ ହାତ ରହିଛି ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେବେ ଏହି ସାଙ୍ଘାତିକ ବେଆଇନ କାର୍ଯ୍ୟ ବିରୋଧରେ ମାଳିପଶି ଗ୍ରାମବାସୀ ଏକତ୍ରିତ ହୋଇ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ପତ୍ରର ନକଲ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ, କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ, କେନ୍ଦୁଝର ବନଖଣ୍ଡ ଅଧିକାରୀ, ଚମ୍ପୁଆ ଉପଜିଲ୍ଲାପାଳ, ଚମ୍ପୁଆ ତହସିଲଦାର ଏବଂ ଖଣି ଉପନିର୍ଦ୍ଦେଶକଙ୍କୁ ମଧ୍ୟ ପ୍ରେରଣ କରାଯାଇଛି।

ଏ ସମ୍ପର୍କରେ ଭାରପ୍ରାପ୍ତ ଖଣି ନିର୍ଦ୍ଦେଶକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଅଭିଯୋଗକୁ ଅନୁଧ୍ୟାନ କରାଯାଇଛି ଏବଂ ସ୍ଥିତିର ମିଳିତ ଯାଞ୍ଚ୍ କରିବା ପାଇଁ ଚମ୍ପୁଆ ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଦେଖିବାକୁ ବାକି ରହିଲା ଜିଲ୍ଲା ପ୍ରଶାସନ ତଦନ୍ତ ନାମରେ କେବଳ ସମୟ ଗଡ଼ାଉଛି ନା ସ୍ଥାନୀୟ ଚାଷୀ ଓ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରୁଛି।

# ଜବତ ବଢ଼ିଲେବି କମୁନି ଗଞ୍ଜେଇ ବେପାର

**ଭଞ୍ଜନଗର, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲାରୁ ଅଧିକାଂଶ ସମୟ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଦେଇ ବିପୁଳ ପରିମାଣର ଗଞ୍ଜେଇ ରାଜ୍ୟର ବିଭିନ୍ନ ଅଞ୍ଚଳ ଏବଂ ରାଜ୍ୟ ବାହାରକୁ ଚୋରା ଚାଲାଣ ହେଉଛି। ଅନେକ ସମୟରେ ଭଞ୍ଜନଗର ପୋଲିସ ଏବଂ ଅବକାରୀ ବିଭାଗ ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ ମଧ୍ୟ କରୁଛି। ତଥାପି ଚୋରା ଗଞ୍ଜେଇ ବେପାର କମିବାକୁ ନାହିଁ। ଚୋରା ଗଞ୍ଜେଇ ଅଧିକାଂଶ ସମୟ ଭଞ୍ଜନଗର ଦେଇ ରାଜ୍ୟ ବାହାରକୁ ଚାଲାଣ ହେଉଛି। ଏହିଭଳି କନ୍ଧମାଳ ଜିଲ୍ଲାର ଦୁଇଜଣ ଅଭିଯୁକ୍ତ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅର୍ନ୍ତଗତ ଭେରଦା ରାସ୍ତାରେ କାରରେ ଯାଉଥିଲେ। ଏନେଇ ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନା କୌଣସି ସୂତ୍ରରୁ ସୂଚନା ପାଇ ଉକ୍ତ ଦୁଇ ଯୁବକଙ୍କୁ ଠାବ କରି ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଏସଆଇ ଲକ୍ଷ୍ମୀଧର ମହାନ୍ତି ଏବଂ ଅନ୍ୟ ଷ୍ଟାଫ ଅଭିଯୁକ୍ତ ଦ୍ୱୟଙ୍କୁ ଭେରେଡ଼ା ନିକଟରେ ଦୁଇଟି ବସ୍ତା ଧରି ଠିଆ ହୋଇଥିବା ଦେଖିଥିଲେ। ଏହାପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଯାଞ୍ଚ କରିବାରୁ ସେମାନଙ୍କ ନିକଟରୁ ୪୫ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ ହୋଇଥିଲା। ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଭଞ୍ଜନଗର ଅତିରିକ୍ତ ତହସିଲଦାର ଅବିନାଶ କୁମାର ମାହାର ଥିଲେ। ଏଥିସହ ଗୋଟିଏ କାର୍ ଓ ୧ ହଜାର ଟଙ୍କା ଜବତ ହୋଇଛି। ଗିରଫ ଦୁଇଜଣ ହେଲେ କନ୍ଧମାଳ ଜିଲାର ସିଦ୍ଧାର୍ଥ ନାୟକ ଓ ଦେବେନ୍ଦ୍ର ଦିଗାଲ। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।




# ମହିଳା ସୁରକ୍ଷା ସୁନିଶ୍ଚିତ କରିବା ଆମର ଦାୟିତ୍ୱ:ଏସ୍‌ପି

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ମହିଳା ସୁରକ୍ଷା ସୁନିଶ୍ଚିତ କରିବା ଆମର ସର୍ବୋଚ୍ଚ ପ୍ରାଥମିକତା ରହିବ ଏବଂ ମହିଳା ବିରୋଧୀ ଅପରାଧକୁ ଦୃଢ଼ ହସ୍ତରେ ଦମନ କରାଯିବ ବୋଲି ବରଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରବୀନ୍ଦ୍ର ଶତପଥୀ ବରଗଡ଼ ମହିଳା ସମିତି ସହ ସୌଜନ୍ୟମୂଳକ ଆଲୋଚନାରେ ପ୍ରକାଶ କରିଛନ୍ତି। ଏହି ଅବସରରେ ସେ କହିଥିଲେ ଯେ, ଜିଲ୍ଲାରେ ଏକ ସୁରକ୍ଷିତ ପରିବେଶ ନିର୍ମାଣ ଏବଂ ବିଶ୍ୱାସ ବୃଦ୍ଧି କରିବା ପୋଲିସ ବିଭାଗର ପ୍ରମୁଖ ପଦକ୍ଷେପ ଏବଂ ଏଥିପାଇଁ ନିଷ୍ଠାର ସହ ଆମେ କାମ କରିବୁ ବୋଲି ଦର୍ଶାଇ ଅପରାଧ ତତ୍ୱଙ୍କୁ ଦମନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବରଗଡରେ ଏକ ମହିଳା ଥାନାର ଜରୁରୀ ଆବଶ୍ୟକତା ଥିବା ସମିତିର ଦୀର୍ଘ ଦିନର ଦାବି ପ୍ରତି ତାଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ମହିଳା ଥାନା ନିଶ୍ଚିତ ଭାବେ ସ୍ଥାପିତ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବରଗଡ଼ ମହିଳା ସମିତିର ସଭାନେତ୍ରୀ ମନ୍ଦାକିନୀ ପତିଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ସମ୍ପାଦିକା ରିନୁ ପତି, ମମତା ମିଶ୍ର, ରାଧାରାଣୀ ମିଶ୍ର, ଇନ୍ଦ୍ରାଣୀ ଶତପଥୀ, ଜୟନ୍ତୀ ପ୍ରଧାନ, ମୀନାକ୍ଷୀ କର, ଦିବ୍ୟକାନ୍ତୀ ଭୋଇ ଓ ମୀନା ପଣ୍ଡା ପ୍ରମୁଖ ସାମିଲ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସମିତି ପକ୍ଷରୁ ଏସ୍‌ପି ଶ୍ରୀ ଶତପଥୀଙ୍କୁ ସମିତି ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ସାମ୍ବାଦିକମାନଙ୍କୁ ୧୦ ହଜାର ଟଙ୍କାର ପେନ୍‌ସନ୍ ପାଇଁ ବଜେଟ୍‌ରେ ବ୍ୟବସ୍ଥା କରାଯାଉ:ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**




କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ମାସିକ ୧୦ ହଜାର ଟଙ୍କାର ଅଂଶଧନ ମୂଳକ ପେନ୍‌ସନ୍ ପାଇଁ ପ୍ରାୟ ୧୦ କୋଟି ଟଙ୍କାର ମୂଳପାଣ୍ଠି ସୃଷ୍ଟି ପାଇଁ ଆଗାମୀ ଅତିରିକ୍ତ ବଜେଟ୍‌ରେ ବ୍ୟବସ୍ଥା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଦୃଷ୍ଟି ଦେବାକୁ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲଚନ୍ଦ୍ର ଘଡାଇ ପ୍ରସ୍ତାବ ଦେବା ସହ ଯୁବସାମ୍ବାଦିକ ମାନେ ଏକାଠି ହୋଇ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ପାଇଁ ଆହ୍ୱାନ୍ ଦେଇଥିଲେ। ଓଡ଼ିଶା ପ୍ରେସ୍ ଏକାଡେମୀର ୩୨ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ନିଜର ମତପ୍ରକାଶ କରିଥିଲେ । ଉତ୍ସବରେ ମୁଖ୍ୟବକ୍ତା ଭାବେ ରାଜ୍ୟ ବିଧାନସଭାର ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା କହିଲେ ଯେ ରାଜ୍ୟ ସରକାର ବର୍ତ୍ତମାନ ସୁଦ୍ଧା କର୍ମଜୀବୀ ସାମ୍ବାଦିକ ମାନଙ୍କର ଗଣନା ଓ ଅଂଶଧନମୂଳକ ପେନ୍‌ସନ୍ କରିପାରିନାହାନ୍ତି । ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶ୍ରମ ବିଭାଗର ମିଳିତ ଉଦ୍ୟମରେ ଏହି କାର୍ଯ୍ୟ ଆଗେଇ ଦେବାପାଇଁ ସରକାର ପଦକ୍ଷେପ ଗ୍ରହଣ ଜରୁରୀ ହୋଇପଡିଛି । ସରକାର ଖୁବ୍‌ଶୀଘ୍ର ଓଡ଼ିଶା ପ୍ରେସ୍ ଏକାଡେମୀକୁ ଏହାର ନୋଡାଲ୍ ଏଜେନ୍ସି ଭାବେ ନିଯୁକ୍ତି ଦେବାର ଆବଶ୍ୟକତା ରହିଛି । ଅନ୍ୟତମ ସମ୍ମାନିତ ଅତିଥି ଭାବେ ସମାଜର ପୂର୍ବତନ ମୁଖ୍ୟ ପରିଚାଳକ ସୁରେଶ ଚନ୍ଦ୍ର ମନ୍ତ୍ରୀ ଯୋଗଦେଇ କହିଲେ ଯେ ସାମ୍ବାଦିକମାନଙ୍କୁ ନିର୍ଭିକ ଭାବେ କାର୍ଯ୍ୟ କରିବାକୁ ହେଲେ ସେମାନଙ୍କୁ ଆର୍ଥିକ ଦିଗରେ ମଜଭୁତ୍ ହେବାର ଆବଶ୍ୟକତା ରହିଛି । ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଟୁଡେର ସମ୍ପାଦକ ଅବିନାଶ ମିଶ୍ର, ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ଜେନା, ବରିଷ୍ଠ ସାମ୍ବାଦିକ ରବିରାୟ ସାମ୍ବାଦିକ ମାନଙ୍କର ବିଭିନ୍ନ ଅସୁବିଧା ଓ ବାଧାବିଘ୍ନ ଦିଗରେ ରେଖାପାତ କରିଥିଲେ । ଏହି ଅବସରରେ ଓଡ଼ିଶା ଟୁଡେର ସମ୍ପାଦକ ଅବିନାଶ ମିଶ୍ରଙ୍କ ୫୫ତମ ଜନ୍ମଦିବସ ପାଳନ କରାଯାଇଥିଲା ଓ ଶୁଭେଚ୍ଛା ଜ୍ଞାପନ ସହ ଦୀର୍ଘ ଜୀବନକାମନା କରାଯାଇଥିଲା। ଏହି ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ କିଛି ଯୁବ ସାମ୍ବାଦିକଙ୍କୁ ଡିପ୍ଲୋମା ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ଓଡ଼ିଶା ପ୍ରେସ୍ ଏକାଡେମୀର ଅଧ୍ୟକ୍ଷ ସଂଜୟ କୁମାର ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ ପରେ ଓଡ଼ିଶା ପ୍ରେସ୍ ଏକାଡେମୀର ଉପାଧ୍ୟକ୍ଷ ସୁଜ୍ଞାନ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ପାଳନ କରାଯାଇଥିଲା। ଶେଷରେ ଓଡ଼ିଶା ପ୍ରେସ୍ ଏକାଡେମୀର ସମ୍ପାଦିକା ରୀତାଞ୍ଜଳି ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।



# ବେଆଇନ୍ ବାଲି ଚାଲାଣ ବେଳେ ମେସିନ୍ ଜବତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ବାଲି ଖାଦାନରେ ମନ ମୁତାବିକ ଚୋରା ବାଲି ମାଟି ଚାଲାଣ ହେଉଥିବାବେଳେ ଅଧିକାରୀମାନେ ଜାଣି ଶୁଣି ନିରବ ରହୁଛନ୍ତି। କେନ୍ଦ୍ରାପଡା ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ମଙ୍ଗଳବାର ଭୋର୍ ୩ଟା ସମୟରେ ତୁଣ୍ଡୁପୁର ବାଲି ଖାଦାନରେ ବେଆଇନ୍ ଭାବେ ହାଇୱା ଗାଡିରେ ବାଲି ଲୋଡ୍ ହେଉଥିବା ସମୟରେ ଏକ ପୋକ୍‌ଲିନ୍ ମେସିନ୍‌କୁ ଜବତ କରି ସଦରଥାନା ଅଧିକାରୀଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ତେବେ ବାଲି ଖାଦାନ ଗୁଡିକରେ ମାଫିଆମାନେ ଅଧିକାରୀମାନଙ୍କୁ ହାତ କରି ଦୈନିକ ଲକ୍ଷେ ଲକ୍ଷେ ଟଙ୍କା ଚୋରା ବାଲି ବିକି ଆୟ କରୁଛନ୍ତି। ଏହି ଚଢଉ ସମୟରେ ଉପଜିଲ୍ଲାପାଳଙ୍କ ସହିତ ଡେରାବିଶର ଅତିରିକ୍ତ ତହସିଲଦାର ଓ ସହକାରୀ ଖଣି ଅଧିକାରୀ ଉପସ୍ଥିତ ଥିଲେ।

# ଆଦାନୀ ଫାଉଣ୍ଡେସନ୍ ପକ୍ଷରୁ କର୍କଟରୋଗୀଙ୍କ ଚିକିତ୍ସା ପାଇଁ ସହାୟତା



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଆଦାନୀ ଗ୍ରୁପର ସିମେଣ୍ଟ ଓ କୋଠା ନିର୍ମାଣ ଉପକରଣ କମ୍ପାନୀ ଏସିସି ପକ୍ଷରୁ ଆଦାନୀ ଫାଉଣ୍ଡେସନ୍‌ର ମେରୀ ସଙ୍ଗିନୀ, ମେରି ମାର୍ଗଦର୍ଶିକା (ଏମ୍‌ଏସ୍‌ଏମ୍‌ଏସ୍) କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶାର ବରଗଡ଼ ଜିଲ୍ଲାରେ ସରକାରୀ ସ୍ୱାସ୍ଥ୍ୟସେବା ଅଧିକାର କେବଳ କାଗଜପତ୍ରରେ ସୀମିତ ନରହି କିଭଳି ତାହାକୁ ଆବଶ୍ୟକ କରୁଥିବା ଲୋକମାନଙ୍କ ପାଖରେ ସେମାନେ ଚାହୁଁଥିବା ସମୟରେ ପହଞ୍ଚିବ ତାହାକୁ ନିଶ୍ଚିତ କରାଯାଉଛି। ଓଡ଼ିଶାର ବରଗଡ଼ ଜିଲ୍ଲାର ୮୧ ବର୍ଷୀୟ ମୂରଲୀ ମେହେର ପାଉଥିବା ପେନ୍‌ସନ୍ ରାଶିକୁ ନେଇ ଚଳୁଛନ୍ତି ଯାହା ତାଙ୍କ ମୌଳିକ ଆବଶ୍ୟକତା ପୂରଣ କରିବାକୁ ମଧ୍ୟ ଯଥେଷ୍ଟ ନୁହେଁ। ଏକ ସରକାରୀ ହସ୍ପିଟାଲ୍‌ରେ ଚିକିତ୍ସା ସତ୍ତ୍ୱେ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଅବନତି ହେବାରୁ ତାଙ୍କ ପରିବାର ଲୋକେ ବେଶ୍ ଚିନ୍ତିତ ହୋଇପଡ଼ିଥିଲେ। କିଛି ଅଭାବନୀୟ ସ୍ଥିତି ସୃଷ୍ଟି ହେଲେ କେଉଁଠୁ ଟଙ୍କା ଆଣି ଚିକିତ୍ସା କରିବା ପ୍ରଶ୍ନ ସେମାନଙ୍କ ସାମ୍ନାରେ ଠିଆ ହୋଇଥିଲା। ସେ 'ବାସାର ସେଲ୍ କାର୍ସିନୋମା'ରେ ପୀଡ଼ିତ ଥିଲେ। ବିନା ଚିକିତ୍ସାରେ ତାଙ୍କ ଭବିଷ୍ୟତ ଅନିଶ୍ଚିତ ଥିଲା। ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସା କରାଇବା ସେମାନଙ୍କ ସାମର୍ଥ୍ୟ ବାହାରେ ଥିଲା। ସେହି ସମୟରେ ତାଙ୍କୁ ସାହାଯ୍ୟ କରିବାକୁ ଆଦାନୀ ଫାଉଣ୍ଡେସନ୍‌ର ସଙ୍ଗିନୀ ଆଗେଇ ଆସିଥିଲା। ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ ସଙ୍ଗିନୀ ପାଇଁ କାମ କରୁଥିବା ଜଣେ ଗୋଷ୍ଠୀ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ତାହା କରିଥିଲେ ଯାହା ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କରିପାରିନଥିଲା। ସେ ତାଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସ୍ଥିତି ବୁଝିଥିଲେ ଏବଂ ଏକ ସ୍ପଷ୍ଟ ବାଟ ବାହାର କରିବାକୁ ସେମାନଙ୍କୁ ସାହାଯ୍ୟ କରିଥିଲେ। ମୂରଲୀଙ୍କ ପାଖରେ ଆୟୁଷ୍ମାନ୍ କାର୍ଡ ଥିଲା । କିନ୍ତୁ ତାକୁ କିଭଳି ବ୍ୟବହାର କରାଯିବ ତାହା ତାଙ୍କୁ ଜଣାନଥିଲା। ସେ ପାଇବାକୁ ହକ୍‌ଦାର୍ ଥିବା ଚିକିତ୍ସା ମଝିରେ ଆୟୁଷ୍ମାନ୍ କାର୍ଡକୁ ବ୍ୟବହାର କରିବା ପାଇଁ ଆବଶ୍ୟକ ଜ୍ଞାନ ଓ କାଗଜପତ୍ର ପାଚେରୀ ଭାବେ ଠିଆ ହୋଇଥିଲା। ତାଙ୍କ ମାର୍ଗଦର୍ଶନରେ ମୂରଲୀ ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ ଓ ତାଙ୍କ ପାଇଁ ଦରକାର ଥିବା ସବୁ ଚିକିତ୍ସା ହାସଲ କରିଥିଲେ। ସମସ୍ତ ୧.୧୮ ଲକ୍ଷ ଟଙ୍କାର ଚିକିତ୍ସା ଖର୍ଚ୍ଚ ଆୟୁଷ୍ମାନ୍ କାର୍ଡ ଜରିଆରେ ହୋଇଥିଲା। ନିର୍ଦ୍ଦିଷ୍ଟ ପରିମାଣର ପେନ୍‌ସନ୍ ପାଉଥିବା ଜଣେ ୮୧ ବର୍ଷୀୟ ଲୋକ ଓ ସେମାନଙ୍କ ପରିବାର ପାଇଁ ତାହା ଏକ ବଡ଼ ଉପଲବ୍ଧି ଥିଲା। ତାହା ହେଉଛି ଜୀବନ ଓ ଅସମ୍ଭବ ପସନ୍ଦ ମଧ୍ୟରେ ଭିନ୍ନତା। ମୂରଲୀଙ୍କ କାହାଣୀ ଆମକୁ ଏହି କଥା ମନେ ପକାଇ ଦେଉଛି ଯେ ଭାରତରେ ସ୍ୱାସ୍ଥ୍ୟସେବା ଉପଲବ୍ଧତାର ଅର୍ଥ ନୁହେଁ ତାହା ସବୁବେଳେ ବୁଝିହୁଏ ଓ ସବୁ ଲୋକଙ୍କ ପାଖରେ ପହଞ୍ଚିପାରେ। ଲୋକମାନେ କିଛି ଲୋକ ଖୋଜନ୍ତି ଯେଉଁମାନେ ତାଙ୍କୁ ସେଥିରେ ସାହାଯ୍ୟ କରନ୍ତି। ବରଗଡ଼ରେ ସେହି ସହାୟକ ହେଉଛି ଆଦାନୀ ଫାଉଣ୍ଡେସନ୍‌ର ସଙ୍ଗିନୀ।

# ପି.ଆର୍.ଏମ୍ ମେଡିକାଲ୍ କଲେଜ ଏବଂ ନୂତନ ହସ୍ପିଟାଲ୍‌କୁ ତୁରନ୍ତ ସ୍ଥାନାନ୍ତରିଣ ପାଇଁ ବିଜେଡ଼ିର ଦାବି

**ବାରିପଦା, ନ୍ୟୁଜ୍ ବ୍ୟୁରୋ**



ପି.ଆର୍.ଏମ୍. ମେଡିକାଲ୍ କଲେଜ ଏବଂ ନୂତନ ହସ୍ପିଟାଲ୍‌କୁ ତୁରନ୍ତ ସ୍ଥାନାନ୍ତରିତ କରି କାର୍ଯ୍ୟକ୍ଷମ କରିବା ଦାବିରେ ବିଜୁ ଜନତା ଦଳ, ବାରିପଦା ନିର୍ବାଚନ ମଣ୍ଡଳୀ ପକ୍ଷରୁ ଜିଲ୍ଲା ପ୍ରଶାସନଙ୍କ ନିକଟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ବିଜୁ ଜନତା ଦଳର ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ସାନନ୍ଦ ମାର୍ଣ୍ଡି ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଏହି ପ୍ରସଙ୍ଗରେ ଦଳର ଦାବି ଓ ଜନସାଧାରଣଙ୍କ ଉଦ୍‌ବେଗ ସମ୍ପର୍କରେ ଅବଗତ କରାଇଥିଲେ। ସେ ୧୫ ଦିନ ମଧ୍ୟରେ ହସ୍ପିଟାଲ୍‌କୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ନକରାଗଲେ ଗଣଆନ୍ଦୋଳନ ଆରମ୍ଭ ହେବ ବୋଲି ଚେତାବନୀ ଦେଇଛନ୍ତି। ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ଥିବା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ୍ କଲେଜକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱରେ ସ୍ଥାପନା କରାଯାଇଥିଲା। ଏହି ପ୍ରକଳ୍ପ ପାଇଁ ପ୍ରଥମ ପର୍ଯ୍ୟାୟରେ ୧୮୫ କୋଟି ଟଙ୍କା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୨୪୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ୨୦୨୪ ମସିହାରେ ନୂତନ ହସ୍ପିଟାଲ୍ ଭବନକୁ ଲୋକାର୍ପଣ କରାଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ଏହା ସମ୍ପୂର୍ଣ୍ଣ ଭାବେ ଜନସାଧାରଣଙ୍କ ସେବାରେ ନିୟୋଜିତ ହୋଇପାରିନାହିଁ। ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ନିଜର ମତ ରଖିବା ବେଳେ ଶ୍ରୀ ମାର୍ଣ୍ଡି କହିଥିଲେ ଯେ, ମେଡିକାଲ୍ କଲେଜ ସଂଲଗ୍ନ ନୂତନ ହସ୍ପିଟାଲ୍‌ର ନିର୍ମାଣ କାର୍ଯ୍ୟ ଓ ଭିତ୍ତିଭୂମି ପ୍ରାୟ ସମ୍ପୂର୍ଣ୍ଣ ହୋଇସାରିଥିବା ସତ୍ତ୍ୱେ ଏହାକୁ କାର୍ଯ୍ୟକ୍ଷମ ନକରାଯିବା ଜିଲ୍ଲାବାସୀଙ୍କ ସହ ଏକପ୍ରକାର ଅବହେଳା। ସେ ଆହୁରି କହିଥିଲେ ଯେ, ହସ୍ପିଟାଲ୍ କର୍ତ୍ତୃପକ୍ଷ ଗଣମାଧ୍ୟମରେ ରଙ୍ଗମରା କାମ ସରିଯାଇଛି। ମୁଖ୍ୟମନ୍ତ୍ରୀ ସମୟ ଦେଲେ ଉଦ୍ଘାଟନ ହୋଇ କାର୍ଯ୍ୟକ୍ଷମ ହେବ ବୋଲି ବୟାନ ଦେବା ଅତ୍ୟନ୍ତ ଦୁଃଖଦାୟକ। ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ କେବଳ ଉଦ୍ଘାଟନ ସମୟ ଅପେକ୍ଷାରେ ଅଟକାଇ ରଖିବା କୌଣସି ପ୍ରକାରେ ଗ୍ରହଣୀୟ ନୁହେଁ ବୋଲି ସେ ମତ ପ୍ରକାଶ କରିଥିଲେ। ଶ୍ରୀ ମାର୍ଣ୍ଡି କହିଛନ୍ତି ଯେ, ମୟୂରଭଞ୍ଜ ଭଳି ଏକ ବୃହତ୍ ଆଦିବାସୀ ଅଧୁଷିତ ଜିଲ୍ଲାରେ ଉନ୍ନତ ଚିକିତ୍ସା ସୁବିଧାର ଆବଶ୍ୟକତା ଅତ୍ୟନ୍ତ ଜରୁରୀ। କିନ୍ତୁ ବିଭିନ୍ନ ସମୟରେ ରୋଗୀମାନଙ୍କୁ କଟକ, ଭୁବନେଶ୍ୱର ଏବଂ ଅନ୍ୟାନ୍ୟ ବଡ଼ ହସ୍ପିଟାଲକୁ ରେଫର୍ କରାଯାଉଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଏହି ମେଡିକାଲ୍ କଲେଜକୁ 'ରେଫର୍ ହସ୍ପିଟାଲ୍' ବୋଲି କହିବାର ପ୍ରବଣତା ବଢ଼ିଛି। ଏଭଳି ଟ୍ୟାଗ୍‌ଲାଇନ୍ ଏକ ମେଡିକାଲ୍ କଲେଜ ପାଇଁ ଅତ୍ୟନ୍ତ ଲଜ୍ଜାଜନକ ବିଷୟ ବୋଲି ସେ କହିଛନ୍ତି। ଏହି ଅବସରରେ ଶ୍ରୀ ମାର୍ଣ୍ଡି କ୍ଷୋଭ ପ୍ରକାଶ କରି କହିଥିଲେ, ମୟୂରଭଞ୍ଜବାସୀଙ୍କ ଧୈର୍ଯ୍ୟର ପରୀକ୍ଷା ଆଉ ବନ୍ଦ କରନ୍ତୁ। ନୂତନ ହସ୍ପିଟାଲ୍‌କୁ ତୁରନ୍ତ ଖୋଲି ସାଧାରଣ ଲୋକଙ୍କ ସେବାରେ ନିୟୋଜିତ କରନ୍ତୁ, ନଚେତ୍ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ। ବିଜୁ ଜନତା ଦଳ ପକ୍ଷରୁ ଦାବି କରାଯାଇଛି ଯେ, ତୁରନ୍ତ ଆବଶ୍ୟକୀୟ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଯନ୍ତ୍ରପାତି ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧା ଯୋଗାଇ ନୂତନ ହସ୍ପିଟାଲ୍‌କୁ ସାଧାରଣ ଲୋକଙ୍କ ସେବା ପାଇଁ ଖୋଲାଯାଉ। ଅନ୍ୟଥା ଆଗାମୀ ୧୫ ଦିନ ମଧ୍ୟରେ ଦୃଶ୍ୟମାନ ପଦକ୍ଷେପ ଗ୍ରହଣ ନକରାଗଲେ ବିଜେଡି ପକ୍ଷରୁ ବ୍ୟାପକ ଜନଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ପ୍ରତିନିଧିମଣ୍ଡଳୀରେ ରାଜ୍ୟ ସମ୍ପାଦକ ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ବରିଷ୍ଠ ନେତା ପ୍ରଭାତ ନାୟକ, ଛାତ୍ର ସଭାପତି ସୁନୀଲ ନାୟକ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରାଜୀବ ଜେନା, ପୂର୍ବତନ ଛାତ୍ର ସଭାପତି ଅଭୟ ସିଂ, ରାଜ୍ୟ ସାଧାରଣ ସମ୍ପାଦକ ଜିତ୍ ପଟ୍ଟନାୟକ, ବାରିପଦା ନିର୍ବାଚନ ମଣ୍ଡଳୀ ଛାତ୍ର ସଭାପତି ଆଭାସ ଦେ, ଯୁବନେତା ନନ୍ଦନ ଭଞ୍ଜ, ଛାତ୍ର ନେତା ବିଶ୍ୱଜିତ ପରିଚ୍ଛା, ଅମିତ ବୈଠା, ରାମଚନ୍ଦ୍ର ବିଶ୍ୱାଳ, ମନୀଷ ବେହେରା, ଶିବଶଙ୍କର ଦାସ, ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦାବିକୁ ନେଇ ବର୍ତ୍ତମାନ ମୟୂରଭଞ୍ଜ ଜିଲ୍ଲାରେ ରାଜନୈତିକ ଓ ସାମାଜିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଜିଲ୍ଲାବାସୀଙ୍କ ଦୀର୍ଘଦିନର ଆଶା ଓ ଆକାଂକ୍ଷା ପୂରଣ ଦିଗରେ ରାଜ୍ୟ ସରକାର କେବେ ପଦକ୍ଷେପ ନେବେ ତାହାକୁ ନେଇ ସମସ୍ତଙ୍କ ନଜର ରହିଛି।

## — ରାକେଶ ବେହେରାଙ୍କୁ ଥାର୍ଡ ଡିଗ୍ରି ମାମଲା —

# ଏଚ୍‌ଆର୍‌ପିସି ପକ୍ଷରୁ ତଦନ୍ତ ଜାରି



**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲାବାରଙ୍ଗ ଥାନାରେ ଗତ ୨୨ ତାରିଖ ଦିନ ରାତିରେ ସ୍ଥାନୀୟ ଅଞ୍ଚଳର ଯୁବକ ରାକେଶ ବେହେରାଙ୍କୁ ଥାର୍ଡ ଡିଗ୍ରି ମାମଲାରେ ହ୍ୟୁମାନ ରାଇଟ୍ସ ପ୍ରୋଟେକ୍‌ସନ୍ ସେଲ୍ (ଏଚ୍‌ଆର୍‌ପିସି) ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଏଚ୍‌ଆର୍‌ପିସିର ଟିମ୍ ଏସ୍‌ସିବି ହସ୍ପିଟାଲ, ପୀଡ଼ିତଙ୍କ ଘର ଏବଂ ବାରଙ୍ଗ ଥାନା ଯାଇ ପଚରାଉଚରା କରୁଛି। ସେପଟେ ରାକେଶ ଉପରେ ହୋଇଥିବା ପୋଲିସର ଥାର୍ଡ ଡିଗ୍ରି ମାମଲାକୁ ଦୁର୍ଘଟଣାର ରୂପ ଦେବାକୁ ଯଥାସମ୍ଭବ ପ୍ରଚେଷ୍ଟା କରାଯାଉଥିବା ସନ୍ଦେହ ହେଉଛି। ରିପୋର୍ଟ ଏବଂ ଡିସିପିଙ୍କ ପ୍ରତିକ୍ରିୟାରେ ତାଳ ମେଳ ରହୁନାହିଁ। ବାଇକ୍ ଦୁର୍ଘଟଣା ଥିଓରିରୁ ରାକେଶର ପରିବାର ଲୋକେ ପୋଲିସର ଏହା ଚାଲ ବୋଲି ଅଭିଯୋଗ କରିଛନ୍ତି। ଏଚ୍‌ଆର୍‌ପିସି ଅଧିକାରୀ ସବୁଦିଗକୁ ନେଇ ତଦନ୍ତ ଚଳାଇଛି। ରାକେଶ ବେହେରାଙ୍କୁ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି ହେବା ପୂର୍ବରୁ ଗତ ୨୩ ତାରିଖରେ ତାଙ୍କର ବାଇକ୍ ଦୁର୍ଘଟଣା ହୋଇଥିବା ଏମ୍‌ଏଲସି ରିପୋର୍ଟ କହୁଛି। ଗତ ୨୪ ତାରିଖ ରାତି ୧୨ଟା ୪୫ ମିନିଟ୍‌ରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେହି ସମୟରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ବିଗିଡିବାରୁ ତାକୁ ଏସ୍‌ସିବି ସ୍ଥାନନ୍ତର କରାଯାଇଥିଲା। ଏବେ ସେ ସେଠାରେ ଚିକିତ୍ସିତ ହେଉଛନ୍ତି। ତେବେ ପ୍ରଶ୍ନ ଉଠୁଛି ରାକେଶ ପୋଲିସ ପାଖରେ ଥିବାବେଳେ ସେ ବାଇକ୍‌ରେ ଗଲା କେମିତି ? ବାଇକ୍ ଆସିଲା କେଉଁଠୁ ? ବାଇକ୍ ଚଳାଉ ଥିଲା କିଏ ? ଦୁର୍ଘଟଣା କେଉଁଠି ଏବଂ କିପରି ହେଲା ? ଏସବୁ ତଥ୍ୟ ଅନେକ କିଛି ସନ୍ଦେହ ସୃଷ୍ଟି କରୁଛି। ରାକେଶଙ୍କୁ ଥାର୍ଡ ଡିଗ୍ରି ଦିଆଯାଇଥିବା ଅଭିଯୋଗ ହୋଇଛି। ବାଇକ୍ ଦୁର୍ଘଟଣାର ରୂପ ଦେବାକୁ ଉଦ୍ୟମ କରାଯାଉଥିବା ବାପା କାର୍ତ୍ତିକ ବେହେରା ଅଭିଯୋଗ କରିଛନ୍ତି। ଖାଲି ସେତିକି ନୁହେଁ ରାକେଶ ମାମଲାରେ ଥାନା ଘେରାଉ ଦିନ ଡିସିପି ଋଷିକେଶ ଖିଲାରୀ କହିଥିଲେ, ୨୪ ତାରିଖ ଦିନ ରାକେଶ ବାରଙ୍ଗ ଥାନାକୁ ଡକାଯାଇ ଥିଲା ଓ ସେହିଦିନ ତାକୁ ଛଡ଼ାଯାଇଛି। ସେପଟେ ରାକେଶଙ୍କ ଏମ୍‌ଏଲ୍‌ସି ରିପୋର୍ଟ କହୁଛି ରାକେଶ ସେହିଦିନ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିଲେ। ଅର୍ଥାତ୍ ରାକେଶ ଘରୋଇ ହସ୍ପିଟାଲ୍‌ରେ ଗୁରୁତର ଥିଲେ। ସେ ୨୪ ତାରିଖରେ ଥାନାକୁ ଆସିଲେ କିପରି ? ତେଣୁ ରାକେଶଙ୍କ ଘରୋଇ ହସ୍ପିଟାଲ୍ ସଦର ଥାନାକୁ ଦେଇଥିବା ଏମ୍‌ଏଲ୍‌ସି ରିପୋର୍ଟ ଏବଂ ଡିସିପିଙ୍କ ବୟାନରେ ତାଳମେଳ ରହୁନାହିଁ। ରିପୋର୍ଟ ଏବଂ କଟକ ଡିସିପିଙ୍କ ବୟାନରେ ତାଳମେଳ ରହୁନାହିଁ। ପୋଲିସ ମିଛ କହୁଛି ବୋଲି ରାକେଶଙ୍କ ଶାଶୂ ଅଭିଯୋଗ ଆଣିଛନ୍ତି। ଅତିରିକ୍ତ ଏସ୍‌ପି ଶୁଭଲକ୍ଷ୍ମୀ ପଟ୍ଟନାୟକ ଏବଂ ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ରାକେଶ ଏବଂ ପରିବାର ଲୋକଙ୍କୁ ପଚରା ଉଚ୍ଚରା କରିବା ସହ ବାରଙ୍ଗ ଥାନା ଏବଂ ଘରକୁ ଯାଇ ତଦନ୍ତ କରୁଛନ୍ତି। ରାକେଶଙ୍କୁ ଥାନାକୁ ଡ଼ାକି କେରକରିବ ଏବଂ ବାଇକ୍ ଦୁର୍ଘଟଣା କେମିତି ହେଲା ତାର ତଦନ୍ତ କରୁଛି ହରୋକ ଟିମ୍।

# ରାସ୍ତାରେ ଯୁବକର ଶବରଖି ନ୍ୟାୟ ମାଗିଲେ ଜନତା

**ସାଲେପୁର, ନ୍ୟୁଜ୍**

କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଅଞ୍ଚଳରେ ଘଟିଛି ଅଭାବନୀୟ ଘଟଣା । ଶହ ଶହ ଉତ୍ତ୍ୟକ୍ତ ଜନତା ପୋଲିସ ବିରୁଦ୍ଧରେ ରାସ୍ତାକୁ ଓହ୍ଲାଇବା ଦେଖିବାକୁ ମିଳିଛି । ବିଳମ୍ବିତ ରାତି ପର୍ଯ୍ୟନ୍ତ ପୋଲିସ ଓ ଜନତାଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି, ମାହାଙ୍ଗାରେ ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ନେଇ ପୋଲିସର ପାରିବା ପଣିଆ ପ୍ରତି ଅଙ୍ଗୁଳି ଉଠିଛି । ମାହାଙ୍ଗା ଅଞ୍ଚଳର କିଛି ଠିକାଦାର ପୋଡାମରାଇ ଗ୍ରାମର ଫକୀର ସେଠୀଙ୍କ ପୁଅ ଦୀପକ ସେଠୀଙ୍କୁ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାକୁ ଏକ କମ୍ପାନୀରେ କାମ ଦେବାକୁ କହି ନେଇଯାଇଥିଲେ । ତେବେ ସେଠାରେ ରୋଷେଇ କରିବାକୁ କହିଥିଲେ । ଦୀପକ ରୋଷେଇ ଜାଣିନି ବୋଲି କହିବାରୁ ଅଭିଯୁକ୍ତମାନେ ତାଙ୍କୁ ନିଷ୍ଠୁର ମାଡ଼ ମାରି ଫିଙ୍ଗି ଦେଇଥିଲେ । ଏ ସମ୍ପର୍କରେ ଖବରପାଇ ତାଙ୍କ ପରିବାର ବିଶାଖାପାଟଣାରେ ପହଞ୍ଚି ପୁଅକୁ ଓଡ଼ିଶା ଫେରାଇ ଆଣି ଏକ ହସ୍ପିଟାଲ୍‌ରେ ଭର୍ତ୍ତି କରାଇଥିଲେ । ଘଟଣା ସମ୍ପର୍କରେ ଭଦ୍ରେଶ୍ୱର ଥାନାରେ ଏତଲା ଦେଇଥିଲେ । ପୋଲିସ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ଗତ ୨ ତାରିଖ ଦିନ ହସ୍ପିଟାଲ୍‌ରେ ଚିକିତ୍ସା ଚାଲିଥିବା ବେଳେ ଦୀପକର ମୃତ୍ୟୁ ଘଟିଥିଲା । ପରିବାର ଲୋକେ ଶବ ଆଣିବା ପରେ ଥାନା ଆଗରେ ରଖି ଆନ୍ଦୋଳନ ପାଇଁ ପୂର୍ବରୁ ହସ୍ପିଟାଲ୍ ଛକରେ ପୋଲିସ ବାଟ ଘେରିବାରୁ, ପୋଲିସ ଜନତା ଖଣ୍ଡଯୁଦ୍ଧ ଆରମ୍ଭ ହୋଇଯାଇଥିଲା । ଦୀପକର ହତ୍ୟାକାରୀମାନଙ୍କ ବିରୁଦ୍ଧରେ ପୋଲିସ ନିରବ ରହିବାରୁ ଏଭଳି ଜନଅସନ୍ତୋଷ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦେଖିବାକୁ ମିଳିଥିଲା। ଅତିରିକ୍ତ ଏସ୍‌ପି ପ୍ରଦୀପ୍ତ ସାହୁ ଉତ୍ତ୍ୟକ୍ତ ଜନତାଙ୍କୁ ବୁଝାସୁଝା ପରେ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରଶମିତ ହୋଇଥିଲା ।



# ସ୍ପେସ୍ ସାଇନ୍ସର ଅନୁଭୂତି ସାଉଁଟିଲେ ଟାଟା ଷ୍ଟିଲ୍ 'ୟାଗ' ବିଜେତା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ଓଡ଼ିଶାର ଯୁବ ଜ୍ୟୋତିର୍ବିଜ୍ଞାନୀଙ୍କ ପାଇଁ ଏକ ବିରାଟ ସ୍ୱପ୍ନ ସତ ହୋଇଛି। ଟାଟା ଷ୍ଟିଲ୍ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ-୨୦୨୫ର ବିଜେତାମାନେ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ପ୍ରମୁଖ ଲଞ୍ଚ୍ ହବ୍, ସତୀଶ ଧାୱନ୍ ସ୍ପେସ୍ ସେଣ୍ଟର, ଶ୍ରୀହରିକୋଟାରେ ଏକ ସଫଳ ଶିକ୍ଷଣୀୟ ଭ୍ରମଣ ଶେଷ କରି ଫେରିଛନ୍ତି। ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନରେ ଥିବା ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ଏବଂ ଟାଟା ଷ୍ଟିଲର ମିଳିତ ସହଯୋଗରେ ଆୟୋଜିତ ଏହି ଚାରିଦିନିଆ ଶିକ୍ଷଣୀୟ ଯାତ୍ରାରେ ଛାତ୍ରଛାତ୍ରୀମାନେ ଭାରତର ମହାକାଶ କାର୍ଯ୍ୟକ୍ରମକୁ ପ୍ରତ୍ୟେକ୍ଷ ଦେଖିବା ସହ ବୈଜ୍ଞାନିକମାନଙ୍କୁ ଭେଟିଥିଲେ। ଏହି ପରିଦର୍ଶନ ସମୟରେ ଛାତ୍ରଛାତ୍ରୀମାନେ ଇସ୍ରୋର ବୈଜ୍ଞାନିକ ଏବଂ ପ୍ରକଳ୍ପ ନିର୍ଦ୍ଦେଶକମାନଙ୍କ ସହ ବିଭିନ୍ନ ମହାକାଶ ମିଶନ ଓ ନୂତନ ପ୍ରଯୁକ୍ତିବିଦ୍ୟା ବିଷୟରେ ପଚାରି ବୁଝିଥିଲେ। ଭବିଷ୍ୟତର ମାନବ ମହାକାଶ ଯାତ୍ରା ପାଇଁ ଇସ୍ରୋ ଦ୍ୱାରା ପ୍ରସ୍ତୁତ ଏଆଇ-ଚାଳିତ ହ୍ୟୁମାନ୍‌ଏଡ୍ 'ବ୍ୟୋମମିତ୍ର' ବିଷୟରେ ଜାଣିବା ଏହି ଗସ୍ତର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା। ଛାତ୍ରଛାତ୍ରୀମାନେ ଆଇଏସ୍‌ଟିଆର୍‌ଏସି-ଏସ୍‌ଏଚ୍‌ଆରର ଡେପୁଟି ଡିଭିଜନ୍ ହେଡ୍ ତଥା ଡେପୁଟି ପ୍ରୋଜେକ୍ଟ ଡିରେକ୍ଟର (ଟେଲିମେଟ୍ରି) ସିଏଚ୍ ଭେଙ୍କଟ ରମଣ, ଏସ୍‌ଡିଏସ୍‌ସି ଏସ୍‌ଏଚ୍‌ଏଆରର ଇପି ଆଣ୍ଡ ଏଫଏମ୍‌ଡି ହେଡ୍ ଅମିତାଭ ମହାନ୍ତି ଏବଂ ଲାଇବ୍ରେରୀ ଅଫିସର ଏନ୍. କୁମାରଙ୍କ ସହ ମତ ବିନିମୟ କରି ରକେଟ୍ ଲଞ୍ଚ୍ ପୂର୍ବର ପ୍ରସ୍ତୁତି ଏବଂ ଇସ୍ରୋର ବୈଜ୍ଞାନିକ ଇକୋସିଷ୍ଟମ୍ ବିଷୟରେ ଗଭୀର ଜ୍ଞାନ ଆହରଣ କରିଥିଲେ। ଛାତ୍ରଛାତ୍ରୀମାନେ ଶ୍ରୀହରିକୋଟା ସ୍ପେସ୍‌ପୋର୍ଟରେ ମିଶନ୍ କଣ୍ଟ୍ରୋଲ୍ ସେଣ୍ଟର୍ ଏବଂ ପ୍ରଥମ ଓ ଦ୍ୱିତୀୟ ଲଞ୍ଚ୍ ପ୍ୟାଡ୍ ବୁଲି ଦେଖିଥିଲେ। ଏଥିସହ ଇସ୍ରୋର ପ୍ରମୁଖ ରକେଟ୍ ଯଥା ଏସ୍‌ଏସ୍‌ଏଲ୍‌ଭି, ପିଏସ୍‌ଏଲ୍‌ଭି, ଜିଏସ୍‌ଏସ୍‌ଏଲ୍‌ଭି, ଏଲ୍‌ଭିଏମ୍ ଏବଂ ଗଗନାୟନ ମିଶନ ପାଇଁ ବିକଶିତ ହେଉଥିବା 'ହ୍ୟୁମାନ-ରେଟେଡ୍ ଲଞ୍ଚ୍ ଭେହିକିଲ୍ ବିଷୟରେ ବୈଜ୍ଞାନିକମାନେ ସେମାନଙ୍କୁ ବୁଝାଇଥିଲେ। ଏହି ଗସ୍ତ ସମ୍ପର୍କରେ ବରଗଡ଼ ବିକାଶ ରେସିଡେନ୍ସିଆଲ୍ ସ୍କୁଲ୍‌ର ଛାତ୍ରୀ ଅଂଶିକା ଦାଶ କହିଛନ୍ତି, ଇସ୍ରୋ ପରିଦର୍ଶନ କରିବାର ଏଭଳି ସୁଯୋଗ ଦେଇଥିବାରୁ ମୁଁ ଟାଟା ଷ୍ଟିଲ୍ ନିକଟରେ କୃତଜ୍ଞତା ଜ୍ଞାପନ କରୁଛି। ଏହି ଅନୁଭୂତି ମୋ ମନରେ ବିଜ୍ଞାନ ଓ ନବସୃଜନ ପ୍ରତି ଆଗ୍ରହକୁ ଆହୁରି ବଢ଼ାଇ ଦେଇଛି । ସେହିଭଳି କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲର ଛାତ୍ରୀ ରିଷିତା ସାମନ୍ତରାୟ କହିଛନ୍ତି, ଲଞ୍ଚ୍ ପ୍ୟାଡ୍ ଏବଂ ମିଶନ୍ କଣ୍ଟ୍ରୋଲ୍ ସେଣ୍ଟରକୁ ନିକଟରୁ ଦେଖିବା ଏକ ଅଭୁତପୂର୍ବ ଅନୁଭୂତି ଥିଲା। କେନ୍ଦ୍ରାପଡ଼ା ଡେରାବିଶ ସ୍ଥିତ ମଲ୍ଲିକେଶ୍ୱର ସରକାରୀ ହାଇସ୍କୁଲର ସହକାରୀ ଶିକ୍ଷକ ଜ୍ୟୋତିରଞ୍ଜନ ଚାନ୍ଦ ଏହାକୁ ପିଲାମାନଙ୍କ ପାଇଁ ଏକ ଚିରସ୍ମରଣୀୟ ଅନୁଭୂତି ବୋଲି ଅଭିହିତ କରିଛନ୍ତି। ଗତ ମେ ୨୬ ତାରିଖରେ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ। ଚଳିତବର୍ଷ ୟାଗର ୧୯ତମ ସଂସ୍କରଣର ଥିଲା ଆଜିର ନକ୍ଷତ୍ରଦର୍ଶୀ ଆସନ୍ତାକାଲିର ମହାକାଶଚାରୀ। ଏଥିରେ ସମଗ୍ର ଓଡ଼ିଶାରୁ ୭୬,୭୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏବେସୁଦ୍ଧା ୫.୪ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇଛନ୍ତି। ସେଥିମଧ୍ୟରୁ ୨୬୦ ଜଣ ବିଜେତା ଇସ୍ରୋର ବିଭିନ୍ନ କେନ୍ଦ୍ର ଭ୍ରମଣ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି।

# ଆଜିର ଭଲମନ୍ଦ



**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୨ଶୁକ୍ର / ଲଗ୍ନ | ୧୨ମ | ୧୧ଶ / ୧୦ରା |
| ୩ବୃ | ୨୦ / ୯ | ୯ |
| ୪କେ / ୫ | ୬ | ୭ / ୮ |

ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୪।୦୬।୨୦୨୬, ଜ୍ୟୈଷ୍ଠ (ମଳ) ଦି୨୧ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ ୫।୦୮।୨୪ ଚନ୍ଦ୍ରୋଦୟ- ରାଘ ୯।୪୭।୩୧**

ଚତୁର୍ଥୀ ରାଘ ୧୧।୩୨ ପର୍ଯ୍ୟନ୍ତ। ଉତ୍ତରାଷାଢ଼ା ନକ୍ଷତ୍ର ରାଘ ୩।୪୩ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ପ୍ରାଘ ୭।୪୨ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର, ମୀନ ରାଶିର। ପ୍ରାଘ ୭।୪୨ ଗତେ ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର। **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର। ପ୍ରାଘ ୭।୪୨ ଗତେ ସିଂହ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ରାଘ ୧୧।୩୨ ଗତେ ବେଲ ଓ ପଣସ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୧ ଗତେ ଦିଘ ୬।୦୫ ମଧ୍ୟେ, ଦିଘ ୯।୩୫ ଗତେ ଦିଘ ୧୧।୨୦ ମଧ୍ୟେ। **ପର୍ବୋତ୍ସବ-** ଶରଣ।


**ମେଷ:** ଦେହ ଭଲ ରହିବ। ଆର୍ଥିକ ସ୍ଥିତି ଭଲ ରହିବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ବ୍ୟବସାୟରେ ଲାଭବାନ୍ ହେବେ। ବନ୍ଧୁଙ୍କ ସହଯୋଗ ଲାଭ କରିବେ। ଘରେ ଆନନ୍ଦ ଦେଖାଦେବ।


**ବୃଷ:** କାର୍ଯ୍ୟକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ସାମାଜିକ ସ୍ତରରେ ସମ୍ମାନିତ ହେବେ। ପରୋପକାର କରି ଆନନ୍ଦିତ ହେବେ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ଜୀବନ ସୁଖମୟ ହେବାର ସୂଚନା ।


**ମିଥୁନ:** ଅପେକ୍ଷା କରିଥିବା ଖବରଟି ଆପଣଙ୍କୁ ମିଳିପାରେ। ରୋଜଗାର ଭଲ ହେବ। ଅତ୍ୟଧିକ ଭ୍ରମଣ ହେତୁ କ୍ଳାନ୍ତି ଅନୁଭବ କରିବେ। ଘରେ ସୁଖ ଶାନ୍ତି ଲାଭ ହେବ। ଦେବ ଦର୍ଶନର ସୁଯୋଗ।


**କର୍କଟ:** ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଧରଣର ଫଳ ଲାଭ କରିବେ। ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପାରିବାରିକ ଅସନ୍ତୋଷ ଦେଖାଦେଇପାରେ।


**ସିଂହ:** ସମସ୍ତ କାର୍ଯ୍ୟରେ ସଫଳତା ପ୍ରାପ୍ତ ହେବ। ଏଥିସହିତ ପୁରାତନ ବନ୍ଧୁଙ୍କ ସହ ମତାନ୍ତର ଦେଖାଦେବ। ଖର୍ଚ୍ଚର ମାତ୍ରା ଅଧିକ ହେବ। ଘରେ କଳହ ଦେଖାଦେବ। ଶତ୍ରୁଙ୍କ ଠାରୁ ସତର୍କ ରହିବେ ।


**କନ୍ୟା:** ମାନସିକ ଶାନ୍ତି ପ୍ରାପ୍ତ ହେବ। ପାରିବାରିକ ଶାନ୍ତି ପ୍ରାପ୍ତ ହେବ। ଆୟର ପରିମାଣ ବଢ଼ିବ। ଅଟକି ରହିଥିବା କାମଟି ଆରମ୍ଭ ହୋଇପାରେ। ଦେବ ଦର୍ଶନ ସହିତ ଦେବ ପୂଜାର ସୁଯୋଗ।


**ତୁଳା:** କର୍ମକ୍ଷେତ୍ରରେ ଅସଫଳତା ଦେଖାଦେବ। ଶାରୀରିକ ଅସୁସ୍ଥତା ଦେଖାଦେବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ଅଶାନ୍ତି ଦେଖାଦେବ। ମନ ଅସ୍ଥିର ରହିବ । ଠକାମିର ଶିକାର ହୋଇପାରନ୍ତି।


**ବିଛା:** ପାରିବାରିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ। ବନ୍ଧୁଙ୍କ ସହ ମତାନ୍ତର ଦେଖାଦେବ। ବ୍ୟବସାୟରେ କ୍ଷତି ଦେଖାଦେଇପାରେ। ରୋଜଗାର ସ୍ଥିର ରହିବ। କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ ।


**ଧନୁ:** ଅଟକି ରହିଥିବା କାମ ଆରମ୍ଭ ହେବ। ଶତ୍ରୁ ଉପରେ ବିଜୟ ଲାଭ କରିବେ। ଆୟର ପରିମାଣ ବଢ଼ିବ। ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି। ପାରିବାରିକ ଜୀବନ ସୁଖମୟ ହେବ। ଭ୍ରମଣ ଯୋଗ ରହିଛି।


**ମକର:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧୀ ହେବେ। ବ୍ୟୟ ଯୋଗ ରହିଛି। ଘରେ ଅଶାନ୍ତି ଦେଖାଦେବ। କୁ-ଭୋଜନ କରି ଉଦର ପୀଡ଼ା ଦେଖାଦେଇପାରେ। ମନ ଅସ୍ଥିର ରହିବ ।


**କୁମ୍ଭ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଦେହ ଭଲ ରହିବ। ସାମାଜିକ ସ୍ତରରେ ମାନ ସମ୍ମାନ ବୃଦ୍ଧି ହେବ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।


**ମୀନ:** ବନ୍ଧୁବାନ୍ଧବଙ୍କ ସହିତ ମନୋମାଳିନ୍ୟ ଦେଖାଦେବ। ବ୍ୟୟର ପରିମାଣ ବଢ଼ିବ। ଘରେ ସୁଖ ଶାନ୍ତି ଲାଭ। ବ୍ୟବସାୟରେ ଲାଭବାନ୍ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବାର ସୂଚନା ।

# ମରଣାନ୍ତକ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଥାନା ଅନ୍ତର୍ଗତ ସରୋଇ ଗ୍ରାମରେ ଭାଇ ଆକ୍ରମଣରେ ଭଉଣୀର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଏହି ଗ୍ରାମର ହରି ଦେଉରୀ ଓ ଭଉଣୀ ନନ୍ଦିନୀ ଦେହୁରୀ (୫୦)ଙ୍କ ମଧ୍ୟରେ କୌଣସି କାରଣ ପାଇଁ ପାଟିତୁଣ୍ଡ ହୋଇଥିଲା। ହରି ଓ ପରିବାର ଲୋକେ ମିଶି ଭଉଣୀ ନନ୍ଦିନୀ ଦେହୁରୀକୁ ବିଭିନ୍ନ ମରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଆମ୍ବୁଲାନ୍ସ ଯୋଗେ ଗୁରୁତର ଅବସ୍ଥାରେ ନନ୍ଦିନୀକୁ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ନନ୍ଦିନୀଙ୍କୁ ମୃତ ଘୋଷଣା କରିଛନ୍ତି। ଖବରପାଇ ଧର୍ମଶାଳା ପୋଲିସ ଓ ଯାଜପୁରରୋଡ଼ ଏସ୍‌ଡିପିଓ ଶରତଚନ୍ଦ୍ର ପାତ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୫।୦୬।୨୦୨୬, ଜ୍ୟୈଷ୍ଠ (ମଳ) ଦି୨୨ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ ୫।୦୯।୨୧ ଚନ୍ଦ୍ରୋଦୟ- ରାଘ ୧୦।୨୪।୫୧**

ପଞ୍ଚମୀ ରାଘ ୧।୨୨ ପର୍ଯ୍ୟନ୍ତ। ଶ୍ରବଣା ନକ୍ଷତ୍ର ଅହୋରାତ୍ର । **ମକର ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର। **ଘାତଚନ୍ଦ୍ର-** ସିଂହ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ଓ ପଣସ ରାଘ ୧।୨୨ ଗତେ ନିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୫ ଗତେ ଦିଘ ୬।୫୭ ମଧ୍ୟେ, ଦିଘ ୧୨।୧୩ ଗତେ ଦିଘ ୨।୫୦ ମଧ୍ୟେ। **ପର୍ବୋତ୍ସବ-** ଶରଣଂ, ବିଶ୍ୱ ପରିବେଶ ଦିବସ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ପୁଟିନଙ୍କ ଆଣ୍ଟିଂ ଏଜିଂ ମିଶନ୍

ମଣିଷ ଆଉ ବୁଢା ହେବନି-ଏକଥା ଆମେ ନୁହେଁ ଖୋଦ ପୁଟିନ କହିଛନ୍ତି । ପୁଟିନ ଏଭଳି ଏକ ଦୁନିଆର କଳ୍ପନା କରନ୍ତି, ଯେଉଁଠାରେ ବୃଦ୍ଧାବସ୍ଥାରେ ସମସ୍ତେ ଥିବେ ପୁରା ଫିଟ୍ ଆଣ୍ଡ ଫାଇନ୍ । ୬୦-୭୦ ବର୍ଷରେ ବି ମଣିଷର ହାର୍ଟ, ଲିଭର, କିଡନୀ ରହିଥିବ ପୁରା ସୁସ୍ଥ । ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏଭଳି ସ୍ୱପ୍ନକୁ ବାସ୍ତବିକତାରେ ପରିଣତ କରିବାକୁ ଯାଉଛନ୍ତି । ଆରମ୍ଭ କରିଛନ୍ତି ୨୬ ବିଲିୟନ ଡଲାରର ଏକ ମହା ପ୍ରୋଜେକ୍ଟ । ଯାହା ପୁରା ଦୁନିଆକୁ ଚକିତ କରିଛି । ଏହି ପ୍ରୋଜେକ୍ଟରୁ ଜିନ୍ ଥେରାପି, ମିନି ଘୁଷୁରୀ ଭିତରେ ମାନବ ଅଙ୍ଗ ପ୍ରତିରୋପଣ ଏବଂ ଥ୍ରୀ-ଡି ପ୍ରିଣ୍ଟିଂରୁ ଆଣ୍ଟି ଏଜିଂ ଭ୍ୟାକସିନ୍ ପ୍ରସ୍ତୁତ ହେବ । ଏହା ସିଧା ସଳଖ ମାନବ କୋଷିକାର ବୟସ ବଢାଇବାରୁ ରୋକିବ । ଲୋକମାନେ କେବଳ ଅଧିକ ଦିନ ବଞ୍ଚନ୍ତୁ ତାହା ନୁହେଁ ବରଂ ସୁସ୍ଥ ବି ରୁହନ୍ତୁ । ବୃଦ୍ଧାବସ୍ଥା ପର୍ଯ୍ୟନ୍ତ କାମ କରିବାକୁ ସକ୍ଷମ ହୁଅନ୍ତୁ । ଏଭଳି କିଛି ଚାହୁଁଛନ୍ତି ରୁଷ ରାଷ୍ଟ୍ରପତି ପୁଟିନ୍ । ଏହି କାରଣରୁ ଜିନ୍ ଏଡିଟିଂ, ବାୟୋପ୍ରିଣ୍ଟିଂ ଏବଂ ଜେନୋଟ୍ରାନ୍ସପ୍ଲାଣ୍ଟେସନ୍ ଏକକାଳୀନ ଭାବେ କାର୍ଯ୍ୟକାରୀ କରାଯାଉଛି । 'ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ' ରିପୋର୍ଟ ଅନୁସାରେ, ରୁଷ ୨୦୨୪-୨୫ ରେ 'ନ୍ୟାସନାଲ ଲଙ୍ଗଜିଭିଟି ପ୍ରୋଜେକ୍ଟ' ଆରମ୍ଭ କରିଛି । ଏହି ପ୍ରୋଜେକ୍ଟରେ ୨୦୩୦ ସୁଦ୍ଧା ଖର୍ଚ୍ଚ ହେବ ପ୍ରାୟ ୨୬ ବିଲିୟନ ଡଲାର । ଏହି ପ୍ରକଳ୍ପ ସିଧାସଳଖ ରୁଷ ସରକାର ଏବଂ ସେନା ସହିତ ଜଡିତ । କାରଣ ରୁଷର ଜନସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଇବା ସହ ବୃଦ୍ଧ ମଧ୍ୟ ହେଉଛି । ତେଣୁ ସେମାନଙ୍କୁ ପୁଟିନ୍ ପୁଣିଥରେ ଫିଟ୍ କରିବାକୁ ଚାହୁଁଛନ୍ତି । ରୁଷ ବୈଜ୍ଞାନିକ ଏଭଳି ଏକ ଆଣ୍ଟିଂ ଏଜିଂ ଭ୍ୟାକସିନ୍ ତିଆରି କରୁଛି, ଯାହା ସିଧା ସଳଖ ସେଲ୍ୟୁଲାର ଏଜିଂ କୋଷିକାକୁ ବୁଢା ହେବାରୁ ରୋକିବ । ବୟସ ବଢିବା ସହ କିଛି କୋଷିକା 'ସିନେସେଣ୍ଟ ସେଲସ୍' କ୍ଷତିଗ୍ରସ୍ତ ହୋଇ ଜମିଯାଇଥାଏ । ଯାହାକି ପରେ ଫୁଲିବା ସହ ଜନ୍ମ ଦେଇଥାଏ ବିଭିନ୍ନ ରୋଗ । ଏହି ରୁଷୀୟ ଟିକା ଆମ ଇମ୍ୟୁନି ସିଷ୍ଟମକୁ ବୟସ୍କ ସେଲ୍ ଗୁଡ଼ିକୁ ଚିହ୍ନିବା ଏବଂ ନଷ୍ଟ କରିବା ପାଇଁ ଟ୍ରେନିଂ ଦେବ । ଏହି ଟିକା ଏପର୍ଯ୍ୟନ୍ତ ପରୀକ୍ଷାର ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି । ବୈଜ୍ଞାନିକମାନେ ଦାବି କରିଛନ୍ତି ଏହା ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକର ବୟସ ବଢିବାର ବେଗକୁ ମଧ୍ୟ ଧିମା କରିବ । ଏହା ସମଗ୍ର ପ୍ରୋଜେକ୍ଟ ସବୁଠାରୁ ଆଶ୍ଚର୍ଯ୍ୟଜନକ ଏବଂ ବିବାଦୀୟ । ରୁଷ ସରକାର 'ମିନି ଘୁଷୁରୀ' କିମ୍ବା ଛୋଟ ପ୍ରଜାତିର ଘୁଷୁରୀ ଉପରେ ଲଗାଇଛନ୍ତି ଏକ ବଡ଼ ବାଜି । ପ୍ରଥମେ ଘୁଷୁରୀ ଭ୍ରୁଣରେ CRISPR ଭଳି ଜିନ୍ ଏଡିଟିଂ ଟେକ୍ନୋଲୋଜିରୁ ଏହି ଜିନ୍କୁ ନିଷ୍କ୍ରିୟ କରାଯିବ । ଯାହାକି କୌଣସି ଖାସ୍ ଅଙ୍ଗ, କିଡନୀ କିମ୍ବା ପାନକ୍ରିୟାଜ୍ ଗଠନ କରିଥାଏ । ଏହାପରେ ସେହି ଭ୍ରୁଣରେ ଇଞ୍ଜେକ୍ଟ କରି ଦିଆଯିବ ମାନବ ଷ୍ଟେମ ସେଲ୍ । ଯେହେତୁ ଘୁଷୁରିର ନିଜସ୍ୱ ଜିନ୍ ସେହି ଅଙ୍ଗ ସୃଷ୍ଟି କରିପାରିବ ନାହିଁ, ତେଣୁ ଘୁଷୁରିର ଗର୍ଭରେ ଥିବା ଭ୍ରୁଣ ମାନବ କୋଷ ସାହାଯ୍ୟରେ କିଡନୀ କିମ୍ବା ପାନକ୍ରିୟାଜ୍ ବିକଶିତ କରିଥାଏ । ଯେତେବେଳେ ଘୁଷୁରୀ ଜନ୍ମ ହୁଏ, ଏହାର ଏକ ଅଙ୍ଗ ସମ୍ପୂର୍ଣ୍ଣ ଭାବରେ ମାନବ କୋଷରେ ତିଆରି ହୋଇଥାଏ । ରିଆକ୍ସନକୁ ଏଡାଇବା ପାଇଁ ଏହାକୁ ଜେନେଟିକାଲ୍ ମୋଡିଫାଏ କରି ଇମ୍ୟୁନ ରିଜେକ୍ସନରୁ ରକ୍ଷା କରାଯାଇଥାଏ । ପରେ ଏହି ଅଙ୍ଗକୁ ବାହାର କରି ଦରକାର ଥିବା ରୋଗୀ ନିକଟରେ କରାଯିବ ଟ୍ରାନ୍ସପ୍ଲାଣ୍ଟ । ଏଥିପାଇଁ ପାଇଁ ରୁଷ ତିଆରି କରୁଛି ଏକ ସ୍ୱତନ୍ତ୍ର 'କ୍ଲିନ୍ ରୁମ୍' । ଯେଉଁଠାରେ ଶହ ଶହ ସଂଖ୍ୟାରେ ଏଭଳି ଜେନେଟିକାଲି ମୋଡିଫାଏଡ୍ ଘୁଷୁରୀଙ୍କୁ ପାଳନ କରାଯିବ । ଏହା ସହିତ, ରୁଷ 3D ବାୟୋପ୍ରିଣ୍ଟିଂ ଉପରେ ମଧ୍ୟ ଧ୍ୟାନ ଦେଉଛି । ରୋଗୀଙ୍କ ନିଜସ୍ୱ କୋଷରୁ ତିଆରି ବାୟୋ-ଇଙ୍କ ବ୍ୟବହାର କରି ପ୍ରିଣ୍ଟର ସାହାଯ୍ୟରେ ଚର୍ମ, ହାଡ଼ ଏବଂ ଲିଭର ଭଳି ଜଟିଳ ଅଙ୍ଗଗୁଡ଼ିକୁ ଛାପିବାକୁ ଚେଷ୍ଟା କରାଯାଉଛି । ଯୁଦ୍ଧ କିମ୍ବା ଦୁର୍ଘଟଣାରେ ପୋଡ଼ିଯାଇଥିବା ସୈନିକଙ୍କ ପାଇଁ ତୁରନ୍ତ ଚର୍ମ ତିଆରି କରିବା ଉପରେ ଏହାର ଫୋକସ୍ ରହିବ । କିନ୍ତୁ ଚୂଡ଼ାନ୍ତ ଲକ୍ଷ୍ୟ ହେଉଛି ସମ୍ପୂର୍ଣ୍ଣ ଅଙ୍ଗ ତିଆରି କରିବା । ବର୍ତ୍ତମାନ ଏହି ଆଣ୍ଟିଂ ଏଜିଂ ଭ୍ୟାକସିନ୍ ମୂଷା ଉପରେ ସଫଳ ହୋଇଛି । ମଣିଷ ଉପରେ ବଡ ସ୍ତରରେ ଟ୍ରାଏଲ କରିବାରେ ଅତି କମ୍‌ରେ ଲାଗିଯିବ ୮ ରୁ ୧୦ ବର୍ଷ । ଜାପାନ ଏବଂ ଆମେରିକା ଏଥିରେ ସୀମିତ ସଫଳତା ପାଇଛନ୍ତି । ଅଙ୍ଗକୁ ଦୀର୍ଘ ସମୟ ଧରି ସୁରକ୍ଷିତ ରଖିବା ଓ ଭାଇରସ୍ ସଂକ୍ରମଣର ମଧ୍ୟ ରହିଛି ବଡ଼ ବିପଦ । ରୁଷର ସ୍ୱପ୍ନ ବଡ଼, କିନ୍ତୁ ରାସ୍ତା ଏବେ ବି ରହିଛି ଲମ୍ବା । ଏହାକୁ ସତ କରିବାକୁ ହେଲେ ଚଢିବାକୁ ପଡିବ ବିଜ୍ଞାନର ଅନେକ ପାହାଚ ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

**ରାସ୍ତା**

ରାସ୍ତା ଖୋଜୁ ଖୋଜୁ ମୁଁ ହଜିଗଲି ସରଳ ରାସ୍ତାରେ ସରଳ ମାର୍ଗରେ, ସେ ସରଳ ରାସ୍ତାର ଅର୍ଥ ହେଉଛି ବାରାଙ୍ଗୁଳ ବାଇର ପଥ, କିନ୍ତୁ ତୁମେମାନେ ମୋତେ ବାହ୍ୟ ଉପରେ ଖୋଜିଲେ ପାଇବ କେମିତି । ହେ ଭକ୍ତ, ତୁମେ ସରଳ ହୋଇଯାଅ ବାହ୍ୟାଡମ୍ବରୁ ନିଜକୁ ମୁକ୍ତ କର । କାରଣ ବାହ୍ୟାଡମ୍ବର ବନ୍ଧନର କାରଣ, ମୁକ୍ତିର ମାର୍ଗ ନୁହେଁ । ସେତ ସଇତାନର ମାର୍ଗ, ସଇତାନର ମାର୍ଗ ନୁହେଁ । ମୋତେ ଖୋଜିଲେ ସେଠାରେ ପାଇବ କେମିତି । ମୁଁ ତ ସେଇ ପରମଧନର ବିଭୂତି ମୁଁ ତ ସେଇ ପରମାତ୍ମାର ସମ୍ପତି । ମୁଁ ସେଇ ସମ୍ପତିର ଚାଷୀ । ମୁଁ ସେଠାରେ ଚାଷ କରୁଛି । ମୋତେ ଖୋଜିବା ବୁଝିବା ଏତେ ସହଜ ନୁହେଁ । ମାଟି ଘଟରେ ରହି ମୁଁ ମୋ ମାକୁ ତ ଭୁଲି ପାରିବିନାହିଁ । ଗୁରୁଙ୍କୁ ତ ଭୁଲିପାରିବି ନାହିଁ । ଈଶ୍ୱରଙ୍କୁ ତ ଭୂଲି ପାରିବି ନାହିଁ । ତେଣୁ କାହାକଥାରେ ମୋତେ କଣ ମିଳୁଛି । ମୁଁତ ରାସ୍ତା ଭୂଲି ପାରିବି ନାହିଁ କି ପଛକୁ ଫେରି ପାରିବି ନାହିଁ । ମୁଁ ମୁକ୍ତିର ପଥ ପାଇ ଯୁକ୍ତର ବଣରେ କାହିଁକି ପଶିବି । ଈଶ୍ୱରଯୁକ୍ତ ପ୍ରାପ୍ତି ପାଇଁ ବ୍ୟାକୁଳ ହେବା ହେଉଛି ଅଧପତନର କାରଣ। ତେଣୁ ହେ ଭକ୍ତ ପଥ ଭୂଲନାହିଁ । ଯେତେ କଷ୍ଟ କଷ୍ଟପଡୁ । ଯୀଶୁଖ୍ରୀଷ୍ଟଙ୍କୁ ଲୁହାର କଣ୍ଟା ବାଡେଇ ମାରିଲେ । ସେ କଣ ଅଭିଶାପ ଦେଲେ । କିନ୍ତୁ ତୁମେ ସହସ୍ର ସହସ୍ର ବାକ୍ୟରେ ତୀକ୍ଷ୍ଣ ଛୁରୀକା ଆଘାତ କଲେ ମୋର କିଛି କ୍ଷତି ହେବନାହିଁ। ସବୁବେଳେ ମୁଁ ହସୁଛି ଏବଂ ହସୁଥିବି କାହିଁକି ନା ତୁମମାନଙ୍କର ଅଜ୍ଞାନତା ହେତୁ ଆଉ ଯେତେବେଳେ ତୁମର ଜ୍ଞାନ ଚକ୍ଷୁ ଫିଟିଯିବ ତୁମେ ଦେଖିବ ସେତେବେଳେ ଭାବିବ ଆମେ କଣ କରୁଥିଲୁ । ସେତେବେଳ ପର୍ଯ୍ୟନ୍ତ ବି ତୁମମାନଙ୍କ ପାଇଁ କ୍ଷମାର ଦ୍ୱାରା ଖୋଲା ରହିଥିବ ଏଥିରେ ତିଳେ ହେଲେ ସନ୍ଦେହ ନାହିଁ । ଏବେବି ସମୟ ଅଛି,ତୁମେ ଯାହା ଭାବୁଛ ତାହା ଏକ ମାୟାର ।। ବରଣ ତା ଭିତରୁ ବାହାରି ଆସି ନିଜକୁ ଚିହ୍ନ, ତୁମର ଅନ୍ତର ଆତ୍ମାକୁ ଦେଖ, ତୁମେ କିଏ ? ନଦୀ ଯେତେ ବଡିଲେ ବି ସିନ୍ଧୁର ଏକ ବିନ୍ଦୁ । ଏହାହିଁ ସତ୍ୟ ଅସତ୍ୟକୁ ଉପଲବ୍ଧ କରି, ସତ୍ୟକୁ ମାଳା କରି ଅସତ୍ୟର ସନ୍ଧାନୀ ହୁଅ ନାହିଁ କୁଚକ୍ରୀ ଠାରୁ ଦୂରେଇ ରୁହ । ମିଠା କଥାରେ ପୁତନାର ବିଷ ରହିଲା ପରି ସେ କଥା ଶୁଣନାହିଁ । କାରଣ ତୁମ ଶରୀର ବିଷାକ୍ତ ହୋଇଯିବ ତେଣୁ କଥାରେ ଅଛି-

ବୁଝୁ ନ ବୁଝୁ ପଢ ଗୀତା
ରୁଚୁ ନ ରୁଚୁ ଖାଅ ପିତା

# ପରିବାର-ସଂସ୍କୃତି : ଝିଅଙ୍କ କୀର୍ତ୍ତି ଓ କୃତି-୩



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

**କୁମ୍‌କୁମ୍ ମହାନ୍ତି**

ଓଡ଼ିଶାର ସ୍ୱନାମଧନ୍ୟ ଶିକ୍ଷାବିତ୍ ବାମାଚରଣ ଦାସଙ୍କ ଝିଅ କୁମ୍‌କୁମ୍ ମହାନ୍ତି । ଏକ ସଂସ୍କୃତିସମ୍ପନ୍ନ ପରିବାରରେ କୁମ୍‌କୁମ୍‌ଙ୍କର ଜନ୍ମ କଟକ ସହରରେ ୧୯୪୬ ସେପ୍ଟେମ୍ବର ୧୦ରେ । ଉଭୟ ବାପା ବାମାଚରଣ ଦାସ ଓ ମା' ପୁଣ୍ୟପ୍ରଭା ଦାସଙ୍କର ପ୍ରେରଣା ତାଙ୍କୁ ଓଡ଼ିଶାର ପାରମ୍ପରିକ କଳାର ବିକାଶ ପାଇଁ ଉତ୍ସାହ ଦାନ କରିଥିଲା । ତାଙ୍କର ଅଜା ବ୍ରଜସୁନ୍ଦର ଦାସ ଥିଲେ କଳା, ସାହିତ୍ୟ, ସଂସ୍କୃତିର ଜଣେ ବିଶିଷ୍ଟ ପୃଷ୍ଠପୋଷକ । ମାତ୍ର ନଅବର୍ଷ ବୟସରେ କୁମ୍‌କୁମ୍ କଟକ କଳାବିକାଶ କେନ୍ଦ୍ରରେ ଓଡ଼ିଶୀ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ । ଗୋଟିଏ ଦଶନ୍ଧି ଧରି ସେ ଏହି ଶିକ୍ଷା ଗ୍ରହଣ କରିଥିଲେ । ସେଥିସହିତ ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନ ଏମ୍.ଏ. ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଉତ୍ତୀର୍ଣ୍ଣ ହେଲେ । ୧୯୭୦ ମସିହାରେ ଯୋଗଦେଲେ ଆଲାଏଡ୍ ସର୍ଭିସ୍‌ରେ । ଜଣେ ଦକ୍ଷ ପ୍ରଶାସିକା ଭାବରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନସଚିବ ପଦରେ ସେ ଦାୟିତ୍ୱ ନିର୍ବାହ କରିଛନ୍ତି। ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ପଦରେ ଅବସ୍ଥାପିତ ହୋଇ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ପରମ୍ପରା ଓଡ଼ିଶୀ ନୃତ୍ୟର ବିକାଶ ଓ ଗବେଷଣା ପାଇଁ ଉଦ୍ୟମନିରତ ଅଛନ୍ତି । ଖ୍ୟାତିସମ୍ପନ୍ନ ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଭୂଷଣ କେଳୁଚରଣ ମହାପାତ୍ରଙ୍କ ଠାରୁ ଶିକ୍ଷା ଗ୍ରହଣ କରି ସାରା ଭାରତରେ ବିଶେଷତଃ ସମ୍ମାନଜନକ ନୃତ୍ୟ ଓ ସଙ୍ଗୀତ ସମ୍ମେଳନ ସୁର ସିଂହାର ସଂସଦ, ହରିଦାସ ସମ୍ମେଳନ, ତାନ୍‌ସେନ୍ ସମ୍ମେଳନ, ଦିଲ୍ଲୀର ସର୍ବଭାରତୀୟ ନୃତ୍ୟୋତ୍ସବ, କୃଷ୍ଣ ଗାନ ସଭା, ଖଜୁରାହୋ, ଲକ୍ଷ୍ନୌ କଲିକତା ମୁମ୍ବାଇର ବିଭିନ୍ନ ସଙ୍ଗୀତ ସମ୍ମେଳନ, ନିଶିଗନ୍ଧା ଉତ୍ସବ, ସୂର୍ଯ୍ୟ ଉତ୍ସବ, କିଙ୍କିଣୀ ନୃତ୍ୟ ଉତ୍ସବ ସମେତ ରୁଷିଆ, ଆମେରିକା, ଜାପାନ, ଇଣ୍ଡୋନେସିଆ, ସିଂହାପୁର, ଲଣ୍ଡନ ଭଳି ବିଦେଶୀ ରାଷ୍ଟ୍ରରେ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରି ନିଜର କଳା ନୈପୁଣ୍ୟ ପାଇଁ ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମିତ୍ତ ତାଙ୍କୁ ପ୍ରଦତ୍ତ□ହୋଇଛି ନୃତ୍ୟାଙ୍ଗନା ସମ୍ମାନ, ୧୯୯୩ରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର, ୧୯୯୪ରେ ଭାରତୀୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର, ୨୦୦୫ରେ ପଦ୍ମଶ୍ରୀ ଉପାଧି, ୨୦୧୧ରେ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଇତ୍ୟାଦି । ୨୦୦୪ରେ ସରକାରୀ ଚାକିରିରୁ ଅବସର ଗ୍ରହଣ କରିବା ପରେ ଭୁବନେଶ୍ୱରରେ ୨୦୦୬ ମସିହାରେ ସେ ପ୍ରତିଷ୍ଠା କରିଛନ୍ତି 'ଗୀତ ଗୋବିନ୍ଦ' ନାମକ ଏକ ନୃତ୍ୟ ବିଦ୍ୟାଳୟ ।

**ଅରୁଣା ମହାନ୍ତି**

ସୁଖ୍ୟାତ ନାଟ୍ୟକାର କମଳଲୋଚନ ମହାନ୍ତିଙ୍କ ଝିଅ ଅରୁଣା ମହାନ୍ତି । ଅରୁଣାଙ୍କ ଜନ୍ମ ଭୁବନେଶ୍ୱରରେ ୧୯୬୦ରେ । ଏକ ସଂସ୍କୃତି ସମୃଦ୍ଧ ପରିବାରରେ ଜନ୍ମ ହୋଇ ଓ ବାପାଙ୍କ ପ୍ରେରଣା ଲାଭ କରି ସେ ସ୍ୱାଭାବିକ ଭାବରେ କଳା ଓ ସଂସ୍କୃତି କ୍ଷେତ୍ରକୁ ଆକର୍ଷିତ ହୋଇଥିଲେ। କେତୋଟି ଓଡ଼ିଆ ନାଟକ ଓ ଚଳଚ୍ଚିତ୍ରରେ ଶିଶୁ-ଭୂମିକାରେ ଅଭିନୟ କରିଥିଲେ ସେ । ପରବର୍ତ୍ତୀ ସମୟରେ ଗୁରୁ ଶ୍ରୀନାଥ ରାଉତ, ଗୋବିନ୍ଦ ପାଲ୍, ଗଙ୍ଗାଧର ପ୍ରଧାନଙ୍କ ଠାରୁ ଶିକ୍ଷା ଗ୍ରହଣ କରି ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଲେ । ଏ କ୍ଷେତ୍ରରେ ମଧ୍ୟ ତାଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ ଗୁରୁ ପଙ୍କଜ ଚରଣ ଦାସ, କେଳୁଚରଣ ମହାପାତ୍ର, ସଂଯୁକ୍ତା ପାଣିଗ୍ରାହୀ, ସୋନାଲ୍ ମାନସିଂହ ପ୍ରମୁଖ । ନିର୍ମଳ ମହାନ୍ତି, ଶାନ୍ତନୁ ଦାସଙ୍କ ଠାରୁ ଓଡ଼ିଶୀ ସଙ୍ଗୀତ ଶିକ୍ଷା ଲାଭ କରିଥିଲେ । ଭାରତ ଏବଂ ଭାରତ ବାହାରେ ବହୁ ସମ୍ମାନଜନକ ନୃତ୍ୟ ଉତ୍ସବରେ ଓଡ଼ିଶୀ ପ୍ରଦର୍ଶନ କରି ଅରୁଣା ଭୂୟସୀ ପ୍ରଶଂସା ଅର୍ଜନ କରିଛନ୍ତି । ଭୁବନେଶ୍ୱରସ୍ଥିତ ଓଡ଼ିଶା ଡ୍ୟାନ୍ସ ଏକାଡେମୀରେ ୧୯୯୩ରୁ ସେକ୍ରେଟାରୀ ପଦରେ ଥାଇ ସେ ଓଡ଼ିଶୀ ନୃତ୍ୟ ଶିକ୍ଷା ଦାନ କରୁଅଛନ୍ତି । ଭାରତ, କାନାଡ଼ା, ହଲାଣ୍ଡ, ଜାପାନ, ଫ୍ରାନ୍ସ, ନେଦରଲାଣ୍ଡ, କୋରିଆ, ଆମେରିକାର ବହୁ ସାଂସ୍କୃତିକ ଅନୁଷ୍ଠାନ ସହିତ ସମ୍ପର୍କ ରକ୍ଷା କରି ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଭାରତ ଓ ଭାରତ ବାହାରେ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ଶିକ୍ଷାଦାନ ମାଧ୍ୟମରେ ଆମ ରାଜ୍ୟର ଏହି ପାରମ୍ପରିକ କଳାର ପ୍ରଚାର ପ୍ରସାରରେ ବ୍ରତୀ ଅଛି । ସ୍ୱାଧୀନତାର ଉତ୍ତରକାଳରେ ଓଡ଼ିଶୀର ବିବର୍ତ୍ତନ ସମ୍ବନ୍ଧରେ ଅରୁଣା ଗବେଷଣାରତ । ଆମେରିକାର କାଲିଫର୍ଣ୍ଣିଆ, ଦକ୍ଷିଣ କ୍ୟାରୋଲିନା, କର୍ଣ୍ଣେଲ୍ ବିଶ୍ୱବିଦ୍ୟାଳୟରେ ଜଣେ ଅତିଥି-ଅଧ୍ୟାପକ ଭାବରେ ସେ ଶିକ୍ଷାଦାନ କରିଛନ୍ତି । ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ ନିମିତ୍ତ□ଗୁରୁ ପଙ୍କଜଚରଣ ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନ, ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ସେ ସମ୍ମାନିତ ହୋଇଛନ୍ତି ; ୧୯୯୭ରେ ମାହାରୀ ପୁରସ୍କାର, ୨୦୦୧ରେ ସଂଯୁକ୍ତା ପାଣିଗ୍ରାହୀ ସ୍ମାରକୀ ଜାତୀୟ ପୁରସ୍କାର, ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଫେଲୋସିପ୍, ୨୦୧୦ରେ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ହୋଇଛନ୍ତି

# ଶିଷ୍ଟାଚାର ହେଉଛି ପାରିବାରିକ ଆଦର୍ଶ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ଶିଷ୍ଟାଚାର ହେଉଛି ପରିବାରର ନିୟମ ଯାହା ବ୍ୟକ୍ତିର ଚରିତ୍ର, ଆଚରଣ ଏବଂ ବ୍ୟକ୍ତିତ୍ୱକୁ ଗଢ଼ି ତୋଳିଥାଏ । ପରିବାର ହେଉଛି ଜଣେ ବ୍ୟକ୍ତିଙ୍କର ପ୍ରଥମ ଶିକ୍ଷାନୁଷ୍ଠାନ । ଏଠାରେ ହିଁ ଜଣେ ଭଲ ଏବଂ ମନ୍ଦ, ନୈତିକତା, କର୍ତ୍ତବ୍ୟ ଏବଂ ଅଧିକାର ଏବଂ ସାମାଜିକ ମୂଲ୍ୟବୋଧ ବିଷୟରେ ଶିଖେ । ଶିଷ୍ଟାଚାର ହେଉଛି ଏକ ସୁନ୍ଦର, ସଂଗଠିତ ଏବଂ ଭଲ ପରିବାରର ମୌଳିକ ଭିତ୍ତିଭୂମି । ଶିଷ୍ଟାଚାର ବିନା ଏକ ପରିବାରରେ ଶାନ୍ତି, ସମ୍ମାନ, ପ୍ରେମ ଏବଂ ସହଯୋଗର ପରିବେଶ ସୃଷ୍ଟି ହୋଇପାରିବ ନାହିଁ । ଶିଷ୍ଟାଚାର କେବଳ ବାହ୍ୟ ଆଚରଣ ନୁହେଁ, ଏହା ଜଣେ ବ୍ୟକ୍ତିଙ୍କ ଆଭ୍ୟନ୍ତରୀଣ ସଂସ୍କୃତି, ଶିଷ୍ଟାଚାର, ଦୟା ଏବଂ ମାନବିକତାର ପ୍ରକାଶ । ଯଦି ପରିବାରର ପ୍ରତ୍ୟେକ ସଦସ୍ୟ ଶିଷ୍ଟାଚାର ପାଳନ କରନ୍ତି ତେବେ ସେହି ପରିବାର ଏକ ଆଦର୍ଶ ପରିବାର ହୋଇଯାଏ । ଶିଷ୍ଟାଚାର ଶବ୍ଦଟି 'ଶିଷ୍ଟ' ଏବଂ 'ଆଚାର' ଦୁଇଟି ଶବ୍ଦରୁ ଉତ୍ପନ୍ନ ହୋଇଛି । ଶିଷ୍ଟ ଅର୍ଥ ହେଉଛି ଏକ ନମ୍ର, ସଭ୍ୟ ଏବଂ ସଂସ୍କୃତିସମ୍ପନ୍ନ ବ୍ୟକ୍ତି ଏବଂ ଆଚାର ଅର୍ଥ ହେଉଛି ଆଚରଣ । ତେଣୁ ଶିଷ୍ଟାଚାର ଅର୍ଥ ହେଉଛି ନମ୍ର ଏବଂ ସୌଜନ୍ୟପୂର୍ଣ୍ଣ ଆଚରଣ । ଶିଷ୍ଟାଚାରରେ ବଡ଼ମାନଙ୍କୁ ସମ୍ମାନ କରିବା, ସାନମାନଙ୍କୁ ପ୍ରେମ କରିବା, ଦୟାପୂର୍ଣ୍ଣ କଥା କହିବା, ଅନ୍ୟମାନଙ୍କ ଭାବନାକୁ ସମ୍ମାନ କରିବା, ସହଯୋଗ କରିବା ଏବଂ ନିଜ କର୍ତ୍ତବ୍ୟ ପାଳନ କରିବା ଅନ୍ତର୍ଭୁକ୍ତ । ଶିଷ୍ଟାଚାର ଜଣେ ବ୍ୟକ୍ତିକୁ ମହାନ କରିଥାଏ । ଧନ, ସମ୍ପତ୍ତି କିମ୍ବା ଉଚ୍ଚ ପଦବୀ ଦ୍ୱାରା ସମ୍ମାନ ଅର୍ଜନ ହୁଏ ନାହିଁ, ବରଂ ସେମାନଙ୍କର ଭଲ ଆଚରଣ ଏବଂ ଆଚରଣ ହିଁ ସେମାନଙ୍କୁ ସମାଜରେ ପ୍ରେମ ଏବଂ ସମ୍ମାନ କରିଥାଏ । ପରିବାର ହେଉଛି ସମାଜର ସବୁଠାରୁ ଛୋଟ ଏକକ । ପରିବାରରେ ପିଲା ଜୀବନର ପ୍ରଥମ ଶିକ୍ଷା ଶିଖେ । ପିତାମାତା, ଜେଜେବାପା, ଭାଇଭଉଣୀ ଏବଂ ପରିବାରର ଅନ୍ୟାନ୍ୟ ସଦସ୍ୟଙ୍କ ଆଚରଣ ପିଲା ଉପରେ ଗଭୀର ପ୍ରଭାବ ପକାଇଥାଏ । ଯେଉଁ ପରିବାରରେ ଶିଷ୍ଟାଚାର ପ୍ରଚଳିତ ହୁଏ, ସମସ୍ତେ ପରସ୍ପରକୁ ସମ୍ମାନ କରନ୍ତି, ଭଲ ପାଆନ୍ତି ଏବଂ ସହଯୋଗ କରନ୍ତି । ଏପରି ପରିବାର ସର୍ବଦା ଶାନ୍ତି ଏବଂ ସୁଖ ଅନୁଭବ କରେ ।

ଶିଷ୍ଟାଚାର ଅଭାବ ଥିବା ପରିବାରଗୁଡ଼ିକ ଝଗଡା, ଅଶାନ୍ତି, ଅବିଶ୍ୱାସ ଏବଂ ଦ୍ୱନ୍ଦ୍ୱର ସମ୍ମୁଖୀନ ହୁଅନ୍ତି । ତେଣୁ ଏକ ସୁସ୍ଥ ପାରିବାରିକ ପରିବେଶ ପାଇଁ ଶିଷ୍ଟତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭାରତୀୟ ସଂସ୍କୃତି ବୟସ୍କମାନଙ୍କୁ ସମ୍ମାନ କରିବା ଉପରେ ବିଶେଷ ଗୁରୁତ୍ୱ ଦିଏ । ପିତାମାତା, ଶିକ୍ଷକ ଏବଂ ବୟସ୍କମାନଙ୍କୁ ସମ୍ମାନ କରିବା ଶିଷ୍ଟାଚାର ଏକ ପ୍ରମୁଖ ଲକ୍ଷଣ । ଯେତେବେଳେ ପରିବାରର ଛୋଟ ସଦସ୍ୟମାନେ ବୟସ୍କମାନଙ୍କୁ ସମ୍ମାନ କରନ୍ତି ସେତେବେଳେ ଭଲ ସମ୍ପର୍କ ଏବଂ ଶୃଙ୍ଖଳା ବଜାୟ ରଖାଯାଏ । ଭଦ୍ରତା କେବଳ ବୟସ୍କମାନଙ୍କୁ ସମ୍ମାନ କରିବା ପର୍ଯ୍ୟନ୍ତ ସୀମିତ ନୁହେଁ । ବୟସ୍କମାନେ ମଧ୍ୟ ଛୋଟମାନଙ୍କ ପ୍ରତି ସ୍ନେହ, ପ୍ରେମ ଏବଂ କରୁଣା ଦେଖାଇବା ଉଚିତ । ଏହା ପରିବାର ମଧ୍ୟରେ ପ୍ରେମ ଏବଂ ବିଶ୍ୱାସକୁ ବୃଦ୍ଧି କରେ । କୋମଳ ଶବ୍ଦ ଜଣେ ବ୍ୟକ୍ତିଙ୍କ ହୃଦୟକୁ ଜିତିପାରେ । ଭଦ୍ର ଭାଷା ଏବଂ ଆଚରଣ ପରିବାରରେ ଖୁସି ଏବଂ ଶାନ୍ତି ଆଣିଥାଏ । କଠୋର କଥା କିମ୍ବା ଅଭଦ୍ର ଆଚରଣ ଅଶାନ୍ତି ସୃଷ୍ଟି କରେ । ଏକ ଆଦର୍ଶ ପରିବାରର ଏକ ପ୍ରମୁଖ ଗୁଣ ହେଉଛି ପାରସ୍ପରିକ ସହଯୋଗ । ପ୍ରତ୍ୟେକେ ଘରର କାମ, ସମସ୍ୟା କିମ୍ବା ଆବଶ୍ୟକତାରେ ପରସ୍ପରକୁ ସାହାଯ୍ୟ କରିବା ଉଚିତ । ଏହା ଶିଷ୍ଟାଚାରର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ପରିବାରର ପ୍ରତ୍ୟେକ ସଦସ୍ୟଙ୍କର ଏକ କର୍ତ୍ତବ୍ୟ ଅଛି । ପିତାମାତା ସେମାନଙ୍କ ପିଲାମାନଙ୍କର ଯତ୍ନ ନିଅନ୍ତି ଏବଂ ପିଲାମାନେ ସେମାନଙ୍କ ପିତାମାତାଙ୍କ କଥା ମାନି ଚାଲନ୍ତି । ଯଦି ସମସ୍ତେ ସଙ୍କୋଚତାର ସହିତ ସେମାନଙ୍କର କର୍ତ୍ତବ୍ୟ ପାଳନ କରନ୍ତି ତେବେ ପରିବାର ଏକ ଉଦାହରଣ ସୃଷ୍ଟି କରିପାରିବ । ପିଲାମାନେ ପରିବାରର ଭବିଷ୍ୟତ । ସେମାନେ ଯାହା ଦେଖନ୍ତି ଏବଂ ଶିଖନ୍ତି ତାହା ନିଜ ଜୀବନରେ ପ୍ରୟୋଗ କରନ୍ତି । ଯଦି ପରିବାରରେ ଶିଷ୍ଟାଚାରର ପରିବେଶ ଥାଏ ତେବେ ପିଲାମାନେ ମଧ୍ୟ ଭଦ୍ର, ଶୃଙ୍ଖଳିତ ଏବଂ ଦାୟିତ୍ୱବାନ ହୋଇ ବଡ଼ ହୁଅନ୍ତି । ଏହି ଯୁଗରେ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ବିକାଶ ସହିତ ଲୋକଙ୍କ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଆସିଛି । ମିଳିତ ପରିବାରର ତଥା ଯୌଥ ପରିବାର ସ୍ଥାନରେ ଏକାକୀ ରହିବା ବର୍ତ୍ତମାନ ଆରମ୍ଭ ହୋଇଛି । ମୋବାଇଲ୍ ଫୋନ୍, ଇଣ୍ଟରନେଟ୍ ଏବଂ ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାର ଯୋଗୁଁ ପରିବାରର ସଦସ୍ୟଙ୍କ ମଧ୍ୟରେ ସମୟ ଏବଂ ସମ୍ପର୍କ ହ୍ରାସ ପାଉଛି । କେତେକ ସମୟରେ ଛୋଟ ପିଲାମାନେ ସେମାନଙ୍କର ବଡ଼ମାନଙ୍କୁ ସମ୍ମାନ କରନ୍ତି ନାହିଁ ଏବଂ ବଡ଼ମାନେ ମଧ୍ୟ ଧୈର୍ଯ୍ୟ ହରାଇ ବସନ୍ତି । ଫଳସ୍ୱରୂପ ପରିବାରରେ ଶିଷ୍ଟାଚାର ଅବନତି ପାଇଥାଏ । ଏହା ଏକ ଚିନ୍ତାର ବିଷୟ । ପରିବାର ମଧ୍ୟରେ ଶିଷ୍ଟାଚାର ଶିକ୍ଷା ଆରମ୍ଭ ହେବା ଉଚିତ । ପିତାମାତାମାନେ ସେମାନଙ୍କ ପିଲାମାନଙ୍କୁ ନିଜ ଆଚରଣ ମାଧ୍ୟମରେ ଶିକ୍ଷା ଦେବା ଉଚିତ । ବିଦ୍ୟାଳୟରେ ନୈତିକ ଶିକ୍ଷା ଦିଆଯିବା ଉଚିତ । ଏହା ମାଧ୍ୟମରେ ପିଲାମାନେ ଭଲ ଆଚରଣର ମୂଲ୍ୟ ବୁଝିପାରିବେ । ଭାରତୀୟ ସଂସ୍କୃତି ଏବଂ ପରମ୍ପରା ହେଉଛି ଶିଷ୍ଟାଚାରର ମୂଳଦୁଆ । ଏହି ଆଲୋଚନା ମାଧ୍ୟମରେ ପରିବାରରେ ଭଲ ନୈତିକ ମୂଲ୍ୟବୋଧ ବିକଶିତ ହୋଇପାରିବ । ଶିଷ୍ଟାଚାର ପାଳନ ପାଇଁ ଆତ୍ମନିୟନ୍ତ୍ରଣ ଆବଶ୍ୟକ । କ୍ରୋଧ, ଅହଂକାର ଏବଂ ସ୍ୱାର୍ଥପରତା ପରିତ୍ୟାଗ କରିବା ଉଚିତ । ପରିବାରର ସଦସ୍ୟମାନେ ପରସ୍ପର ସହିତ ସମୟ ବିତାଇବା ଉଚିତ । ଏହା ସମ୍ପର୍କକୁ ମଜବୁତ କରେ ଏବଂ ଶିଷ୍ଟାଚାର ବିକଶିତ କରେ । ଏକ ଆଦର୍ଶ ପରିବାରରୁ ଏକ ଆଦର୍ଶ ସମାଜ ନିର୍ମିତ ହୁଏ । ପରିବାରରେ ଶିଷ୍ଟାଚାର ଥିଲେ ସମାଜରେ ଶାନ୍ତି, ଶୃଙ୍ଖଳା ଏବଂ ସମନ୍ୱୟ ରହିବ । ଯେଉଁ ଦେଶରେ ପରିବାର ଶିଷ୍ଟାଚାରରେ ପରିପୂର୍ଣ୍ଣ ଥାଏ ସେ ଦେଶ ପ୍ରଗତି ଏବଂ ସମୃଦ୍ଧି ଆଡକୁ ଆଗେଇଥାଏ । ଶିଷ୍ଟାଚାର ଜଣେ ବ୍ୟକ୍ତିକୁ କେବଳ ଜଣେ ଭଲ ପରିବାର ସଦସ୍ୟ ନୁହେଁ ବରଂ ଜଣେ ଭଲ ନାଗରିକ ଏବଂ ଜଣେ ଭଲ ମଣିଷ ମଧ୍ୟ ଗଢି ତୋଳିବାରେ ସାହାଯ୍ୟ କରେ । ଏହା ସମାଜରେ ପ୍ରେମ, ଭାଇଚାରା ଏବଂ ସହଯୋଗକୁ ପ୍ରୋତ୍ସାହିତ କରିଥାଏ । ଶିଷ୍ଟାଚାର ହେଉଛି ପାରିବାରିକ ଜୀବନର ମୌଳିକ ମୂଳଦୁଆ । ଏହା ପରିବାରକୁ ସୁସଂଗଠିତ, ଖୁସି ଏବଂ ଆଦର୍ଶ କରିଥାଏ । ଶିଷ୍ଟାଚାର ପାରସ୍ପରିକ ସମ୍ମାନ, ସ୍ନେହ, ସହଯୋଗ ଏବଂ ଦାୟିତ୍ୱକୁ ପ୍ରୋତ୍ସାହିତ କରିଥାଏ । ଏହା କେବଳ ପରିବାରକୁ ନୁହେଁ ବରଂ ସମଗ୍ର ସମାଜ ଏବଂ ଦେଶକୁ ପ୍ରଗତି ପଥରେ ଆଗେଇ ନେଇଥାଏ । ତେଣୁ ପ୍ରତ୍ୟେକ ପରିବାରରେ ଶିଷ୍ଟାଚାର ବିଷୟରେ ଆଲୋଚନା ହେବା ଉଚିତ । ପିଲାମାନଙ୍କୁ ଛୋଟ ବୟସରୁ ହିଁ ସୌଜନ୍ୟ, ଆଚାର ଏବଂ ନୈତିକତା ଶିଖାଇବା ଉଚିତ । ଯେତେବେଳେ ପ୍ରତ୍ୟେକ ପରିବାର ଶିଷ୍ଟାଚାରକୁ ନିଜର ଆଦର୍ଶ ଭାବରେ ଗ୍ରହଣ କରିବ ସେତେବେଳେ ସେ ପରିବାରର ଭାବ ମାଧୁର୍ଯ୍ୟମୟ ହେବା ସହିତ ତାଙ୍କ ଦ୍ୱାରା ଏକ ସୁନ୍ଦର, ସୁସ୍ଥ ଏବଂ ଆଦର୍ଶ ସମାଜ ସୃଷ୍ଟି ହେବାରେ ସହାୟକ ହେବ ।

# ବୈଚାରିକ ସଂକ୍ରମଣ ଏବଂ ସ୍ଥାନୀୟ ରାଜନୀତିର ଭବିଷ୍ୟତ



ପ୍ରଜ୍ଞା ପ୍ରସାଦ ତଥାଗତ
ରମ୍ଭା, ଗଞ୍ଜାମ
ମୋ-୯୦୭୮୭୮୧୬୫୧

ଭାରତୀୟ ଗଣତନ୍ତ୍ରର ବିବର୍ତ୍ତନ ଇତିହାସରେ ଆଞ୍ଚଳିକ ଦଳଗୁଡ଼ିକର ଅଭ୍ୟୁଦୟ ଏବଂ ବିଳୟ କେବଳ ସଂଖ୍ୟାର ଖେଳ ନୁହେଁ, ବରଂ ଏହା ଏକ ଗଭୀର ସାମାଜିକ, ସାଂସ୍କୃତିକ ଓ ମନୋବୈଜ୍ଞାନିକ ରୂପାନ୍ତରର କାହାଣୀ ମଧ୍ୟ । ଭାରତ ଭଳି ଏକ ବିବିଧତାପୂର୍ଣ୍ଣ ରାଷ୍ଟ୍ରରେ, ଯେଉଁଠି ଆଞ୍ଚଳିକ ଅସ୍ମିତା କେନ୍ଦ୍ରୀୟ ସତ୍ତା ବିରୋଧରେ ସଦାବେଳେ ଏକ ସୁରକ୍ଷା କବଚ ସାଜି ଆସିଛି, ସେଠାରେ ଆଞ୍ଚଳିକ ଦଳଗୁଡ଼ିକର କ୍ରମାଗତ ଦୁର୍ବଳତା କିମ୍ବା ସମ୍ପୂର୍ଣ୍ଣ ବିଲୁପ୍ତ ହେବା ଏକ ଗମ୍ଭୀର ଚିନ୍ତାର ବିଷୟ । ଭାରତରେ ସାମ୍ପ୍ରତିକ ସମୟରେ ଘଟିଯାଇଥିବା ବିଭିନ୍ନ ରାଜ୍ୟ ନିର୍ବାଚନର ଫଳାଫଳ ଏବଂ ନିକଟ ଅତୀତର ରାଜନୈତିକ ଘଟଣାଚକ୍ରକୁ ବିଚାରକୁ ନେଲେ ଏହା ସ୍ପଷ୍ଟ ଜଣାପଡ଼େ ଯେ, ଭାରତୀୟ ରାଜନୀତି ଏବେ ଏକ ବଡ଼ ସାଂଗଠନିକ ଏବଂ ବୈଚାରିକ ସଂକ୍ରମଣ କାଳ ଦେଇ ଗତି କରୁଛି । ତେଣୁ, ଆଞ୍ଚଳିକ ଦଳଗୁଡ଼ିକର ଏହି ଅବକ୍ଷୟକୁ କେବଳ ଗୋଟିଏ ନିର୍ବାଚନର ହାର-ଜିତରେ ନମାପି,ଏହାର ଏକ ମାର୍ମିକ, ତାତ୍ତ୍ୱିକ ଏବଂ ମନୋବୈଜ୍ଞାନିକ ବିଶ୍ଳେଷଣ କରାଯିବା ଉଚିତ । ଆଞ୍ଚଳିକ ଦଳଗୁଡ଼ିକର ଜନ୍ମ କୌଣସି ଶୂନ୍ୟତା ଭିତରୁ ହୋଇନଥିଲା । ଏହା ଥିଲା ସ୍ଥାନୀୟ ଲୋକଙ୍କ ଆଶା, ଆକାଂକ୍ଷା, ସ୍ୱାଭିମାନ ଏବଂ କେନ୍ଦ୍ରୀୟ ଅବହେଳା ବିରୋଧରେ ଏକ ଜୀବନ୍ତ ବିଦ୍ରୋହ । ଓଡ଼ିଶାରେ ବିଜୁ ପଟ୍ଟନାୟକଙ୍କ ଭିଜନ ଓ ପରବର୍ତ୍ତୀ ସମୟର ଆଞ୍ଚଳିକ ପ୍ରାଧାନ୍ୟ ହେଉ, ତାମିଲନାଡୁରେ ଦ୍ରାବିଡ଼ ଆନ୍ଦୋଳନ ହେଉ କିମ୍ବା ଆସାମ ଓ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟରେ ଆଞ୍ଚଳିକ ସ୍ୱାଭିମାନର ସ୍ୱର ହେଉ—ଏ ସବୁ ପଛରେ ଥିଲା ନିଜ ମାଟି, ଭାଷା ଏବଂ ସଂସ୍କୃତିକୁ ବଞ୍ଚାଇ ରଖିବାର ଏକ ଆବେଗପୂର୍ଣ୍ଣ ପ୍ରୟାସ । ଆଞ୍ଚଳିକ ଦଳର ନେତାମାନେ ଦିନେ ଦିଲ୍ଲୀର ଦରବାରରେ ନଇଁବା ପରିବର୍ତ୍ତେ ନିଜ ଲୋକଙ୍କ ସ୍ୱରକୁ ସ୍ପଷ୍ଟ ଭାବେ ଉପସ୍ଥାପନ କରୁଥିଲେ । କିନ୍ତୁ ସାମ୍ପ୍ରତିକ ନିର୍ବାଚନଗୁଡ଼ିକର ଗଭୀର ଚିତ୍ରକୁ ଦେଖିଲେ ଏକ ମାର୍ମିକ ସତ୍ୟ ସାମ୍ନାକୁ ଆସେ—ଏହି ଦଳଗୁଡ଼ିକ ଧୀରେ ଧୀରେ ନିଜର ସେହି ଆବେଗିକ 'ମୂଳ ସିଦ୍ଧାନ୍ତ' ଠାରୁ ବିଚ୍ଛିନ୍ନ ହୋଇଯାଇଛନ୍ତି । ଯେଉଁ ଦଳଗୁଡ଼ିକ ଦିନେ ସାଧାରଣ ଜନତାଙ୍କ ପାଇଁ ଏକ ସୁରକ୍ଷା କବଚ ଥିଲେ, ସେମାନେ ଆଜି କେବଳ କିଛି ନିର୍ଦ୍ଦିଷ୍ଟ ପରିବାର କିମ୍ବା କର୍ପୋରେଟ୍ ଶୈଳୀର ପ୍ରତିଷ୍ଠାନ ପାଲଟିଯାଇଛନ୍ତି । ନିର୍ବାଚନ ଫଳାଫଳର ସବୁଠାରୁ ଦୁଃଖଦ ଦିଗ ହେଉଛି, ଆଞ୍ଚଳିକ ନେତୃତ୍ୱ ଆଉ ଜନମାନସର ନାଡ଼ିକୁ ଚିହ୍ନିପାରୁନାହିଁ । ଦଳର ସଂସ୍ଥାପକମାନେ ଯେଉଁ ତ୍ୟାଗ ଓ ସଂଘର୍ଷର ମାଟି ଉପରେ ଦଳ ଠିଆ କରିଥିଲେ, ତାଙ୍କର ପରବର୍ତ୍ତୀ ପିଢ଼ି କିମ୍ବା ପରାମର୍ଶଦାତାମାନେ ବାସ୍ତବତାଠାରୁ ଦୂରରେ ବସି ନିର୍ବାଚନର ରଣନୀତି ପ୍ରସ୍ତୁତ କରୁଛନ୍ତି । ଫଳସ୍ୱରୂପ, ସାଧାରଣ ଭୋଟର ଏବଂ ଆଞ୍ଚଳିକ ଦଳ ମଧ୍ୟରେ ଥିବା ସେହି ପୁରୁଣା ଆତ୍ମୀୟତାର ଡୋରଟି ଭାଙ୍ଗିଯାଇଛି । ଯେତେବେଳେ ଜଣେ ଭୋଟର ଅନୁଭବ କରେ ଯେ ତା'ର ନିଜ ଆଞ୍ଚଳିକ ଦଳ ମଧ୍ୟ ଏକ ବ୍ୟବସାୟିକ ସଂସ୍ଥା ଭଳି କାମ କରୁଛି,ସେତେବେଳେ ସେ ବିକଳ୍ପ ଖୋଜିବାକୁ ବାଧ୍ୟ ହୁଏ ।ଏହା ହିଁ ଆଞ୍ଚଳିକ ଦଳଗୁଡ଼ିକର ବିଳୟର ସବୁଠାରୁ ବଡ଼ ମାର୍ମିକ କାହାଣୀ । ତାତ୍ତ୍ୱିକ ଦୃଷ୍ଟିକୋଣରୁ ଦେଖିଲେ, ଭାରତୀୟ ସଂଘୀୟ ବ୍ୟବସ୍ଥାରେ ଆଞ୍ଚଳିକ ଦଳଗୁଡ଼ିକର ଏକ ସ୍ପଷ୍ଟ ସାମ୍ବିଧାନିକ ଓ ବୈଚାରିକ ଭୂମିକା ରହିଥିଲା । କେନ୍ଦ୍ରରେ କୌଣସି ଗୋଟିଏ ଦଳର ଏକଛତ୍ରବାଦୀ ମନୋଭାବକୁ ରୋକିବା ଏବଂ ବିବିଧତାର ସନ୍ତୁଳନ ରକ୍ଷା କରିବା ପାଇଁ ଏହି ଦଳଗୁଡ଼ିକ ଏକ ସୁରକ୍ଷା ପ୍ରାଚୀର ଭାବେ କାମ କରୁଥିଲେ । କିନ୍ତୁ ବର୍ତ୍ତମାନର ବୈଚାରିକ ପରିଦୃଶ୍ୟ ସମ୍ପୂର୍ଣ୍ଣ ବଦଳିଯାଇଛି । ଅଧିକାଂଶ ଆଞ୍ଚଳିକ ଦଳ ନିଜର ସତ୍ତା ବଞ୍ଚାଇବା ପାଇଁ ବୈଚାରିକ ଭାବେ ସାଲିସ୍ କରିଦେଇଛନ୍ତି । କ୍ଷମତାରେ ରହିବା କିମ୍ବା କେନ୍ଦ୍ରୀୟ ଶକ୍ତିର ଚାପରେ ସେମାନେ ଜାତୀୟ ସ୍ତରର ବଡ଼ ମୁଦ୍ଦାଗୁଡ଼ିକ ଉପରେ ନିଜର ସ୍ପଷ୍ଟ ଆଭିମୁଖ୍ୟ ରଖିପାରୁନାହାନ୍ତି । ଯେତେବେଳେ ଏକ ଆଞ୍ଚଳିକ ଦଳର ବିଚାରଧାରା ଜାତୀୟ ଦଳର ବିଚାରଧାରା ସହ ମିଶିଯାଏ, ସେତେବେଳେ ଭୋଟର ଭାବନ୍ତି ଯେ ଅସଲି ଜାତୀୟ ବିକଳ୍ପ ଥାଉ ଥାଉ ନକଲି ଆଞ୍ଚଳିକ ବ୍ରାଣ୍ଡକୁ କାହିଁକି ବାଛିବେ ।ଏହା ସହିତ ସୁଶାସନର କେନ୍ଦ୍ରୀକରଣ ଏବଂ କଲ୍ୟାଣକାରୀ ଯୋଜନାଗୁଡ଼ିକର ସିଧାସଳଖ ହସ୍ତାନ୍ତର ମାଧ୍ୟମରେ କେନ୍ଦ୍ର ସରକାର ସ୍ୱାସ୍ଥ୍ୟ, ଗୃହନିର୍ମାଣ ଏବଂ ଖାଦ୍ୟ ସୁରକ୍ଷା ଭଳି ବଡ଼ ବଡ଼ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି ।ଏହାଦ୍ୱାରା ଆଞ୍ଚଳିକ ଦଳଗୁଡ଼ିକର ପାରମ୍ପରିକ "କଲ୍ୟାଣକାରୀ ଏକାଧିକାର' ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଛି । ସମଗ୍ର ଦେଶରେ ଏକ ଶକ୍ତିଶାଳୀ ବ୍ରାଣ୍ଡ୍ ରାଜନୀତି କାମ କରୁଛି, ଯେଉଁଠି ଜାତୀୟ ଦଳଗୁଡ଼ିକ ପାଖରେ ଥିବା ବିପୁଳ ସମ୍ବଳ, ଡିଜିଟାଲ୍ ସୋସିଆଲ ମିଡିଆର କାର୍ଯ୍ୟଦକ୍ଷତା ଏବଂ ସୁସଂଗଠିତ ନିର୍ବାଚନ ପରିଚାଳନା ଶୈଳୀ ଆଗରେ ଆଞ୍ଚଳିକ ଦଳଗୁଡ଼ିକର ପାରମ୍ପରିକ ପ୍ରଚାର ତନ୍ତ୍ର ସମ୍ପୂର୍ଣ୍ଣ ଫେଲ୍ ମାରୁଛି । ସାମ୍ପ୍ରତିକ ରାଜନୀତିକୁ ବୁଝିବାକୁ ହେଲେ ଆଧୁନିକ ଭାରତୀୟ ଭୋଟରଙ୍କ ମନସ୍ତତ୍ତ୍ୱକୁ ମଧ୍ୟ ଗଭୀର ଭାବେ ଅନୁଧ୍ୟାନ କରିବାକୁ ହେବ । ବିଗତ ଏକ ଦଶନ୍ଧି ମଧ୍ୟରେ ସାଧାରଣ ଜନତାଙ୍କ ଚିନ୍ତାଧାରାରେ ଏକ ବଡ଼ ପରିବର୍ତ୍ତନ ଆସିଛି । ପୂର୍ବରୁ ଭୋଟରମାନେ ସ୍ଥାନୀୟ ଜାତି, ଉପଜାତି ଏବଂ ଆଞ୍ଚଳିକ ସମସ୍ୟା ପ୍ରତି ଅଧିକ ଗୁରୁତ୍ୱ ଦେଉଥିଲେ, କିନ୍ତୁ ଆଜିର ଶିକ୍ଷିତ ଏବଂ ଆକାଂକ୍ଷୀ ଯୁବପିଢ଼ି ବିକାଶର ଏକ ବଡ଼ ଭିଜନ, ଆତ୍ମନିର୍ଭରଶୀଳତା ଏବଂ ଗ୍ଲୋବାଲ୍ ପ୍ଲାଟଫର୍ମରେ ଭାରତର ସ୍ଥିତିକୁ ଦେଖି ନିଷ୍ପତ୍ତି ନେଉଛନ୍ତି । ଆଧୁନିକ ଭୋଟରଙ୍କ ମନରେ ଏକ ନୂଆ ମନସ୍ତତ୍ତ୍ୱ ସୃଷ୍ଟି ହୋଇଛି, ଯେଉଁଠି ଆଞ୍ଚଳିକ ସମସ୍ୟାଗୁଡ଼ିକୁ ଜାତୀୟ ସୁରକ୍ଷା ଏବଂ ସୁଦୃଢ଼ କେନ୍ଦ୍ରୀୟ ଶାସନ ଆଗରେ ଗୌଣ ବୋଲି ବିଚାର କରାଯାଉଛି । ଭୋଟର ଅନୁଭବ କରୁଛି ଯେ ଏକ ଦୁର୍ବଳ କିମ୍ବା କ୍ଷୁଦ୍ର ଆଞ୍ଚଳିକ ଦଳ ବିଶ୍ୱ ଦରବାରରେ କିମ୍ବା ବୃହତ ଅର୍ଥନୀତିରେ ରାଷ୍ଟ୍ରର ସଠିକ୍ ପ୍ରତିନିଧିତ୍ୱ କରିପାରିବ ନାହିଁ । ଅନ୍ୟପଟେ, ଅଧିକାଂଶ ଆଞ୍ଚଳିକ ଦଳଗୁଡ଼ିକରେ କୌଣସି ଆଭ୍ୟନ୍ତରୀଣ ଗଣତନ୍ତ୍ର ନାହିଁ । ଦଳର ସର୍ବୋଚ୍ଚ ନେତା ନିଜର ପରବର୍ତ୍ତୀ ପିଢ଼ିକୁ ଜବରଦସ୍ତ ଜନତାଙ୍କ ଉପରେ ଲଦିଦେବାକୁ ଚେଷ୍ଟା କରୁଛନ୍ତି, ଯାହାକୁ ଆଜିର ସମାଜ ମନସ୍ତାତ୍ତ୍ୱିକ ଭାବେ ସହଜରେ ଗ୍ରହଣ କରିପାରୁନାହିଁ । ସେମାନେ ଦେଖୁଛନ୍ତି ଯେ ଜାତୀୟ ଦଳଗୁଡ଼ିକରେ ଜଣେ ସାଧାରଣ କର୍ମୀ ମଧ୍ୟ ଯୋଗ୍ୟତା ବଳରେ ଶୀର୍ଷ ପଦକୁ ଯାଇପାରୁଛି,କିନ୍ତୁ ଆଞ୍ଚଳିକ ଦଳରେ ଜଣେ ଯୋଗ୍ୟ କର୍ମୀ ସାରା ଜୀବନ କେବଳ ଗୋଟିଏ ପରିବାରର ସେବା କରିବାରେ ବିତାଇଦିଏ ।ଏହି ମନସ୍ତାତ୍ତ୍ୱିକ ଅସନ୍ତୋଷ ନିର୍ବାଚନ ସମୟରେ ଇଭିଏମ୍ ମାଧ୍ୟମରେ ପ୍ରତିଫଳିତ ହେଉଛି । ଭାରତରେ ଘଟିଥିବା ଚଳିତ ରାଜ୍ୟ ନିର୍ବାଚନ ଏବଂ ନିକଟ ଅତୀତର ରାଜନୈତିକ ପରିବର୍ତ୍ତନ ଏହି ସମସ୍ତ ତଥ୍ୟକୁ ସ୍ପଷ୍ଟ ଭାବେ ପ୍ରମାଣିତ କରୁଛନ୍ତି । ଓଡ଼ିଶା ଓ ପଶ୍ଚିମ ବଙ୍ଗର ରାଜନୈତିକ ପରିବର୍ତ୍ତନ ଏହାର ସବୁଠାରୁ ବଡ଼ ଉଦାହରଣ ।ଦୀର୍ଘ ସମୟ ଧରି ଶାସନ ଗାଦିରେ ଥିବା ଏକ ଅପରାଜେୟ ଆଞ୍ଚଳିକ ଦଳର ପତନ ଏହା ଦର୍ଶାଏ ଯେ,ଯେତେବେଳେ ଦଳୀୟ ସଂଗଠନ ଏବଂ ସାଧାରଣ ଜନତାଙ୍କ ଉପରେ ଅମଲାତନ୍ତ୍ର କିମ୍ବା ବାହ୍ୟ ପ୍ରଭାବ ଅତ୍ୟଧିକ ବଢ଼ିଯାଏ,ସେତେବେଳେ ଲୋକେ ନିଜ ସ୍ୱାଭିମାନ ଓ ଅସ୍ମିତା ପ୍ରତି ବିପଦ ଅନୁଭବ କରନ୍ତି । ଫଳସ୍ୱରୂପ, ଭୋଟରମାନେ ପୁରୁଣା ସ୍ଥିରତା ଅପେକ୍ଷା ଏକ ବଡ଼ ପରିବର୍ତ୍ତନକୁ ଆପଣେଇ ନିଅନ୍ତି । ସେହିପରି ହିନ୍ଦୀ ବଳୟ ଏବଂ ପୂର୍ବ ଭାରତର ବିଭିନ୍ନ ରାଜ୍ୟରେ, ଯେଉଁଠି ଦିନେ ଆଞ୍ଚଳିକ ଶକ୍ତିମାନଙ୍କର ଏକଛତ୍ର ଅଧିକାର ଥିଲା,ସେମାନେ ଆଜି ନିଜର ଅସ୍ତିତ୍ୱ ରକ୍ଷା କରିବା ପାଇଁ ଜାତୀୟ ମେଣ୍ଟ ଉପରେ ନିର୍ଭର କରୁଛନ୍ତି । କାଶ୍ମୀରଠାରୁ ଆରମ୍ଭ କରି ଦେଶର ବିଭିନ୍ନ ପ୍ରାନ୍ତ ପର୍ଯ୍ୟନ୍ତ,ଯେଉଁଠି ବି ଆଞ୍ଚଳିକ ଦଳଗୁଡ଼ିକ ନିଜର ବୈଚାରିକ ସ୍ପଷ୍ଟତା ହରାଇଛନ୍ତି, ସେଠାରେ ଜାତୀୟ ଦଳଗୁଡ଼ିକ ନିଜର ସ୍ଥାନ ମଜବୁତ କରିଛନ୍ତି ।ଯଦିଓ ତାମିଲନାଡୁ,ଆନ୍ଧ୍ରପ୍ରଦେଶ,ଝାଡ଼ଖଣ୍ଡ ଭଳି କିଛି ସୀମିତ ରାଜ୍ୟରେ ଆଞ୍ଚଳିକ ଦଳଗୁଡ଼ିକ ଏବେ ବି ନିଜର ସ୍ଥାନ ବଞ୍ଚାଇ ରଖିଛନ୍ତି,ତଥାପି ସାମଗ୍ରିକ ଭାବେ ସମଗ୍ର ଦେଶରେ ଆଞ୍ଚଳିକ ଶକ୍ତିଗୁଡ଼ିକର ପ୍ରଭାବ କ୍ରମଶଃ ସଂକୁଚିତ ହେବାରେ ଲାଗିଛି । ଆଞ୍ଚଳିକ ଦଳଗୁଡ଼ିକର ଏହି ବିଲୁପ୍ତି କେବଳ ସେହି ନିର୍ଦ୍ଦିଷ୍ଟ ଦଳ ପାଇଁ କ୍ଷତିକାରକ ନୁହେଁ, ବରଂ ଏହା ଭାରତୀୟ ଗଣତନ୍ତ୍ରର ଭବିଷ୍ୟତ ପାଇଁ ଏକ ବଡ଼ ସଂକଟର ସୂଚନା ଦିଏ । ଯେତେବେଳେ ଦେଶରେ ସମସ୍ତ ବିକଳ୍ପ ଶକ୍ତି ଶେଷ ହୋଇଯାଏ ଏବଂ ଏକ-ଦଳୀୟ ପ୍ରାଧାନ୍ୟ ବୃଦ୍ଧି ପାଏ, ସେତେବେଳେ ଶାସନ ବ୍ୟବସ୍ଥାରେ ଏକଛତ୍ରବାଦର ଆଶଙ୍କା ସୃଷ୍ଟି ହୁଏ । ଭାରତ ଭଳି ଏକ ବିବିଧତାପୂର୍ଣ୍ଣ ସମାଜରେ ପ୍ରତିଟି ଅଞ୍ଚଳର ନିଜସ୍ୱ ଭାଷା,ସଂସ୍କୃତି ଓ ସମସ୍ୟା ରହିଛି, ଯାହାକୁ ଗୋଟିଏ କେନ୍ଦ୍ରୀୟ ସୂତ୍ରରେ ସମାନ ଭାବେ ବାନ୍ଧିବା ଅସମ୍ଭବ । ଆଞ୍ଚଳିକ ଦଳଗୁଡ଼ିକ ସଂସଦରେ ସେହି ସ୍ଥାନୀୟ ସମସ୍ୟାର ପ୍ରକୃତ ସ୍ୱର ଥିଲେ । ସେମାନଙ୍କର ଅବକ୍ଷୟର ଅର୍ଥ ହେଉଛି ସେହି ସ୍ଥାନୀୟ ସ୍ୱରଗୁଡ଼ିକ ସଦାସର୍ବଦା ପାଇଁ ଦେଶର ମୂଳ ରାଜନୈତିକ ମାନଚିତ୍ରରୁ ଦୂରେଇଯିବା । ଆଞ୍ଚଳିକ ଦଳଗୁଡ଼ିକର ବିଲୁପ୍ତ ହେବାର ସାମ୍ପ୍ରତିକ ଧାରା ଏହା ପ୍ରମାଣ କରେ ଯେ, ରାଜନୀତିରେ କେବଳ ପୁରୁଣା ସୁଖ୍ୟାତି କିମ୍ବା ଆବେଗର କାର୍ଡ ଖେଳି ଅଧିକ ଦିନ ତିଷ୍ଠି ରହିବା ସମ୍ଭବ ନୁହେଁ । ଯଦି ଆଞ୍ଚଳିକ ଦଳଗୁଡ଼ିକୁ ପୁଣି ଥରେ ପ୍ରାଣବନ୍ତ ହେବାକୁ ଅଛି, ତେବେ ସେମାନଙ୍କୁ ନିଜର ମନସ୍ତତ୍ତ୍ୱ ଏବଂ କାର୍ଯ୍ୟଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ହେବ । ସେମାନଙ୍କୁ ପରିବାରବାଦର ଗଣ୍ଡିରୁ ବାହାରି ସାଧାରଣ ଓ ଯୋଗ୍ୟ ଯୁବକମାନଙ୍କୁ ନେତୃତ୍ୱ ଦେବାକୁ ପଡ଼ିବ ଏବଂ ନିଜର ସ୍ଥାନୀୟ ଅସ୍ମିତାକୁ ଆଧୁନିକ ଓ ପ୍ରଗତିଶୀଳ ଚିନ୍ତାଧାରା ସହ ଯୋଡ଼ିବାକୁ ହେବ । ଚଳିତ ରାଜ୍ୟ ନିର୍ବାଚନର ଫଳାଫଳ ଆଞ୍ଚଳିକ ନେତାମାନଙ୍କ ପାଇଁ ଏକ ବଡ଼ ଚେତାବନୀ । ନିଜ ମାଟି ଓ ଜନମାନସର ମନସ୍ତତ୍ତ୍ୱକୁ ସମ୍ମାନ ନଦେଲେ, ଇତିହାସର ଏହି ବିବର୍ତ୍ତନ ସ୍ରୋତରେ ସେମାନଙ୍କର ନାମ କେବଳ ପୁରୁଣା ପୃଷ୍ଠାରେ ହିଁ ସୀମିତ ରହିଯିବ । ଗଣତନ୍ତ୍ରର ସୌନ୍ଦର୍ଯ୍ୟ ଏହାର ବିବିଧତାରେ ଅଛି ଏବଂ ସେହି ବିବିଧତାକୁ ବଞ୍ଚାଇ ରଖିବା ପାଇଁ ଆଞ୍ଚଳିକ ଶକ୍ତିଗୁଡ଼ିକର ସଂଶୋଧିତ ଓ ଶକ୍ତିଶାଳୀ ପୁନର୍ଜନ୍ମ ଆଜିର ସମୟର ସବୁଠାରୁ ବଡ଼ ଆବଶ୍ୟକତା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୮୫

## ଅର୍ଜୁନଙ୍କ ରଥଚାଳକ ହେଲେ ଶ୍ରୀକୃଷ୍ଣ-୨



ଖୁସିମନରେ ଦୁର୍ଯ୍ୟୋଧନ ବିଦାୟ ମାଗିଲେ ଓ ବଳରାମଙ୍କ ପାଖକୁ ଗଲେ । ଏବଂ ପୂରା କାହାଣୀଟି ବର୍ଣ୍ଣନା କଲେ । ବଳରାମ ଶୁଣିଲେ । କହିଲେ, "ରାଜା ବିରାଟଙ୍କ କନ୍ୟାର ବିଭାଘର ଉଦ୍ଦେଶ୍ୟରେ ଆମେ ଯାଇଥିଲୁ । ସେଠି ଏହି ପ୍ରସଙ୍ଗରେ ଆଲୋଚନା ହେଲା । ତୁମ ସପକ୍ଷରେ ମୁଁ ମୋ ମତ ରଖିଲି । କିନ୍ତୁ ମୋ କଥା ରହିଲା ନାହିଁ । ତୁମେ କୌରବ ଓ ପାଣ୍ଡବ ମୋର ସମାନ ପ୍ରିୟ । କୃଷ୍ଣ ପାଣ୍ଡବମାନଙ୍କୁ ସମର୍ଥନ କରୁଛନ୍ତି, ତୁମ କଥାନୁସାରେ, କୃଷ୍ଣ ବିରୋଧରେ ମୁଁ ଯାଇପାରିବିନାହିଁ । ଯୁଦ୍ଧହେଉ କି ନହେଉ, ମୁଁ ଶେଷପର୍ଯ୍ୟନ୍ତ ନିରପେକ୍ଷ ରହିବି ।

ପ୍ରିୟ ଦୁର୍ଯ୍ୟୋଧନ ! ତୁମେ ଗୋଟେ ମହାନ୍ ବଂଶର ଦାୟାଦ । ବହୁ ରାଜା ତୁମକୁ ସମ୍ମାନ କରନ୍ତି । ତୁମକୁ ଗୋଟିଏ କଥା କହିବି । ଯଦି ଯୁଦ୍ଧ ହୁଏ, କ୍ଷତ୍ରିୟ ନିୟମ ମାନି ଚଳିବ । ସେଥିରୁ ବିଚ୍ୟୁତ ହେଲେ ତୁମର କ୍ଷତିହେବ ।"

ଦୁର୍ଯ୍ୟୋଧନ ହସ୍ତିନାପୁର ଫେରିଗଲା । ମନରେ ଅପାର ଆନନ୍ଦ । ମୋ ସପକ୍ଷରେ ଅତି ଶକ୍ତିଶାଳୀ ନାରାୟଣୀ ସେନା । ମୋର ଦ୍ୱାରକା ଯାତ୍ରା ସଫଳ ହୋଇଛି । କୃଷ୍ଣ ଅସ୍ତ୍ର ଧରିବେ ନାହିଁ । କେବଳ ମୌଖିକ ସମର୍ଥନ କରିବେ ପାଣ୍ଡବମାନଙ୍କୁ । ଆହାଃ ! ବିଚରା ପାଣ୍ଡବମାନେ ! !

ମୋର ଗୁରୁ ବଳରାମ । ମୋଠାରେ ତାଙ୍କର ପ୍ରୀତିଭାବ ରହିଛି । ସେ ନିରପେକ୍ଷ ରହିବେ । ବାଃ !

ଦୁର୍ଯ୍ୟୋଧନ ଚାଲିଯିବା ପରେ କୃଷ୍ଣ ପଚାରିଲେ ଅର୍ଜୁନଙ୍କୁ- ମୋର ନାରାୟଣୀ ସେନା ଦୁର୍ଯ୍ୟୋଧନ ସପକ୍ଷରେ ଲଢ଼ିବେ । ମୁଁ ତୁମକୁ ସମର୍ଥନ କଲେ ମଧ୍ୟ ଅସ୍ତ୍ର ଧରିବିନାହିଁ । ଏଭଳି ଇଚ୍ଛା ପ୍ରକାଶକଲ କାହିଁକି ?

ଅର୍ଜୁନ କହିଲେ- ମୁଁ ଜାଣିଛି, ତୁମେ ଏକୁଟିଆ ଏହି ଭୂଖଣ୍ଡର ସମସ୍ତ ରାଜାଙ୍କୁ ପରାସ୍ତ କରିପାରିବ । ତୁମେ ମୋର ରଥର ସାରଥୀ କେବଳ ହେଲେ ତୁମପରି ମୁଁ ଶକ୍ତିଶାଳୀ ହୋଇଉଠିବି । ତୁମର ସମର୍ଥନ ଆବଶ୍ୟକ, ଅସ୍ତ୍ର ଧରିବା ଦରକାର ନାହିଁ । ମୋ ରଥରେ ତୁମକୁ ଦେଖିଲେ, ମୋର ଶକ୍ତି ସହସ୍ରଗୁଣ ବଢ଼ିଯିବ ।

ଶ୍ରୀକୃଷ୍ଣ ଖୁସିହେଲେ । ମୃଦୁ ହସିଲେ ।

ଶ୍ରୀକୃଷ୍ଣ, ଅର୍ଜୁନଙ୍କ ସାରଥୀ ହେବାର ଏହାହିଁ କାହାଣୀ ।

**ଆସ ମନେରଖିବା :** ଦ୍ୱାରକାରେ କୃଷ୍ଣ ସେନାଙ୍କୁ ନାରାୟଣୀ ସେନା ବା ଯାଦବ ସେନା କୁହାଯାଏ । ସେ କାଳରେ ନାରାୟଣୀ ସେନା ଜଗତରେ ସବୁଠାରୁ ଶକ୍ତିଶାଳୀ ସେନା ଭାବେ ଗଣ୍ୟ ହୁଅନ୍ତି । ଏଥିରେ ୧୧ ଅକ୍ଷୌହିଣୀ ସୈନ୍ୟ ଥିଲେ ।

ନାରାୟଣୀ ସେନାର ମୁଖ୍ୟ ସେନାପତି କୃଷ୍ଣ । ସେନାରେ ୭ ମହାରଥୀ କୃଷ୍ଣ, ବଳରାମ, ଶାମ୍ବ, ଆହୁକ, ଚାରୁଦ୍‌ସେନ, ସାତ୍ୟକି ଏବଂ ଚକ୍ରଦେବ । ସେହିପରି ୭ ଅଧିରଥୀ- କୃତବର୍ମା, ଅନାଧୃଷ୍ଟି, ସମିକ, ସମିତିଞ୍ଜୟ, କଙ୍କ, ସଙ୍କୁ ଓ କୁନ୍ତି । (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ଡହ ଡହ ଖରା ତତାଏ ଧରା

*ସୁଧାକର ରାଉତ*



ବେଳୁ ବେଳ ବଢ଼ିଯାଏ ତାତି
ମାନେ ନାହିଁ ସିଏ ଦିନ ରାତି
ଜଣା ପଡ଼େ ନାହିଁ ଏ ପରିସ୍ଥିତିର
କେଉଁଦିନ ହୋଇବ ବା ଇତି ।

ଆକାଶରୁ ବରଷୁଛି ନିଆଁ
ସହର ବଜାର ଅବା ଗାଆଁ
ସଭିଏଁ ତଡଲା କଡ଼େଇରେ ବସି
ପାଉଛନ୍ତି ନିଦାଘର ଚିଆଁ ।

ଦକ୍ଷିଣରୁ ଝାଞ୍ଜି ବାଆ ବହେ
କିପରି ତାହାକୁ କିଏ ସହେ
ଦିନକୁ ଦିନ ପାରଦ ଯାଏ ବଢି
ତଥାପି ଚେତା ପଶୁନି ଦେହେ ।

ଡହଳ ବିକଳ ପଶୁ ପକ୍ଷୀ
ନଦୀ ନାଳ ବି ଯାଇଛି ଶୁଖି
ଆଉଟୁ ପାଉଟୁ ସକଳେ ହୁଅନ୍ତି
ଆକାଶ ଦେଖୁଛି ହୋଇ ସାକ୍ଷୀ ।

ଅଂଶୁଘାତ ଦେଖାଏତା ଗୁଣ
କ୍ଷତି ସାଧନକୁ କରି ପଣ
ସବୁଜବଳୟ ସୃଷ୍ଟି କଲେ ଆମେ
କାଟୁ କରିବନି ତାର ବାଣ ।

ମୌସୁମୀଟା କରିଅଛି ରାଗ
ଆସିବାକୁ ସେ ହେଉନି ବ୍ୟଗ୍ର
ପରିବେଶ ପ୍ରତି ଆମେ ଧ୍ୟାନ ଦେଲେ
ଗୋଡ଼ କାଢ଼ି ସେ ଆସିବ ଆଗ ।

ଆସ ପିଲା ନ କରିଣ ଡେରି
ଆମ ଭବିଷ୍ୟତ ଚିନ୍ତା କରି
ବୃକ୍ଷ ରୋପଣେ ଏବେ ଠୁ ଧ୍ୟାନ ଦେଲେ
ବିପତ୍ତିରୁ ଆମେ ହେବା ପାରି ।

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*

# ଦିନକୁ ଦିନ ବଢ଼ୁଛି ତାତି

*ବସନ୍ତ କୁମାର ପ୍ରଧାନ*

ଦିନକୁ ଦିନ ବଢ଼ୁଛି ତାତି
ଡାକି ଆଣୁଅଛି ମହାବିପତ୍ତି ।
ବଢ଼ି ବଢ଼ି ଯାଏ ସୂରୁଜ ଖରା
ଉତ୍ତପ୍ତ ହେଉଛି ଦେଖ ଏ ଧରା ।
ପାରଦ ହେଉଛି ଉପର ମୁହାଁ
ଅସହ୍ୟ ହେଉଛି ଗରମ ଛୁଆଁ ।
ଜଳସ୍ତର କମି କମି ଯାଉଛି
ନଈ ନାଳ ସବୁ ଶୁଖି ଯାଉଛି ।
ନାହିଁ ଗଛ ଲତା ଶୀତଳ ଛାଇ
ଡହଳ ବିକଳ ବାଟୋଇ ଭାଇ ।
ପଙ୍ଖା ପବନରେ କଟୁଛି ଦିନ
ବହେନା ଟିକିଏ ଥଣ୍ଡା ପବନ ।
ପରିବେଶ ପ୍ରଦୂଷିତ ହେଉଛି
ସେଥିପାଇଁ ଖରା ତେଜ ବଢ଼ୁଛି ।
ସେ ସବୁରି ପାଇଁ ଆମେ କାରଣ
କରିବାକୁ ହେବ ବୃକ୍ଷ ରୋପଣ ।
ଗଛ ହିଁ ଆମର ରକ୍ଷା କବଚ
ପଡ଼ିଆ ଜମିରେ ଲଗାଅ ଗଛ ।

*ହରିହରପୁର, ଛେଣ୍ଡିପଦା, ଅନୁଗୋଳ*
*ମୋ-୭୭୩୫୬୧୧୪୮୪*



# ଗ୍ରୀଷମ ତାତି ଥରାଏ ଛାତି

*ପ୍ରଫୁଲ୍ଲ କୁମାର ସାହୁ*









ଆ'ରେ ଆ ଟିକି ଚଢ଼େଇ
ଉଡ଼ି ଉଡ଼ି ତୁ ଆ,
ଦାଣ୍ଡ ଦୁଆରେ ରଖିଛି ପାଣି
ପିଇ ଦେଇ ତୁ ଯାଆ ।୧।

ସାରା ଦିନ ତୁ ବୁଲୁ ଖରାରେ
ନିଜ ଆହାର ପାଇଁ,
ଖରାରେ ବୁଲି ହେଉ ହାଲିଆ
ବିଶ୍ରାମ ଟିକେ ନାହିଁ ।୨।

ବୁଲି ବୁଲି ତୁ ପଡ଼ିଲେ ଥକି
ଆମ ଦୁଆରେ ଆସି,
ଶୀତଳ ଜଳ ରଖିଛି ପରା
ପିଇ ହୋଇବୁ ଖୁସି ।୩।

ସକାଳ ଠାରୁ ସଞ୍ଜ ଯାଏ ତୁ
ଆକାଶେ ଉଡି ଉଡି,
ଖୁସି ମନରେ ଆହାର ଖୋଜୁ
ଟିକି ଡେଣା ତୋ ଝାଡି ।୪।

ଗ୍ରୀଷମ ତାତି ଥରାଏ ଛାତି
ଦେଖିଲେ ଲାଗେ ଡର,
ଖାଇବା ପାଇଁ ଦେବି ମୁଁ ତୋତେ
ଆସରେ ଆମ ଘର ।୫।

ଜାତି ଜାତିକା ଫଳ ଗଛରେ
ଆମରି ବାଡି ଭରା,
ଗଛରେ ବସି ଖାଇବୁ ଫଳ
ବିଶ୍ରାମ ନେଇ ପରା ।୬।

ଖରା ନଇଁଲେ ଯିବୁତୁ ଉଡ଼ି
ନିଜ ବସାକୁ ତୋର,
ଜ୍ୟେଷ୍ଠ ମାସର ଟାଣ ଖରାକୁ
ମନେ ନରଖି ଡର ।୭।

*ମାଳତୀ କୃପା ନିବାସ, ଶକ୍ତି ବିହାର/ବାଲିପଡ଼ା, ମାହାଙ୍ଗା, କଟକ*
*ମୋ-୭୬୯୪୪୩୮୩*

# କରିବା ରକତ ଦାନ

*ସାବିତ୍ରୀ ମଲ୍ଲିକ*



ଆସ ଆସ ଭାଇ ଯିବା ସାଙ୍ଗ ହୋଇ
କରିବାକୁ ରକ୍ତ ଦାନ,
କଲେ ରକ୍ତଦାନ ମିଳିଥାଏ ପୁଣ୍ୟ
ଚଞ୍ଚଳ ରୁହଇ ମନ ।

ଡରି ନଯାଇକି ଖୁସି ହୋଇ ଆମେ
ରକତ ଦାନଟି କଲେ,
ଅନ୍ୟର ଜୀବନ ବଞ୍ଚେ ସେ ରକ୍ତରେ
ରୁହଇ ସଦା ସେ ଭଲେ ।

ନିୟମିତ ରକ୍ତଦାନ କରୁଥାଏ
ଯେଉଁ ଜ୍ଞାନୀ ଲୋକଟିଏ,
ଶରୀର ତାହାର ନିରୋଗ ରୁହଇ
ତାପରି ହେବେନି କିଏ ।

ରକତ ଅଟଇ ବହୁ ମୂଲ୍ୟବାନ
ମଣିଷ ମାନଙ୍କ ପାଇଁ,
ଜାଣି ଜାଣି ତାକୁ କେବେ ହେଲେ ଆମେ
ବର୍ବାଦ କରିବାନି ନାଇଁ ।

ଆଜିକାର କିଛି ଯୁବକ ଯୁବତୀ
ପ୍ରେମ ପାଇଁ ହାତ କାଟି,
ରକତ ବୁହାନ୍ତି ତିଳେ ବି ନ ଡରି
ଜୀବନକୁ କରି ମାଟି ।

ସେଥିପାଇଁ ମୁହିଁ କହୁଛି ସଭିଙ୍କୁ
ରଖିବ ମୋହରି କଥା,
ଯେଉଁଠି ବି ହେଉ କର ରକ୍ତଦାନ
ଉଚ୍ଚ ହେବ ତୁମ ମଥା ।

*ଦଶରଥପୁର, ଯାଜପୁର, ଓଡ଼ିଶା*

# ଆସିଛି ମୁଁ ମାମୁଁ ଘରକୁ ବୁଲି

*ସୁରମା ମିଶ୍ର*



ଖରା ଛୁଟି ଏବେ ହୋଇଛି ବୋଲି
ଆସିଥିଲି ମାମୁଁ ଘରକୁ ବୁଲି
ମାମୁଁ ମାଇଁ କଲେ କେତେ ଆଦର
ଅଜା ଆଇ ଓଠେ ହସର ଧାର ॥

ମଜା ଗପ କେତେ ଅଜା କହିଲେ
ଆଇ କୋଳେ ଧରି ଗେଲ କରିଲେ
ମାମୁଁ ଘର ଅଛି ମାଛ ପୋଖରୀ
ପୋଖରୀରୁ ମାଛ ଆଣିଲେ ଧରି ॥

ମାଇଁ ରାନ୍ଧି ଦେଲେ ମାଛ ମହୁର
ତା ସାଙ୍ଗକୁ ଛୁଇଁ ବଡ଼ି ବେସର
ଆଇ ତୋଳି ଆଣି ସଜନା ଶାଗ
ଖରଡ଼ି ଦେଇଛି ପକାଇ ମୁଗ ॥

ସୁଆଦ ତାର ବଢ଼ାଇବା ପାଇଁ
ନଡ଼ିଆଟେ କୋରି ଦେଲା ପକାଇ
ମାଇଁ ବାଢ଼ିଦେଲେ ସରାଗେ ନେଇ
ଆସନ ପକାଇ ବସିଲି ଯାଇ ॥

ମୋ ପାଖରେ ଆସି ମାଇଁ ବସିଲେ
ଗୁଣ୍ଡା କରି ଭାତ ଖୁଆଇ ଦେଲେ
ଖାଇ ସାରି ଆଇ କୋଳରେ ମୁହିଁ
ନିଘୋଡ ନିଦରେ ପଡ଼ିଲି ଶୋଇ ॥

ଉଠିଲା ବେଳକୁ ମାଇଁ ଆମର
ଛାଣିଛନ୍ତି ପିଠା ଦେଇଣ ପୂର
ତା ସାଙ୍ଗକୁ ଘିଅ ଛୁଙ୍କ ଡାଲମା
ମହମହ ବାସେ ତାର ବାସନା ॥

ଫେରିଲା ବେଳକୁ ମୋ ବୁଢ଼ୀ ଆଇ
ପାଞ୍ଚଶହ ଟଙ୍କା ଦେଲା ଧରାଇ
କହିଲା ସେ ଗପ ବହି କିଣିବୁ
ମନ ଦେଇ ବସି ତୁ ପଢୁ ଥିବୁ ॥

*ବିଏଲ୍-୩୯, ଭିଏସ୍‌ଏସ୍‌ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*



# କାଟିବା ଛାଡ଼ି ଲଗାଅ ଗଛ

*ମହେନ୍ଦ୍ର କୁମାର ଘଡ଼େଇ*

ନିଜ ସୁଖରେ ଅବିବାରରେ
କିଏ କାଟୁଛି ଗଛ
ଗାଡ଼ି ମଟର ଚଳାଇ ଧୂଆଁ
ଛାଡୁଛି ଆଗପଛ ।
କାରଖାନାର ଚିମିନି ଜଳ
ଖୋଲାରେ ଭସଭସ୍
ଖର ବେଗରେ ବେମାରି ନେଇ
ଆସେ ଆମରି ପାସ ।
ଘର ନର୍ଦ୍ଦମା ଅଳିଆ ଛାଡ଼େ
ନଦୀ ନାଳରେ କେତେ
ଜରି ପ୍ଲାଷ୍ଟିକ୍ ପଲିଥିନ୍‌କୁ
ଫିଙ୍ଗେ ଯେଉଁଠି ଯେତେ ।
ତାହାରି ପାଇଁ କଳା ବଉଦ
ନ ଘୂରେ ଆକାଶରେ
ଅତି ବାଇଗଣି ରଶମୀଟା
ତେଜୁଛି ପ୍ରକାଶରେ ।
ଋତୁଚକର ଯାତରା ଧୀର
ବଢ଼ାଏ ତାପମାନ
କଳା ବଉଦ ବରଷା ଗୀତ
କରିଛି ଅଭିମାନ ।
ଉଜୁଡ଼ା କ୍ଷେତ ଫସଲ ହାନୀ
ଅକାଳ ଆଣେ ଡାକି
ଅଜଣା ରୋଗ ଦୁଃଖ ଶୋକରେ
ବୁଡ଼ାଏ କାଳ ଦେଖି ।
କାଟିବା ଛାଡ଼ି ଲଗାଅ ଗଛ
ପ୍ଲାଷ୍ଟିକ ଛାଡ଼ି ଦିଅ
ମୃତ୍ତିକା ବାୟୁ ଜଳ ଦୂଷିତ
କରିବା ଭୁଲିଯାଅ ।
ଏଇ ଧରଣୀ ଦେଇଛି ହାତେ
ଅଚଳାଚଳ ଧନ
ବଢ଼ିବ ଯଶ ତା'ର ସୁରକ୍ଷା
କାମରେ ଦେଲେ ମନ ।

*କ୍ଷେତ୍ରମୋହନ ବିଦ୍ୟାପୀଠ,*
*କଟରପଡ଼ା, ପିଠାପଡ଼ା,*
*ନିଶ୍ଚିନ୍ତକୋଇଲି, କଟକ*
*ମୋ-୯୪୩୭୭୪୦୫୬୬*

# ସୂର୍ଯ୍ୟ ପାଇଁ ଗାଇବା ଗୀତ



*ନୀଳମଣି ଚାନ୍ଦ*

ଗ୍ରୀଷ୍ମରେ ସୂର୍ଯ୍ୟ ଟାଣଖରାକୁ
ଆମେରେ ଚିଡ଼ିଥାଉ
କହୁ ତା ଅଂଶୁଘାତ ସମାନ
ଘାତକ କିଏ ଆଉ ।
ତା ପ୍ରତି ଏକ ଖରାପ ଭାବ
ମନ ଭିତରେ ରହେ
ହେଲେ ତାହାର ଭଲଗୁଣକୁ
କେହି ଜମା ନ କହେ ।
ସେ ବାଷ୍ପ କରି ନେଉଛି ପାଣି
ରଖେ ମେଘରେ ନେଇ
ସେପାଇଁ ବର୍ଷା ଋତୁରେ ମେଘ
ଯାଏ ବରଷି ଦେଇ ।
ସକାଳେ ଯେଉଁ କଅଁଳ ଖରା
ଆସଇ ସୂର୍ଯ୍ୟ ଠାରୁ
ଜୀବସାର 'ଘ' ରେ ଭରା
ତା'କୁ କି ଭୁଲି ପାରୁ ।
ତା'ର ଉତ୍ତାପ ବିନା ମଞ୍ଜିଟି
ପାରେନା ଚାରା ହୋଇ
ନଥିଲେ ସୂର୍ଯ୍ୟ ଧରା ଥାଆନ୍ତା
ଅନ୍ଧକାରରେ ଶୋଇ ।
ଏବେ ଶକତି ସଂକଟ ପରା
ଧରା ଭୋଗିବା ବେଳେ
ଚରଚା ଚାଲେ ଗୋଟିଏ କଥା
ସବୁ ଲୋକଙ୍କ ମେଳେ ।
'ସୂର୍ଯ୍ୟଘର ଯୋଜନା' କରି
ଶକ୍ତି ଭରଣା କର
ଏବେଳେ ସୂର୍ଯ୍ୟ ଟାଣ ଖରାକୁ
ଆଉ ମନେ ନ ଧର ।
ସୂର୍ଯ୍ୟ ପାଇଁ ଗାଇବା ଗୀତ
ସେ ପରା ଦିନମଣି
ତା ଉପକାର ହୁଏନି ଜମା
ସଂଖ୍ୟାରେ ପରା ଗଣି ।

*ମନ୍ତମାନୋର, ଗୋଠପାଟଣା, ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*

# ପରାଣ ଦେବି ମୋ ତେଜି

*ରାଜ କିଶୋର ସ୍ୱାଇଁ*

ଯେଉଁ ଦେଶରେ ହେଲି ଜନମ
ଯାହାର ମାଟି ପାଣି ପବନ
ବହେ ମୋ ଦେହେ ହୋଇ ରକତ
ଭଲପାଏ ଯାକୁ ମୁହିଁ
ସେହି ମୋ ଭାରତ ଭୂଇଁ ।।୧।।

ଯେଉଁଠି ପିତୃ ସତ୍ୟ ପାଳନ
ପାଇଁ ଶ୍ରୀରାମ ଯାଆନ୍ତି ବନ
ସତ୍ୟର ଯହିଁ ସଦା ଆଦର
ହୋଇ ତା ନିଜର ଅତି
ରଖେ ମୁଁ ସତ୍ୟରେ ମତି ।।୨।।

ଯେଦେଶେ ନେଇ ଶାନ୍ତି ପ୍ରସ୍ତାବ
ଯାଆନ୍ତି ଦୂତ ହୋଇ ମାଧବ
ଯେ ଦେଶ ଶାନ୍ତି ବାରତା ଦିଏ
ହୋଇ ତାର କୋଳେ ଜାତ
ବୋଲାଏ ମୁଁ ଭାଗ୍ୟବନ୍ତ ।।୩।।

ସେବାକୁ ଯିଏ କରେ ବରତ
ହୁଏ ଜୀବନ ତା ବିକଶିତ
ଜନମ ଭୂଇଁ ସେବାରେ ମୁହିଁ
ମହର୍ଷି ଦଧୀଚି ସାଜି
ପରାଣ ଦେବୀ ମୋ ତେଜି ।।୪।।

*ଶାନ୍ତିନଗର, ନୂଆପଡା, କଟକ-୭୫୩୦୦୪*
*ମୋ-୯୪୩୭୪୪୨୦୪୧*





# ପଢ଼ିବାକୁ ଯିବି ପାଠ

*ଜୟକୃଷ୍ଣ ସାହୁ*

ବିଦ୍ୟାଳୟକୁ ମୁଁ ପାଠ ପଢ଼ି ଯିବି
ବୟସ ହେଲାଣି ମୋତେ
ବହି ଖାତା ଖଡ଼ି ସିଲଟ କଲମ
ବାପା ଆଣିଲେଣି କେତେ ।

ସ୍କୁଲ ୟୁନିଫର୍ମ ପିନ୍ଧିକରି ଯିବୁ
କହୁଥିଲେ ମୋତେ ବାପା
ବେଶଭୂଷା କରି ସଜେଇ ଦେବାକୁ
ଅଛି ମୋର ବଡ଼ ଅପା ।

ପ୍ରଥମରୁ ମୁଇଁ ପ୍ଲେସ୍କୁଲକୁ ଯିବି
ଖେଳିବି ସେଠାରେ ଯାଇ
ଖେଳାଖେଳି ସଙ୍ଗେ ପାଠ ପଢ଼ିବି ମୁଁ
ସାଥୀଙ୍କ ମେଳରେ ରହି ।
ନୂଆ ନୂଆ କେତେ ଖେଳନା କଣ୍ଢେଇ
ସଙ୍ଗେ ହେବ ମୋର ଭେଟ
ଠିକ୍ ସମୟରେ ବିଦ୍ୟାଳୟ ଯିବି
କେବେ ନ କରିବି ମଠ ।
ଗୁରୁଜୀ ଯା' ପାଠ ପଢ଼ାଇବେ ମୋତେ
ସବୁ ମନେ ରଖିଦେବି
ମାଆ ଯାହା ଖାଦ୍ୟ ଦେଇଥିବେ ସବୁ
ଖୁସିରେ ମୁଁ ଖାଇଦେବି ।
ମଜାରେ ମଜାରେ ପାଠ ପଢ଼ା ସଙ୍ଗେ
ଖେଳକୁଦ ନାଚ କରି
ମନ ଖୁସିରେ ମୁଁ ମାମା ସଙ୍ଗେ ମୋର
ଘରକୁ ଆସିବି ଫେରି ।

*କପିଳ ପ୍ରସାଦ, ଭୁବନେଶ୍ୱର-୨*

# ବିଶ୍ୱ ପରିବେଶ ଦିବସ ଆସିଛି...

*ରାମଚନ୍ଦ୍ର ବେହେରା*



ବିଶ୍ୱ ପରିବେଶ ଦିବସ ଆସିଛି
ରାଇଜେ ହେବ ପାଳିତ
ପରିବେଶ ରକ୍ଷା କରିବାକୁ ଜନେ
ହୃଦୟେ ନେବେ ଶପଥ ।
ସ୍ୱଚ୍ଛ ପରିବେଶ ମୁଖେ ଦିଏ ହସ
ନିରୋଗ ରୁହେ ଜୀବନ
ପରିବେଶ ରକ୍ଷା ଆମରି ଦାୟିତ୍ୱ
କରିବା ତାକୁ ପାଳନ ।

ଜଙ୍ଗଲକୁ କାଟି କଳ କାରଖାନା
ଗଢୁଛି ମଣିଷ ଜାତି
ସେଥିପାଇଁ ଆଉ ବରଷା ଆସୁନି
ବଢୁଛି ଗ୍ରୀଷମ ତାତି ।
ଗଛ ଦେଇଥାଏ ଫୁଲ ଫଳ କାଠ
ଛାଇ ଶୁଦ୍ଧ ଅମ୍ଳଜାନ
ଗଛବିନା ଆଜି ଦୂଷିତ ପବନ
ଦେବା ସେଥିପ୍ରତି ଧ୍ୟାନ ।

ଆସ ସର୍ବେ ମିଳି ଖାଲି ଜାଗା ଦେଖି
ପୋତିବା ନୂତନ ଚାରା
ଗଛ ଲତା ଦେଖି ବରଷା ଆସିବ
ନଇଁଯିବ ଟାଣ ଖରା ।
ନିଜ କାମ ଭାବି ଚାରାର ଯତନ
ନେବା ଆମେ ପ୍ରତିଦିନ
ବର୍ଷ କେଇଟାରେ ଡାଳ ପତ୍ର ମେଲି
ଦିଶିବ ସେ ଶୋଭାବନ ।
ପରିବେଶ ଆମ ଜୀବନର ରାହା
ଏକଥା ଭୁଲିବା ନାହିଁ
ତରୁଲତା ଦେବ ଶୀତଳ ପବନ
ହସିବ ସବୁଜ ମହୀ ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ- ୭୩୫୫୬୩୪୩୪୬*



ଶୁଭନାରାୟଣ ଶତପଥୀ

# ନୀତୁ ନର୍ସରୀ କ୍ଲବ



ଦିନେ ନରହରି ସାର୍ ଦେବୀଗଡ ସହର ଦେଇ ଗଲାବାଳେ ଏକ କୋଠାଘର ସାମ୍ନାରେ ନିତୁ ନର୍ସରୀ ଲେଖାଥିବାର ଦେଖିଲେ। କୋଠା ଚାରିପାଖ ବୁଲିଲେ, କେଉଁଠି ବି ଚାରା ଗଛଟିଏ ଦେଖିବାକୁ ପାଇଲେ ନାହିଁ । ନରହାରି ସାର୍‌ଙ୍କ ମନରେ କୌତୁହଳ ସୃଷ୍ଟି ହେଲା । ସେ ଗେଟ୍ ପାଖକୁ ଯାଇ କଲିଂ ବେଲ୍ ମାରିଲେ । ଘର ଭିତରୁ ଏକ ଝିଅ ଆସିଲା । ନାଁ ତାର ନୀତୁ । ନରହରି ସାର ନୀତୁକୁ ପଚାରିଲେ ଆରେ ଝିଅ ତୁମ ଘର ସାମ୍ନାରେ ଲେଖା ହୋଇଛି ନୀତୁ ନର୍ସରୀ କିନ୍ତୁ କାହିଁ ମୁଁ ଚାରାଗଛଟିଏ ତ ଦେଖିଲିନାହିଁ । ଏହି ସମୟରେ ନୀତୁର ବାପା ଆସିଗଲେ । ନରହରି ସାର୍‌ଙ୍କ ପରିଚୟ ଜାଣି ପ୍ରଣାମ ଜଣାଇଲେ । ନୀତୁ କହିଲା ଆପଣ ମୋ ସହ ଆସନ୍ତୁ ମୁଁ ଦେଖାଇ ଦେବି ନୀତୁ ନର୍ସରି । ଏହା କହି ସାର୍‌ଙ୍କ ହାତଧରି ନୀତୁ ତାଙ୍କୁ ଛାତ ଉପରକୁ ନେଇଗଲା। ଛାତ ଉପରସାରା ଥିଲା ଅନେକ ଫଳ, ଫୁଲ, ଛାଇ ଦେଉଥିବା ଗଛର ଚାରା । ଛନଛନିଆ ଚାରା ଗୁଡିକ ଦେଖି ନରହରି ସାର୍ ଭାରି ଖୁସି ହେଲେ । ତାଙ୍କର କୌତୁହଳ ଆହୁରି ବଢିଗଲା । ଏତିକିବେଳେ ନୀତୁର ସାଙ୍ଗମାନେ ଆସି ପହଞ୍ଚିଗଲେ । ସେମାନେ ନୀତୁକୁ କହିଲେ ଆମେ ସବୁ ଚାରା ବାଣ୍ଟି ଦେଲୁ ନୀତୁ ଓ ସେସବୁ ଚାରା କେଉଁଠି ଲାଗିବ ତାହାର ତାଲିକା ନେଇ ଆସିଛୁ । ନୀତୁ କହିଲା ଭଲକଥା ନରହରି ସାର୍ ପଚାରିଲେ ନୀତୁ ଏମାନେ କେଉଁ ଚାରା କଥା କହୁଛନ୍ତି ? ମୁଁ କିଛି ବୁଝିପାରୁନି । ଏଥର ନୀତୁ କହିଲା ସାର୍ ମୁଁ ଏସବୁ ଚାରା ବଗିଚା ନିଜେ କରିଛି । ମୋ ବାପା ଏଥିରେ ସାହାଯ୍ୟ କରନ୍ତି । ମୁଁ କଲମିକରଣ ବି ଜାଣିଛି । ସାର୍ ଆପଣ ଜାଣିଥିବେ ଯେ ଜୁନ୍ ୫ ତାରିଖ ହେଉଛି ବିଶ୍ୱ ପରିବେଶ ଦିବସ। ଏହି ଦିବସରେ ଅନେକ ସଭା ସମିତି ହୁଏ ଚାରା ରୋପଣ ବି ହୁଏ । କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଚାରାଗୁଡିକ ମରିଯାଏ । ସେହି ଉଦ୍ଦେଶ୍ୟରେ ଆମେ ପିଲାମାନେ ମିଶି ନୀତୁ ନର୍ସରୀ କ୍ଲବ ଗଢିଛୁ । ମୁଁ ବୁଲି ବୁଲି ଚାରା ସଂଗ୍ରହ କରେ । ତାକୁ ବଞ୍ଚାଇବା ପରେ ଛୋଟ କୁଣ୍ଡରେ ଲଗାଏ । ତାପରେ ବିଭିନ୍ନ ସଭା ସମିତିକୁ ମାଗଣାରେ ଦେଉ । ଏବଂ ଗଛ କେଉଁଠି ଲାଗିଲା ତାହା ବୁଝିଥାଉ। ଏହାପରେ ନୀତୁ ନର୍ସରୀ କ୍ଲବର ପିଲାମାନେ ମିଶି ସେହି ଚାରାର ଅଭିବୃଦ୍ଧିର ଖବର ନିଅନ୍ତି ଓ ସେହି ସ୍ଥାନକୁ ଯାଇ ତାର ରକ୍ଷଣାବେକ୍ଷଣ କରନ୍ତି । ନରହରି ସାର୍ କହିଲେ, ଆରେ ବାଃ କି ବୁଦ୍ଧି ତୋର ନୀତୁ । ବଢିଆ କାମ କରୁଛୁ । ଏହା କହି ନରହରି ସାର୍ ନୀତୁ ହାତକୁ ଶହେ ଟଙ୍କା ବଢାଇଦେଲେ ଓ କହିଲେ ମୋତେ ୧୦ଟି ଚାରା ଦେବୁ । ନୀତୁ ଚାରା ପ୍ୟାକିଂ କରିଦେଲା । ନରହରି ସାର୍‌ଙ୍କୁ ତାଙ୍କ ଟଙ୍କା ଫେରସ୍ତ କରି କହିଲା ମୁଁ ଏ ଗଛ ସବୁ ମାଗଣାରେ ଦେଉଛି । ମୋତେ କଥା ଦିଅନ୍ତୁ ଏ ସବୁ ଗଛର ଠିକ୍ ଭାବରେ ଆପଣ ଯତ୍ନ ନେବେ ଓ ବଢାଇବେ । ନରହରି ସାର୍ କହିଲେ ହଁ ହଁ ସେ ଦାୟିତ୍ୱ ମୋର। ଖାଲି ସେତିକି ନୁହେଁ ନୀତୁ ମୁଁ ଏ ଚାରାଗୁଡିକ ଆମ ବିଦ୍ୟାଳୟରେ ଲଗାଇବି । ଆଉ ତୋର ଏହି ପରିବେଶ ସୁରକ୍ଷା କାମ ବିଷୟରେ ସମସ୍ତଙ୍କୁ କହିବି । ନୀତୁ କହୁଥିଲା ସାର୍ ଆପଣଙ୍କ ଭଳି ଯଦି ସମସ୍ତେ ହୁଅନ୍ତେ ତେବେ ଆମ ପରିବେଶ ହସି ଉଠନ୍ତା ।

*ବିଜିପୁର, ବ୍ରହ୍ମଗିରି, ପୁରୀ*
*ମୋ-୯୩୮୪୩୨୦୨୩*

# ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଖେଳିବେନି ମହମ୍ମଦ ସିରାଜ !



**ନୂଆଦିଲ୍ଲୀ**

ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ମ୍ୟାଚ୍‌ରେ ଡାହାଣହାତୀ ଦ୍ରୁତ ବୋଲର ମହମ୍ମଦ ସିରାଜ୍ ଖେଳିବା ସମ୍ଭାବନା ବହୁତ କମ୍ ରହିଛି । ଏହି ଟେଷ୍ଟ ମ୍ୟାଚ୍ ଜୁନ୍ ୬ ତାରିଖରେ ନ୍ୟୁ ଚଣ୍ଡିଗଡ଼ରେ ଆରମ୍ଭ ହେବାକୁ ଯାଉଛି ଏବଂ ମହମ୍ମଦ ସିରାଜ ଅଂଶଗ୍ରହଣ କରିବା ସନ୍ଦେହଜନକ ମନେ ହେଉଛି । ଏହାର ମୁଖ୍ୟ କାରଣ ହେଉଛି ତାଙ୍କର ଆଘାତ । ମହମ୍ମଦ ସିରାଜ ୨୦୨୬ ଆଇପିଏଲ୍ ସିଜନର ଫାଇନାଲ୍ ସମୟରେ ଆଘାତ ପାଇଥିଲେ । ତଥାପି ଏହା ସତ୍ତ୍ୱେ ତାଙ୍କୁ ମ୍ୟାଚ୍ ସମୟରେ ବୋଲିଂ କରୁଥିବାର ଦେଖାଯାଇଥିଲା । ସିରାଜଙ୍କ ଡାହାଣ କାନ୍ଧରେ ଆଘାତ ଲାଗିଥିଲା ଏବଂ ବଲ୍ ଡେଲିଭରି କରିବା ସମୟରେ ଯନ୍ତ୍ରଣା ଅନୁଭବ ହୋଇଥିଲା । ଏବେ ରିପୋର୍ଟ ଆସୁଛି ଯେ ନ୍ୟୁ ଚଣ୍ଡିଗଡ଼ ଟେଷ୍ଟରେ ସିରାଜଙ୍କ ଅଂଶଗ୍ରହଣ ଅନିଶ୍ଚିତ ରହିଛି ।

ମହମ୍ମଦ ସିରାଜଙ୍କ ଅଂଶଗ୍ରହଣ ସମ୍ପର୍କରେ ନିଷ୍ପତ୍ତି କେବଳ ତାଙ୍କ ଫିଟନେସ୍ ଉପରେ ଆଧାରିତ ହେବ । ଟେଷ୍ଟ ମ୍ୟାଚ୍ ପୂର୍ବରୁ ତାଙ୍କର ଫିଟନେସ୍ ପରୀକ୍ଷା କରାଯିବ ଏବଂ ଏହା ପରେ ହିଁ ଡାହାଣହାତୀ ପେସର ପଡ଼ିଆକୁ ଓହ୍ଲାଇବେ । ଏହି ସମୟରେ, ରିପୋର୍ଟ ଅନୁଯାୟୀ ସିରାଜଙ୍କ ସ୍ଥାନରେ ଦ୍ରୁତ ବୋଲର ଗୁରନୂର ବ୍ରାରଙ୍କୁ ଡେବ୍ୟୁ କରିବାର ସୁଯୋଗ ଦିଆଯାଇପାରେ । ୬ ଫୁଟ ୫ ଇଞ୍ଚ ଉଚ୍ଚତା ବିଶିଷ୍ଟ ଏହି ବୋଲର ତାଙ୍କର ପ୍ରଥମ ପ୍ରଦର୍ଶନ କରିବାକୁ ପ୍ରସ୍ତୁତ । ପଞ୍ଜାବର ଏହି ଦ୍ରୁତ ବୋଲରଙ୍କୁ ଅତ୍ୟନ୍ତ ପ୍ରତିଭାଶାଳୀ ବୋଲି ବିବେଚନା କରାଯାଏ । ଘରୋଇ କ୍ରିକେଟରେ କେବଳ ହାରାହାରି ପ୍ରଦର୍ଶନ କରିବା ସତ୍ତ୍ୱେ ଟିମ୍ ଇଣ୍ଡିଆରେ ତାଙ୍କର ସାମିଲ ଦ୍ୱାରା ଏହା ସ୍ପଷ୍ଟ ହୋଇଛି ।

## ୧୮ ବର୍ଷରୁ କମ୍ ଏସିଆ କପ୍ ପୁରୁଷ ହକି

# ତାଇପେକୁ ହରାଇ ସେମିରେ ଭାରତ

**ଭୁବନେଶ୍ୱର**

ଜାପାନର କାକାମିଗାହାରାରେ ଚାଲିଥିବା ୧୮ ବର୍ଷରୁ କମ୍ ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତାର ସେମିଫାଇନାଲ୍‌ରେ ଭାରତ ପ୍ରବେଶ କରିଛି । ବୁଧବାର ନିଜର ଶେଷ ଲିଗ୍ ମ୍ୟାଚ୍‌ରେ ଭାରତ ୧୩-୧ରେ ଚାଇନିଜ୍ ତାଇପେକୁ ହରାଇ ୯ ପଏଣ୍ଟ ସହ ଏହି ସ୍ଥାନ ପକ୍କା କରିଛି ।

ମ୍ୟାଚ୍‌ର ସପ୍ତମ ମିନିଟ୍‌ରେ କରଣ ଗୌତମଙ୍କ ଗୋଲ୍‌ରେ ଭାରତ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା । ଏହାପରେ ପ୍ରେମଚାନ୍ଦ ସୟ (୧୧ ମିନିଟ୍) ଓ ଅଧିନାୟକ କେଲାନ କୁଶ୍ୱା (୧୧ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ଦେଇ ପ୍ରଥମ କ୍ୱାର୍ଟରରେ ଭାରତକୁ ୩-୦ରେ ଆଗରେ ରଖିଥିଲେ । ଦ୍ୱିତୀୟ



କ୍ୱାର୍ଟରରେ ଭାରତ ୩ଟି ଗୋଲ୍ ଦେଇଥିଲା ବେଳେ ଚାଇନିଜ ତାଇପେର ଝୁଙ୍ଗ ୟଙ୍ଗ ହୁଆଇ ଗୋଟିଏ ଗୋଲ୍ ଶୁଝି ସ୍ଥିତି ୧-୩ କରିଥିଲେ ।

ତୃତୀୟ ଓ ଚତୁର୍ଥ କ୍ୱାର୍ଟରରେ ଭାରତ ଯଥାକ୍ରମେ ୪ ଓ ୩ ଗୋଲ୍ ଲଦିବା ସହ ଚାଇନିଜ୍ ତାଇପେଙ୍କୁ କୌଣସି ସୁଯୋଗ ନଦେଇ ମ୍ୟାଚ୍‌କୁ ୧୩-୧ ଗୋଲ୍‌ରେ ଜିତି ନେଇ ଥିଲା । ଆଶିଷ ପୂର୍ତ୍ତି (୨୭, ୩୫, ୪୨ ମିନିଟ୍) ହ୍ୟାଟ୍ରିକ୍ ଅର୍ଜନ କରିଥିଲା ବେଳେ ରାହୁଲ ଯାଦବ, ସିଦ୍ଧାର୍ଥ ବେନ୍ ଓ ଗାଜି ଖାନ ଦୁଇଟି ଲେଖାଏଁ ଏବଂ କରଣ, ପ୍ରେମଚାନ୍ଦ, କେଲାନ ଓ ବରିନ୍ଦର ସିଂହ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ ।

# ନେସନ୍ସ କପ୍ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଲେ ସୁନେଲିତା

**ଭୁବନେଶ୍ୱର**



ନ୍ୟୁଜିଲାଣ୍ଡ୍‌ର ଅକ୍‌ଲାଣ୍ଡ୍‌ରେ ଜୁନ୍ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଏଫଆଇଏଚ୍ ମହିଳା ନେସନ୍ସ କପ୍ ହକି ପ୍ରତିଯୋଗିତା । ଏଥି ପାଇଁ ଭାରତୀୟ ଦଳ ଘୋଷିତ ହୋଇଛି । ଅଭିଜ୍ଞ ମିଡ୍‌ଫିଲ୍ଡର ସଲିମା ଟେଟେ ଏହି ଦଳର ନେତୃତ୍ୱ ନେବେ । ଘୋଷିତ ଦଳରେ ସବିତା ପୁନିଆ, ସୁଶୀଲା ଚାନୁ ପୁଖରାମବାମ, ନଭନୀତ କୌରଙ୍କ ଭଳି ଅଭିଜ୍ଞା ସାମିଲ ଥିବାବେଳେ ଲାଲଥାନ୍ତଲୁଆଙ୍ଗି ଓ ଶିଳ୍ପୀ ଦବାସଙ୍କ ଭଳି ଯୁବ ଡିଫେଣ୍ଡର ସାମିଲ ଅଛନ୍ତି । ଏହି ଦୁଇ ଜଣ ଅଷ୍ଟ୍ରେଲିଆ ଗସ୍ତରେ ଭଲ କରିଥିଲେ । ପ୍ରଶିକ୍ଷକ ସୋରଡ୍ ମାରିନ୍‌ଙ୍କ ଦଳ ପୁଲ୍ 'ଏ'ରେ ଜାପାନ, ୟୁଏସ୍‌ଏ ଏବଂ ଉରୁଗୁଏ ସହ ସ୍ଥାନ ପାଇଛି । ପୁଲ-ବି'ରେ କୋରିଆ, ଚିଲି, ନ୍ୟୁଜିଲାଣ୍ଡ, ଫ୍ରାନ୍ସ ରହିଛନ୍ତି । ଭାରତ ୟୁଏସଏ ସହ ଜୁନ୍ ୧୫ ତାରିଖରେ ଖେଳି ଅଭିଯାନ ଆରମ୍ଭ କରିବ । ଭାରତୀୟ ଦଳରେ ଏକମାତ୍ର ଓଡ଼ିଆ ଝିଅ ଭାବେ ସୁନେଲିତା ଟୋପ୍ପୋ ସ୍ଥାନ ସୁରକ୍ଷିତ ରଖିଛନ୍ତି । ଅଧିନାୟିକା ସଲିମା ଟେଟେଙ୍କ ସହ ସୁନେଲିତା, ନେହା ଓ ସାକ୍ଷୀ ରାଣା ମିଡ୍‌ଫିଲ୍ଡ ଦାୟିତ୍ୱ ସମ୍ଭାଳିବେ । 'ଅଷ୍ଟ୍ରେଲିଆ ଓ ଆର୍ଜେଣ୍ଟିନା ଗସ୍ତ ପରେ ନେସନ୍ସ କପ୍ ଆମ ଦଳ ଗଠନ ପ୍ରକ୍ରିୟା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ' ବୋଲି ମାରିନ ପ୍ରକାଶ କରିଛନ୍ତି । କାରଣ ଭାରତ ଏହା ପରେ ଏଫଆଇଏଚ୍ ବିଶ୍ୱକପ୍ ଏବଂ ଏସୀୟ କ୍ରୀଡ଼ା ଖେଳିବ ।

ଭାରତୀୟ ଦଳରେ ଏକମାତ୍ର ଓଡ଼ିଆ ଝିଅ : ଭାରତୀୟ ଦଳ: ଗୋଲକିପର- ସବିତା, ବିଚୁ ଦେବୀ ଖରିବାମ, ଡିଫେଣ୍ଡର୍ସ-ସୁଶୀଲା ଚାନୁ ପୁଖରାବାମ, ଈଶିକା ଚୌଧୁରୀ, ଲାଲଥାନ୍ତଲୁଆଙ୍ଗି, ଶିଳ୍ପୀ ଦବାସ, ଜ୍ୟୋତି, ନିକି ପ୍ରଧାନ, ମିଡଫିଲ୍ଡର୍ସ- ସିଲମା ଟେଟେ (ଅଧିନାୟିକା), ନେହା, ସୁନେଲିତା ଟୋପ୍ପୋ, ସାକ୍ଷି ରାଣା, ଦୀପିକା ସେରେଙ୍ଗ, ସୋନମ, ଲାଲରେମସିଆମି, ଫରୱାର୍ଡସ-ନଭନୀତ କୌର, ଦୀପିକା, ରୁତୁଜା ଦାଦାସୋ ପିସାଲ, ଈଶିକା, ଅନୁ ।

# ବାହୁତୁଲେ ହେଲେ ଭାରତର ସ୍ପିନ୍ ବୋଲିଂ ପ୍ରଶିକ୍ଷକ

**ମୁମ୍ବାଇ**

ପୂର୍ବତନ ଲେଗ୍ ସ୍ପିନର ସାଇରାଜ ବାହୁତୁଲେ ଭାରତୀୟ କ୍ରିକେଟ୍ ଦଳର ନୂଆ ସ୍ପିନ୍ ବୋଲିଂ ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି । ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ୍ ଶୃଙ୍ଖଳାରୁ ସେ ନିଜ କାର୍ଯ୍ୟ ଆରମ୍ଭ କରିବେ । ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ଅଧୀନରେ କାମ କରିବେ ସେ । ୫୩ ବର୍ଷୀୟ ବାହୁତୁଲେ ସମସ୍ତ ତିନିଟି ଯାକ ଫର୍ମାଟ୍‌ରେ ଭାରତୀୟ ସ୍ପିନରଙ୍କ ଅଗ୍ରଗତି ତଥା ଦକ୍ଷତା ବୃଦ୍ଧି ନେଇ ମାର୍ଗଦର୍ଶନ କରିବେ । ଏବର୍ଷର ଆଇପିଏଲ୍‌ରେ ସେ ପଞ୍ଜାବ କିଙ୍ଗ୍‌ସର ସ୍ପିନ୍ ବୋଲିଂ ପ୍ରଶିକ୍ଷକ ଥିଲେ । ତାଙ୍କର ମଧ ବେଙ୍ଗଲ ଓ କେରଳମ୍ ରଣଜୀ ଦଳ ସହ କାମ କରିବାର ଅଭିଜ୍ଞତା ରହିଛି । ଖେଳାଳି ଭାବେ ବାହୁତୁଲେ ୧୯୯୭ରୁ ୨୦୦୩ ମସିହା ପର୍ଯ୍ୟନ୍ତ ୬ବର୍ଷ ଧରି ଭାରତୀୟ ଦଳର ପ୍ରତିନିଧିତ୍ୱ କରିଥିଲେ । ବାହୁତୁଲେ ଆସିବା ପରେ ଗମ୍ଭୀର, ସିତାଂଶୁ କୋଟାକ (ବ୍ୟାଟିଂ ପ୍ରଶିକ୍ଷକ), ମର୍ଣ୍ଣ ମର୍କେଲ (ବୋଲିଂ ପ୍ରଶିକ୍ଷକ), ଟି ଦିଲୀପ (ଫିଲ୍ଡିଂ



ପ୍ରଶିକ୍ଷକ) ଓ ରିୟାନ ଟେନ୍ ଡସେଟ୍ (ସହାକାରୀ ପ୍ରଶିକ୍ଷକ)ଙ୍କୁ ନେଇ ଗଠିତ ଭାରତୀୟ ବରିଷ୍ଠ କ୍ରିକେଟ୍ ଦଳର ପ୍ରଶିକ୍ଷକ ମଣ୍ଡଳି ଆହୁରି ପରବର୍ଦ୍ଧିତ ହୋଇଛି । ସୂଚନାଯୋଗ୍ୟ ଯେ ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ୍‌ରୁ ଭାରତୀୟ କ୍ରିକେଟ୍ ଦଳର ଚଳିତବର୍ଷ ଟା'ର ଲାଲ୍ ବଲ୍ ଅଭିଯାନ ଆରମ୍ଭ କରିବ । ଭାରତୀୟ ଦଳ ଆଫଗାନିସ୍ତାନ ବିପକ୍ଷରେ ଗୋଟିଏ ଟେଷ୍ଟ୍ ସହ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଖେଳିବ । ଶୁବମନ ଗିଲ୍ ଉଭୟ ଫର୍ମାଟ୍‌ରେ ଭାରତୀୟ ଦଳର ନେତୃତ୍ୱ ନେବେ । ଟେଷ୍ଟ୍‌ରେ କେଏଲ୍ ରାହୁଲ ଉପଅଧିନାୟକ ଏବଂ ଦିନିକିଆରେ ଶ୍ରେୟସ୍ ଆୟର ଉପଅଧିନାୟକ ଦାୟିତ୍ୱ ତୁଲାଇବେ । ଭାରତ-ଆଫଗାନିସ୍ତାନ ଦିନିକିଆ ଶୃଙ୍ଖଳା ଆସନ୍ତା ୧୪ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଖେଳାଯିବ । ଏକମାତ୍ର ଟେଷ୍ଟ ୬ ତାରିଖରୁ ଆରମ୍ଭ ହେବ ।

ଭାରତୀୟ ଟେଷ୍ଟ୍ ଦଳ: ଶୁବମନ ଗିଲ୍ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, କେଏଲ୍ ରାହୁଲ (ଉପଅଧିନାୟକ), ଋଷଭ ପନ୍ତ, ସାଇ ସୁଦର୍ଶନ, ଦେବଦତ୍ତ ପଡ଼ିକଲ, ଧ୍ରୁବ ଜୁରେଲ, ୱାସିଂଟନ୍ ସୁନ୍ଦର, ମହମ୍ମଦ ସିରାଜ, କୁଲଦୀପ ଯାଦବ, ପ୍ରସିଦ୍ଧ କ୍ରିଷ୍ଣା, ମାନବ ସୁତାର, ହର୍ଷ ଦୁବେ ଓ ଗୁରନୁର ବ୍ରାର ।

ଭାରତୀୟ ଦିନିକିଆ ଦଳ: ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ୍ ଆୟର (ଉପଅଧିନାୟକ), କେଏଲ୍ ରାହୁଲ, ଈଶାନ କିଶନ, ହାର୍ଦ୍ଦିକ ପାଣ୍ଡ୍ୟା, ନୀତୀଶ କୁମାର ରେଡ୍ଡୀ, ୱାସିଂଟନ୍ ସୁନ୍ଦର, କୁଲଦୀପ ଯାଦବ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ପ୍ରିନ୍ସ ଯାବଦ, ଗୁରନୁର ବ୍ରାର, ହର୍ଷ ଦୁବେ ।

# ବୈଭବଙ୍କ ପାଇଁ ବଡ଼ ବଡ଼ କମ୍ପାନୀର ଲାଇନ୍, ଆକାଶଛୁଆଁ ହେଲା ବ୍ରାଣ୍ଡ ଭାଲ୍ୟୁ

**ନୂଆଦିଲ୍ଲୀ**

ଯେତେବେଳେ ବୈଭବ ସୂର୍ଯ୍ୟବଂଶୀଙ୍କୁ ରାଜସ୍ଥାନ ରୟାଲ୍ସ କିଣିଥିଲା, ସେତେବେଳେ ତାଙ୍କୁ ମାତ୍ର ୧୩ ବର୍ଷ ବୟସ ଥିଲା ଏବଂ ତାଙ୍କ ବୟସ ହିଁ କେବଳ ଚର୍ଚ୍ଚା ଥିଲା । କିନ୍ତୁ ବହୁତ କମ୍ ସମୟ ମଧ୍ୟରେ, ବୈଭବ କ୍ରିକେଟ ଜଗତରେ ନିଜ ପାଇଁ ଏକ ନାମ ସୃଷ୍ଟି କରିଛନ୍ତି, ପ୍ରତ୍ୟେକ କିମ୍ବଦନ୍ତୀଙ୍କୁ ତାଙ୍କ ପ୍ରତି ଆଶ୍ଚର୍ଯ୍ୟ କରିଦେଇଛନ୍ତି । ୩୫ ବଲରେ ଶତକ ମାରି ନିଜର ଡେବ୍ୟୁ ସିଜିନରେ ଇତିହାସ ସୃଷ୍ଟି କରିଥିବା ଏହି ଯୁବ ବ୍ୟାଟ୍ସମ୍ୟାନ ଆଇପିଏଲ ୨୦୨୬ରେ ମଧ ଚମତ୍କାର ପ୍ରଦର୍ଶନ କରିଥିଲେ । ସିଜିନ ଶେଷ ହେବା ପରେ, ତାଙ୍କର ବ୍ରାଣ୍ଡ ଭାଲ୍ୟୁରେ ଏକ ବିରାଟ ବୃଦ୍ଧି ଘଟିଛି । ବର୍ତ୍ତମାନ, ସେ ପୂର୍ବ ତୁଳନାରେ ଦୁଇଗୁଣ ମୂଲ୍ୟ ନେଉଛନ୍ତି ।

ବୈଭବ ସୂର୍ଯ୍ୟବଂଶୀଙ୍କୁ ରାଜସ୍ଥାନ ରୟାଲ୍ସ ୧ କୋଟି ୧୦ ଲକ୍ଷରେ କିଣିଥିଲା, ଯେତେବେଳେ ଅନ୍ୟ ଫ୍ରାଞ୍ଚାଇଜ ତାଙ୍କ ପ୍ରତିଭା ବିଷୟରେ ଅଜ୍ଞ ଥିଲେ । ଯଦି ଏବେ ଅକ୍ସନ ହୁଏ, ତେବେ ବୈଭବ ନିଶ୍ଚିତ ଭାବରେ ଅତି କମ୍‌ରେ ୨୦ କୋଟି ପାଇପାରିବେ, ଯଦିଓ ରାଜସ୍ଥାନ ଏବେ ତାଙ୍କୁ ଯେକୌଣସି ମୂଲ୍ୟରେ ରଖିବାକୁ ଚାହିଁବ । ଏହା ପୂର୍ବରୁ, ବିଜ୍ଞାପନ ଜଗତରେ ଟଙ୍କା ଆସିବା ଆରମ୍ଭ ହୋଇସାରିଛି, ଅନେକ ବଡ଼ କମ୍ପାନୀ ତାଙ୍କ ସହିତ ଚୁକ୍ତି ସ୍ୱାକ୍ଷର କରିବାକୁ ଧାଡ଼ି ବାନ୍ଧିଛନ୍ତି ।

# ଟେନିସ୍ କୋର୍ଟରେ ନଜର ଆସିଲେ ଗୌତମ ଗମ୍ଭୀର



**ନୂଆଦିଲ୍ଲୀ**

ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ବର୍ତ୍ତମାନ ବିରତିରେ ଅଛନ୍ତି । ଆଇପିଏଲ ଯୋଗୁଁ, ୨୦୨୬ ଟି-୨୦ ବିଶ୍ୱକପର ଫାଇନାଲ ପରଠାରୁ ଭାରତୀୟ ଦଳ କୌଣସି ମ୍ୟାଚ୍ ଖେଳିନାହିଁ । ଫଳସ୍ୱରୂପ, ଗୌତମ ଗମ୍ଭୀର ତାଙ୍କ ପରିବାର ସହିତ ସମୟ ବିତାଇବାର ସୁଯୋଗ ପାଇଛନ୍ତି ।

ଏସବୁ ମଧ୍ୟରେ, ଗମ୍ଭୀରଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଭାଇରାଲ ଭିଡିଓଟି ଏକ ଟେନିସ୍ କୋର୍ଟରେ ସେଟ୍ ହୋଇଛି, ଯେଉଁଠାରେ ଗମ୍ଭୀର ତାଙ୍କ ବଡ଼ ଝିଅ ଆଜିନ୍‌ଙ୍କ ଜୋତାର ଫିତା ବାନ୍ଧୁଥିବାର ଦେଖାଯାଉଛି । ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ନିଜେ ଏହି ଭିଡିଓକୁ ଫେସବୁକରେ ସେୟାର କରିଛନ୍ତି । ପୋଷ୍ଟ ସହିତ ଥିବା କ୍ୟାପସନରେ ସେ ଲେଖିଛନ୍ତି: "ଖେଳାଳିଙ୍କୁ ପ୍ରଶିକ୍ଷଣ ନ ଦେଇ ମ୍ୟାଚ୍ ଦେଖିବା ଭଲ ଲାଗୁଛି ।"

ଭାରତୀୟ ଦଳ ଜୁନ୍ ୬ ତାରିଖରୁ ଏକ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି ଏବଂ ଏହି ମ୍ୟାଚ୍ ପାଇଁ ଗୌତମ ଗମ୍ଭୀର ଖୁବ୍ ଶୀଘ୍ର ଟିମ୍ ଇଣ୍ଡିଆରେ ଯୋଗଦେବେ ବୋଲି ଆଶା କରାଯାଉଛି । ଏହି ମ୍ୟାଚ୍ ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ଅନୁଷ୍ଠିତ ହେବ, ଯେଉଁଠାରେ ଭାରତ ଆଫଗାନିସ୍ତାନ ଦଳ ବିପକ୍ଷରେ ଏକ ଟେଷ୍ଟ ମ୍ୟାଚ୍ ଖେଳିବାକୁ ଯାଉଛି । ଏହି କାର୍ଯ୍ୟକ୍ରମ ନୂତନ ଷ୍ଟାଡିୟମରେ ଆୟୋଜିତ ହେବ । ଏହି ମ୍ୟାଚ୍ ଟିମ୍ ଇଣ୍ଡିଆ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ, ଯଦିଓ ଏହା ଡବ୍ଲ୍ୟୁଟିସି ଟେଷ୍ଟ ଚାମ୍ପିଅନସିପ୍‌ର ଅଂଶ ନୁହେଁ ।

ରିପୋର୍ଟ ଅନୁଯାୟୀ, ଗମ୍ଭୀର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ଗ୍ରହଣ କରିବା ପରଠାରୁ, ଭାରତୀୟ ଦଳ ଘରୋଇ ମାଟିରେ ଟେଷ୍ଟ ସିରିଜରେ ଦୁଇ ଥର କ୍ଲିନ୍ ସୁଇପ୍ କରିଛି । ଏହା ପୂର୍ବରୁ ୧୨ ବର୍ଷ ମଧ୍ୟରେ, ଦଳ ଘରୋଇ ମାଟିରେ କେବଳ ଗୋଟିଏ ସିରିଜ୍ ହାରିଥିଲା । ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ସିରିଜ୍ ପରେ, ଭାରତ ଏକ ଦିନିକିଆ ଆନ୍ତର୍ଜାତୀୟ (ଓଡିଆଇ) ସିରିଜ୍ ମଧ ଖେଳିବାର କାର୍ଯ୍ୟକ୍ରମ ରହିଛି । ପରବର୍ତ୍ତୀ ସମୟରେ, ଟିମ୍ ଇଣ୍ଡିଆ ୟୁକେ ଗସ୍ତ ପାଇଁ ପ୍ରସ୍ଥାନ କରିବ, ଯେଉଁଠାରେ – ଆୟରଲ୍ୟାଣ୍ଡ ବିପକ୍ଷରେ ଟି୨୦ ସିରିଜ୍ ପରେ – ଓଡିଆଇ ଏବଂ ଟି୨୦ ମ୍ୟାଚ୍ ଜୁଲାଇରେ ଇଂଲଣ୍ଡ ବିପକ୍ଷରେ ଖେଳାଯିବ ।

ଅଗଷ୍ଟରେ, ଭାରତୀୟ ଦଳ ଶ୍ରୀଲଙ୍କା ଗସ୍ତ କରିବ, ଯେଉଁଠାରେ ଓଡିଆଇ ବିଶ୍ୱ ଚାମ୍ପିଅନସିପର ଅଂଶ ଭାବରେ ଏକ ଟେଷ୍ଟ ସିରିଜ୍ ଅନୁଷ୍ଠିତ ହେବ । ଏହି ସମୟରେ, ଆସନ୍ତା ବର୍ଷ ହେବାକୁ ଥିବା ଏକଦିବସୀୟ ବିଶ୍ୱକପ୍ ଗୌତମ ଗମ୍ଭୀରଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଭାବରେ ଉଭା ହେବ ବୋଲି ଆଶା କରାଯାଉଛି ।

# ଆଇସିସି ର୍‌ୟାଙ୍କିଂରେ ପାକିସ୍ତାନୀ ଖେଳାଳିଙ୍କ ଲମ୍ବା ଜମ୍ପ, ଟପ୍ ୫ରେ କୌଣସି ଭାରତୀୟ ନାହାନ୍ତି



**ନୂଆଦିଲ୍ଲୀ**

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ ବୁଧବାର ର୍‌ୟାଙ୍କିଂ ଜାରି କରିଛି । ର୍‌ୟାଙ୍କିଂରେ ପାକିସ୍ତାନୀ ଖେଳାଳୀଙ୍କ ଲମ୍ବା ଜମ୍ପ୍ ଦେଖିବାକୁ ମିଳିଛି । ସେହିଭଳି କୌଣସି ବି ଭାରତୀୟ ଖେଳାଳୀ ଟପ୍ ୫ରେ ନାହାନ୍ତି । ପାକ୍ ସ୍ପିନର ଅବରାର ଅହମଦ ଓ୍ୱାନଡେ ର୍‌ୟାଙ୍କିଂରେ ୭ମ ସ୍ଥାନ ଜମ୍ପ୍ ଲଗାଇ ନିଜକୁ ୪ର୍ଥ ସ୍ଥାନରେ ରଖିଛନ୍ତି । ଏହା ଅବରାରଙ୍କ କ୍ୟାରିୟରର ବେଷ୍ଟ ଓ୍ୱାନଡେ ର୍‌ୟାଙ୍କିଂ ଅଟେ । ତାଙ୍କ ରେଟିଂ ୬୩୩ଅଟେ । ଏହା ବ୍ୟତୀତ ପାକିସ୍ତାନର ଦ୍ରୁତ ବୋଲର ଶାହୀନ ଅଫରିଦି ବଡ଼ ଜମ୍ପ୍ ଲଗାଇଛନ୍ତି । ଶାହୀନ ୪ର୍ଥ ସ୍ଥାନ ଉପରକୁ ଆସିଯାଇଛନ୍ତି । ଏବେ ସେ ୧୩ ନମ୍ବରରେ ପହଞ୍ଚି ସାରିଛନ୍ତି । ଶାହିନଙ୍କ ରେଟିଂ ୫୯୩ ଅଟେ ।

ଟପ୍ ୫ରେ କୌଣସି ବି ଭାରତୀୟ ବୋଲର ନାହାନ୍ତି । ଟିମ୍ ଇଣ୍ଡିଆର କୁଲଦୀପ ଯାଦବ ୬୨୪ ରେଟିଂ ସହ ଷଷ୍ଠ ସ୍ଥାନରେ ଅଛନ୍ତି । ସେହିଭଳି ଟପ୍-୫ରେ ନଜର ପକାଇବା ଆସନ୍ତୁ । ଇଂଲଣ୍ଡର ଦୁଇ, ଆଫଗାନିସନ୍ତାର ଜଣେ, ପାକିସ୍ତାନର ଜଣେ ଏବଂ ଦକ୍ଷିଣ ଆଫ୍ରିକାର ଜଣେ ବୋଲର ସାମିଲ ଅଛନ୍ତି । ଆଫଗାନିସ୍ତାନର ଷ୍ଟାର ସ୍ପିନର ରଶିଦ ଖାନ ନିଜକୁ ୭୦୫ ରେଟିଂ ସହ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି । ଲିଷ୍ଟରେ ଇଂଲଣ୍ଡର ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଦ୍ୱିତୀୟ ସ୍ଥାନରେ ଅଛନ୍ତି । ଆର୍ଚରଙ୍କ ରେଟିଂ ୬୪୯ର ଅଟେ । ଦକ୍ଷିଣ ଆଫ୍ରିକାର ସ୍ପିନର କେଶବ ମହାରାଜ ତୃତୀୟ, ପାକିସ୍ତାନର ଅବରାର ଅହମଦ ଚତୁର୍ଥ ଏବଂ ଇଂଲିଶ ସ୍ପିନର ଆଦିଲ ରଶୀଦ ପଞ୍ଚମ ସ୍ଥାନରେ ଅଛନ୍ତି । କେଶବଙ୍କ ରେଟିଂ ୬୪୫ ଏବଂ ଆଦିଲଙ୍କ ୬୨୯ ଅଟେ ।

ସେହିପରି ଦିନିକିଆର ଟପ୍-୫ ବ୍ୟାଟିଂ ରେଟିଂରେ ୩ଭାରତୀୟ ଖେଳାଳି ନଜର ଆସୁଛନ୍ତି । ଏଥିରେ ବିରାଟ କୋହଲୀ ୭୯୧ ରେଟିଂ ସହ ଦ୍ୱିତୀୟ, ରୋହିତ ଶର୍ମା ୭୪୮ ରେଟିଂ ସହ ଚତୁର୍ଥ ଏବଂ ଶୁଭମନ ଗିଲ୍ ୭୧୬ ରେଟିଂ ସହ ପଞ୍ଚମ ସ୍ଥାନରେ ଅଛନ୍ତି । ଲିଷ୍ଟରେ ନ୍ୟୁଜିଲାଣ୍ଡର ମିଚେଲ ସେଣ୍ଟନର ୮୧୫ ରେଟିଂ ସହ ପ୍ରଥମ ସ୍ଥାନରେ ଅଛନ୍ତି । ଆଫଗାନିସ୍ତାନର ଇବ୍ରାହିମ ଜାଦରାନ ୭୫୬ ରେଟିଂ ସହ ତୃତୀୟ ସ୍ଥାନରେ ଅଛନ୍ତି ।

ଅଲରାଉଣ୍ଡର ରେଟିଂରେ ନଜର ପକାଇବା ତ ଟପ୍ ୧୦ ଭିତରେ କେବଳ ଜଣେ ଭାରତୀୟ ଖେଳାଳୀ ଅଛନ୍ତି । ଏହି ଭାରତୀୟ ଖେଳାଳି ହେଲେ ଅକ୍ଷର ପଟେଲ୍, ଯିଏ ୧୦ମ ସ୍ଥାନରେ ଅଛନ୍ତି । ଅକ୍ଷରଙ୍କ ରେଟିଂ ୨୦୧ର ଅଟେ । ଏହି ଲିଷ୍ଟରେ ଆଫଗାନିସ୍ତାନର ପେସ୍ ବୋଲିଂ ଅଲରାଉଣ୍ଡର ଅଜମତୁଲ୍ଲାହ ଅମରଜଇ ୩୨୯ ରେଟିଂ ସହ ପ୍ରଥମ ସ୍ଥାନରେ ଅଛନ୍ତି ।

# କୋଇଡ଼ା ମାଇନିଂ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ୨୦୨୬ ଉଦ୍‌ଘାଟିତ

**କୋଇଡା**

କୋଇଡା କ୍ରିକେଟ୍ ଆସୋସିଏସନ ଟ୍ରଷ୍ଟ ଆନୁକୂଲ୍ୟରେ ସପ୍ତମ ରାତ୍ର କୋଇଡା ମାଇନିଂ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ୨୦୨୬ ସ୍ଥାନୀୟ ଗୋପବନ୍ଧୁ ପଡିଆ ଠାରେ ଉଦ୍‌ଘାଟିତ ହୋଇଯାଇଛି । ଦେଶର ବିଭିନ୍ନ ପ୍ରାନ୍ତରୁ ମୋଟ୍ ୧୬ ଗୋଟି ଟିମ୍ ଏହି ଟୁର୍ଣ୍ଣାମେଣ୍ଟର ଭାଗ ନେଇଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଜିଲ୍ଲା କୋଇଡା ବିଡିଓ ରଶ୍ମିରେଖା ପାତ୍ର ଓ ଅନ୍ୟ ଅତିଥି ମଧ୍ୟରେ କୋଇଡା ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ପ୍ରଧାନ, କୋଇଡା ଅତିରିକ୍ତ ତହସିଲଦାର ନିର୍ମଳ ବିଶ୍ୱାଳ, ସବ୍ ଇନ୍ସପେକ୍ଟର ସାମୁଏଲ ହେମ୍ରମ, କାଲଟା ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, କୋଇଡା ଜିଲ୍ଲା ପରିଷଦ ସଦସ୍ୟ ଅଶୋକ କୁମାର ନାଏକ, କୋଇଡା ବିଜେପି ମଣ୍ଡଳ ପ୍ରତିନିଧି ମେଲେରି ବାରିକ, ରାମ ପ୍ରକାଶ ଜୟସ୍ୱାଲ ପ୍ରମୁଖ ଯୋଗଦେଇ ଆରାଧ୍ୟ ଦେବତାଙ୍କୁ ପୂଜାର୍ଚ୍ଚନା ସହ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ।

ରାତ୍ରିକାଳୀନ ମ୍ୟାଚ୍ ଖେଳାଯାଉ ଥିବାରୁ ଖେଳାଳି ଓ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଯାଇଥିଲା । ଉଦ୍‌ଘାଟନୀ ମ୍ୟାଚ୍ ଓ୍ୱେଭ୍ ଷ୍ଟୋର୍ମ କେନ୍ଦୁଝର ବନାମ ମାରୁତି ଏକାଦଶ ଯୋଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମ୍ୟାଚ୍ ପ୍ରାରମ୍ଭରେ କୋଇଡା ତହସିଲଦାର ଚିନ୍ମୟ ଦାସ ଯୋଗଦେଇ ଉଭୟ ଦଳକୁ ଉତ୍ସାହିତ କରିବା ସହିତ ଟୁର୍ଣ୍ଣାମେଣ୍ଟର ଭବ୍ୟ ଆୟୋଜନ ପାଇଁ ଆୟୋଜକ ମଣ୍ଡଳୀଙ୍କୁ ଶୁଭେଚ୍ଛା ବାର୍ତ୍ତା ସହ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ପ୍ରଥମ ଦିବସରେ ଏକ ପ୍ରଦର୍ଶନୀ ମ୍ୟାଚ୍ ପ୍ରେସ୍ ଆଡମିନ୍ ବନାମ କୋଇଡା ଭେଟେରାନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ କୋଇଡା ଭେଟେରାନ୍ ଦଳ ୧ ରନ୍‌ରେ ବିଜୟୀ ହୋଇଥିଲା । ଉକ୍ତ ଟୁର୍ଣ୍ଣାମେଣ୍ଟରେ ବିଜେତା ଦଳ ପାଇଁ ୧ ଲକ୍ଷ ଓ ଉପବିଜେତା ଦଳ ପାଇଁ ୭୦ ହଜାର ନଗଦ ସହ ଟ୍ରଫି ରଖାଯାଇଛି । ସେହିପରି ଶ୍ରେଷ୍ଠ ଖେଳାଳି, ଫିଲ୍ଡର, ସିକ୍ସ, କିପର୍ ଆଦି ପୁରସ୍କାର ସହ ପ୍ରତ୍ୟକ ମ୍ୟାଚ୍ ପାଇଁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନର ବ୍ୟବସ୍ଥା ରହିଛି ।

ଟୁର୍ଣ୍ଣାମେଣ୍ଟକୁ ସିଧାପ୍ରସାରଣ ଟେଲିକାଷ୍ଟରେ ହେଉଛି । ଏହାର ଫାଇନାଲ ମୁକାବିଲା ଆସନ୍ତା ୬ ତାରିଖ ଶନିବାର ଖେଳାଯିବା ନେଇ ଆୟୋଜକ ପ୍ରକାଶ କରିଛନ୍ତି । କୋଇଡା କ୍ରିକେଟ ଆସୋସିଏସନ ଟ୍ରଷ୍ଟ ପକ୍ଷରୁ ସଭାପତି ରାଜେନ୍ଦ୍ର ରଣା, ରାଜେଶ ଜୟସ୍ୱାଲ, କୋଷାଧ୍ୟକ୍ଷ ଅଶ୍ୱିନି ପରିଡା, ଦିପକ କୁମାର ପାତ୍ର, ଶ୍ରୀକାନ୍ତ ଜେନା, ଦିପକ ବାର୍ଲା, କପିଳ ଦାସ, ବକ୍ତ ବାରିକ, ଆୟୁଧେଶ ଜୟସ୍ୱାଲ, ଅଭିଷେକ ଦାଶ, ବଦ୍ରି, ରାହୁଲ ଜୟସ୍ୱାଲ, ଏମ୍‌ଡି ଇମରାନ, ସାହିଲ, ସୁମନ, ଚିନୁ, ରିହାନ, ରୁଦ୍ର, ସଦାବ, ସତ୍ୟ ପ୍ରମୁଖଙ୍କ ସହ ଅନ୍ୟ ସଦସ୍ୟଗଣ ଟୁର୍ଣ୍ଣାମେଣ୍ଟ ଆୟୋଜନ ଓ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# ତେଲ ସଙ୍କଟ : ପଞ୍ଜୀକରଣ ହେଲାଣି ଅଢ଼େଇ ଲକ୍ଷ ଇଭି

**କଟକ, ନ୍ୟୁଜ୍‌ବ୍ୟୁରୋ**

୨୦୨୧ରୁ ଇଲେକ୍ଟ୍ରିକ୍ ଭେଇକିଲ୍(ଇଭି) ନୀତି ହେଲାଣି । ଇତିମଧ୍ୟରେ ରାଜ୍ୟରେ ଅଢ଼େଇ ଲକ୍ଷ ଇଭି ଗାଡ଼ି ପଞ୍ଜୀକରଣ ହୋଇ ସାରିଲାଣି । ନୀତିକୁ ପାଞ୍ଚ ବର୍ଷ ବିତିଯାଇଥିଲେ ବି ଏଥିପାଇଁ ସରକାରଙ୍କ ଭିତ୍ତିଭୂମି ନାହିଁ କହିଲେ ଚଳେ । କାଁ ଭାଁ କେଉଁଠି ଗୋଟେ ଦୁଇଟି ଇଭି ଚାର୍ଜିଂ ଷ୍ଟେସନ୍‌ରେ କାମ ସରିଯାଇଥିଲା । ଏବେ ତେଲ ସଙ୍କଟ ପରେ ସରକାରଙ୍କ ନିଦ ଭାଙ୍ଗିଛି । ବିଭିନ୍ନ ଯୋଜନାରେ ପ୍ରତ୍ୟେକ ବ୍ଲକ୍ ଠାରୁ ଆରମ୍ଭ କରି ସମସ୍ତ ସହରରେ ଏହି ଇଭି ଚାର୍ଜିଂ ଷ୍ଟେସନ୍ କରିବା ଲାଗି ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ପ୍ରୟାସ ଆରମ୍ଭ କରିଛନ୍ତି । ଇଭି ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଚାର୍ଜିଂ ଷ୍ଟେସନ୍ । ଯେତେବେଳେ କେହି ବ୍ୟକ୍ତି ଇଭି ଧରି ଘରୁ ବାହାରି ଆସୁଛନ୍ତି ଏବଂ ରାସ୍ତାରେ କୌଣସି କାରଣରୁ ଚାର୍ଜିଂ ଶେଷ ହୋଇଯାଏ ତାହେଲେ ଏହାହିଁ ଗାଡ଼ି ପାଇଁ ସବୁଠାରୁ ବଡ଼ ସମସ୍ୟା । ଏଥିପାଇଁ ଇଭି ଷ୍ଟେସନ୍ ପ୍ରତିଷ୍ଠା କରିବାର ନିହାତି ଆବଶ୍ୟକତା ରହିଥିଲା । କିନ୍ତୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ଏକ୍ଷେତ୍ରରେ ବିଶେଷ ଅଗ୍ରଗତି ଘଟିନଥିଲା । କିନ୍ତୁ ଏବେ ତେଲ ସଙ୍କଟ ପରେ ଇଭି ଗାଡ଼ି କିଣିବା ଲାଗି ଆଗ୍ରହ ପ୍ରକାଶ ପାଇଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ୩୨୭ଟି ଅଟଳ ବସ୍‌ଷ୍ଟାଣ୍ଡରେ ଇଭି ଚାର୍ଜିଂ ଷ୍ଟେସନ୍ କାମ ଆରମ୍ଭ କରିଛନ୍ତି । ଅଳ୍ପ କିଛି ମାସ ମଧ୍ୟରେ ଏହି ଷ୍ଟେସନ୍ କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡ଼ିଛି । ଏବେ ରାଜ୍ୟର ପ୍ରତ୍ୟେକ ବଡ଼ବଡ଼ ବସ୍ ଟର୍ମିନାଲ୍‌ରେ ମଧ ଇଭି ଚାର୍ଜିଂ ଷ୍ଟେସନ୍ କରାଯିବାକୁ ଯୋଜନା ହୋଇଛି । ଏଥିସହ ଟ୍ରକ୍ ଟର୍ମିନାଲ୍‌ରେ ମଧ କରାଯିବ । ବିଭିନ୍ନ ତେଲ ଟାଙ୍କିକୁ ସରକାର ଏବେ ପ୍ରାଥମିକତା ଭିତ୍ତିରେ ରଖିଛନ୍ତି । ବର୍ତ୍ତମାନ ବିଭିନ୍ନ ତେଲ ଟାଙ୍କିରେ ୧୦୧୪ଟି ଇଭି ଚାର୍ଜିଂ ଷ୍ଟେସନ୍ ରହିଛି । ଏହିସବୁ ଚାର୍ଜିଂ ଷ୍ଟେସନ୍ ବିଭିନ୍ନ ଇଭି କମ୍ପାନୀ ପକ୍ଷରୁ କରାଯାଇଛି । ଅନ୍ୟ ଯେଉଁ ଟାଙ୍କି ଗୁଡ଼ିକରେ ନାହିଁ ତୁରନ୍ତ ସେହିସବୁ ଟାଙ୍କିରେ ଇଭି ଚାର୍ଜିଂ ଷ୍ଟେସନ୍ କରିବା ପାଇଁ ରାଜ୍ୟ ସରକାର ଯୋଜନା ଆରମ୍ଭ କରିଛନ୍ତି । କେନ୍ଦ୍ର ସରକାର ଏବେ ପିଏମ୍ ଇ- ଡ୍ରାଇଭ୍ ଯୋଜନାରେ ଓଡ଼ିଶାର ୬ଟି ପ୍ରମୁଖ ସହରରେ ୧୯୦ଟି ଇଭି ଚାର୍ଜିଂ ଷ୍ଟେସନ୍ ବସାଇବାକୁ ଯୋଜନା କରିଛନ୍ତି । ଭୁବନେଶ୍ୱର, କଟକ, ପୁରୀ, ଯାଜପୁରର କଳିଙ୍ଗନଗର, ବାଲେଶ୍ୱର, ଅନୁଗୁଳ ସହରରେ ଏହି ଇଭି ଷ୍ଟେସନ୍ ବସାଯିବ । ଇଭି ଚାର୍ଜିଂ ଷ୍ଟେସନ୍ ପାଇଁ ରାଜ୍ୟ ସରକାର ଏବେ ତିନୋଟି ବର୍ଗରେ ବିଭକ୍ତ କରିଛନ୍ତି । ଯେଉଁ ଜିଲ୍ଲାରେ ଅଧିକ ଇଭି କିଣାଯିବ ତାହାକୁ 'ଏ' ପର୍ଯ୍ୟାୟଭୁକ୍ତ କରାଯାଇଛି । ଅର୍ଥାତ ଏହି ଏ କାଟାଗୋରୀ ଭିତରେ ଆସୁଥିବା ଜିଲ୍ଲା ଗୁଡ଼ିକରେ ଅଧିକରୁ ଅଧିକ କିପରି ଇଭି ଚାର୍ଜିଂ ଷ୍ଟେସନ୍ କରାଯିବ ସେଥିପାଇଁ ମଧ ଯୋଜନା କରାଯାଉଛି । ଏସ୍‌ଟିଏ ପକ୍ଷରୁ ଏବେ ଇଭି ଚାର୍ଜିଂ ଷ୍ଟେସନ୍ ପାଇଁ ଏକ ସ୍ୱତନ୍ତ୍ର ପଦକ୍ଷେପ ଆରମ୍ଭ ହୋଇଛି । ପ୍ରତ୍ୟେକ ଆରଟିଓ ନିକଟରେ ଏକ ଚାର୍ଜିଂ ଷ୍ଟେସନ୍ କରାଯିବ । ଏଥିସହ ସହରର ଗୁରୁତ୍ୱପୂର୍ଣ୍ଣ ତଥା ଗହଳି ସ୍ଥାନ ମାନଙ୍କରେ ଏହି ଷ୍ଟେସନ୍ ପ୍ରତିଷ୍ଠା ପାଇଁ ଯୋଜନା ହୋଇଛି । ଯେମିତିକି ଭୁବନେଶ୍ୱରର ନନ୍ଦନକାନନ, ଫରେଷ୍ଟ ପାର୍କ, ରୂପାଲି ଛକ ଏବଂ ଅନ୍ୟ କେତେକ ଜନଗହଳି ପୂର୍ଣ୍ଣ ସ୍ଥାନମାନଙ୍କରେ ଏହି ଚାର୍ଜିଂ ଷ୍ଟେସନ୍ ପ୍ରତିଷ୍ଠା କରାଯାଇଛି । ଅନ୍ୟାନ୍ୟ ସହର ପାଇଁ ମଧ ଏହିଭଳି ଯୋଜନା ଚାଲିଛି ବୋଲି ଏସ୍‌ଟିଏର ଯୁଗ୍ମ କମିଶନର ସମରେନ୍ଦ୍ର ପଟ୍ଟନାୟକ ପ୍ରକାଶ କରିଛନ୍ତି । ପ୍ରାୟ ବର୍ଷକ ମଧ୍ୟରେ ରାଜ୍ୟର ପ୍ରତ୍ୟେକ ଅଞ୍ଚଳରେ ଚାର୍ଜିଂ ଷ୍ଟେସନ୍ ଉପଲବ୍ଧ କରାଯିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।

# ଅଗ୍ନିକାଣ୍ଡ ପ୍ରଭାବିତ ମାଛ ମାର୍କେଟର ସ୍ଥିତି ପରଖିଲେ ମେୟର

**କଟକ, ନ୍ୟୁଜ୍‌ବ୍ୟୁରୋ**

ପ୍ରେସ୍ ଛକରେ ଥିବା ମାଛ ମାର୍କେଟରେ ବଡ଼ ଧରଣର ଅଗ୍ନିକାଣ୍ଡ । ସାଢ଼େ ୭ ଘଣ୍ଟା ପରେ ବି ନିଆଁ ଆୟତ୍ତକୁ ଆସିପାରିନଥିଲା । ତେବେ ଘଟଣାସ୍ଥଳନରେ ପହଞ୍ଚି ସ୍ଥିତି ପରଖିଛନ୍ତି କଟକ ମେୟର ସୁବାଷ ସିଂହ ଏବଂ ବରିଷ୍ଠ ରାଜନେତା ପ୍ରଭାତ ବିଶ୍ୱାଳ । ତେବେ ଏହି ଘଟଣାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ମେୟର । ସେ କହିଛନ୍ତି କି, ପାଖରେ ଥିବା ଜରାଜୀର୍ଣ୍ଣ ବିଲ୍ଡିଂ ପାଇଁ ସରକାର ସ୍ୱତନ୍ତ୍ର ବ୍ୟବବରାଦ କଲେ ଏହାକୁ ଭଙ୍ଗାଯିବ । ପ୍ରଶାସନ କଠୋର ହେବା ସହ ସହରରେ ଥିବା ଏଭଳି ଜରାଜୀର୍ଣ୍ଣ ବିଲ୍ଡିଂକୁ ଚିହ୍ନଟ କରି ଭାଙ୍ଗିବା ଜରୁରୀ । ହଜାରେ ବର୍ଷର ସହର ଅର୍ଥାତ ନିଆଁ ଲାଗିବାର ସାଢ଼େ ୭ ଘଣ୍ଟା ପରେ ବି ଆୟତ୍ତକୁ ନଆସିବା ଦୁଃଖର ବିଷୟ । ସରକାର କଠୋର ହେଲେ ପ୍ରକିୟା ଆଗେଇବ ବୋଲି କହିଛନ୍ତି ମେୟର । ସେପଟେ ଏଭଳି ଜରାଜୀର୍ଣ୍ଣ ବିଲ୍ଡିଂ ରହିଥିବା ବେଳେ କାହିଁକି ଏହା ଉପରେ ନଜର ପଡୁନାହିଁ ନାହିଁ ବୋଲି ପ୍ରଶ୍ନ କରାଯାଇଥିବା ବେଳେ ଉତ୍ତର ରଖିଛନ୍ତି ବରିଷ୍ଠ ରାଜନେତା ପ୍ରଭାତ ବିଶ୍ୱାଳ । ସେ କହିଛନ୍ତି କି, ପୂର୍ବରୁ ଏନେଇ ଜିଲ୍ଲାପାଳଙ୍କ ସହ ବୈଠକ ହୋଇଛି । କିନ୍ତୁ ଏହା ଏକ ଅଘଟଣ । ପୁରୁଣା ବିଲ୍ଡି ହୋଇଥିବାରୁ ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଛି । ଏହା ଉପରେ ଏକ ଉଚ୍ଚସ୍ତରୀୟ ବୈଠକ ହେବା ଜରୁରୀ । ଭବିଷ୍ୟତରେ ଯେଭଳି ଏଭଳି ଘଟଣାର ପୁନରାବୃତ୍ତି ନହୁଏ ସେଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ବୋଲି କହିଛନ୍ତି ପ୍ରଭାତ । ନିଆଁ ଲାଗିଥିବା ବିଲ୍ଡିଂରେ ବ୍ୟାଙ୍କ ଅଫ୍ ଇଣ୍ଡିଆ



ରହିଥିବା ବେଳେ ଏଥିରେ ମଧ ଫାୟାର ସେଫ୍ଟି ନଥିଲା । ଯାହାକୁ ନେଇ ବ୍ୟାଙ୍କର ବରିଷ୍ଠ ଅଧିକାରୀଙ୍କୁ ପ୍ରଶ୍ନ କରାଯାଇଥିଲା । ଯାହାର ଉତ୍ତରରେ ସେ କହିଛନ୍ତି କି, ବ୍ୟାଙ୍କରେ ଗୋଟିଏ ଫାୟାର ଏଗ୍‌ଜିଟ୍ ରହିଛି । ବ୍ୟାଙ୍କରେ ଥିବା ଫର୍ଣ୍ଣିଚର ନଷ୍ଟ ହୋଇଥିବାବେଳେ ମୁଖ୍ୟ ସାମଗ୍ରୀ ସୁରକ୍ଷିତ ଥାଇପାରେ ବୋଲି ସୂଚନା ଦେଇଛନ୍ତି । ବ୍ୟାଙ୍କରେ ସବୁ ସୁରକ୍ଷିତ ରହିଛି । ପାଖ ବିଲ୍ଡିରେ ନିଆଁ ଲାଗିଛି ୨୫ ବର୍ଷ ହେବ ବ୍ୟାଙ୍କ ଚାଲିଥିବାବେଳେ ଆମର ସମସ୍ତ ସାମଗ୍ରୀ ପ୍ରାୟ ସୁରକ୍ଷିତ ରହିଛି । ସୂଚନାଯୋଗ୍ୟ ଯେ, କଟକ ଛକରେ ଥିବା ମାଛ ମାର୍କେଟରେ ବଡ଼ ଧରଣର ଅଗ୍ନିକାଣ୍ଡ । ସାଢ଼େ ୭ ଘଣ୍ଟା ପରେ ବି ନିଆଁ ଆୟତ୍ତକୁ ଆସିପାରିନଥିଲା । ନିଆଁରେ ପୋଡ଼ି ପୂରା ମାଛ ମାର୍କେଟ୍ ପାଉଁଶ ହୋଇ ଯାଇଛି । ଅଗ୍ନିକାଣ୍ଡରେ ୫୦ ଲକ୍ଷରୁ ଅଧିକ ଟଙ୍କାର ସମ୍ପତ୍ତି ପୋଡ଼ି ଯାଇଥିବା ଅନୁମାନ କରା ଯାଉଛି । ସେହିଭଳି ମାଛ ମାର୍କେଟ୍ ଉପରେ ଥିବା ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ମଧ ନିଆଁ ଲାଗିଛି । ନିଆଁକୁ ଆୟତ୍ତ କରିବାକୁ ଅଗ୍ନିଶମ ଟିମ୍ ଉଦ୍ୟମ କରିବା ସହିତ ଭୁବନେଶ୍ୱରରୁ ଏକ ରୋବଟି ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲା ।

GOVT. OF ODISHA
DEPARTMENT OF WATER RESOURCES,
OFFICE OF THE SUPERINTENDING ENGNEER,
RENGALI RIGHT CANAL DIVISION NO-I, KHUNTUNI, DHENKANAL
Email Id – eebaghuabol@gmail.com

32001/320/2627

'e' Procurement Notice

.he Superintending Engineer, Rengali Right Canal Division No-I, Khuntuni At/Po-Mahisapat, Dhenkanal, PIN-759001 on behalf of the Governor of Odisha invites **on line percentage rate bid** in single cover system from the eligible manpower service provider for sanitation work as detailed below:

1. Name of the work : Cleaning of small bushes, sweeping of roads, cleaning of Chajjas of both Irrigation Colony, Gardening / Plantation to inside the Administrative Building and premises and cleaning and providing sanitation to Administrative Building of RRIP at Mahisapat, Dhenkanal for the period from 20.06.2026 to 31.03.2027.
2. Tender Cost : Rs. 7.15 lakh
3. Bid Document Cost : Rs. 4,000.00 (on line)
4. Bid Security : Rs 7,200.00
5. Class of Contractor : Human Resources Supply
6. Period of Completion : 09 months 11 days
7. Other details are as follows;

| Procurement Officer | Bid Identification No. | Availability of Tender On- line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, RRC Division No-I, khuntuni | SERRCDI- 05 / 2026-27 | 5.06.2026 10.00 AM | 16.06.2026 5.00 PM | 17.06.2026 11.00 AM |

Further details can be seen from the e-procurement portal https://www.tendersodisha.gov.in
Any addendum/ Corrigendum/ Cancellation to the above notice will be published in the Govt. website www.tendersodisha.gov.in

Sd/- Superintending Engineer
Rengali Right Canal Division No-I
Khuntuni, Dhenkanal

OIPR-32001/32510/1/26-27/0001

ଭୁବନେଶ୍ୱର, ୪ ଜୁନ୍, ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଜିଲ୍ଲାପାଳଙ୍କ ସହ ଅଗ୍ନିଶମ ବାହିନୀ ଡିଜିଙ୍କ ବୈଠକ : ରଥଯାତ୍ରା ପାଇଁ ଅଗ୍ନି ନିରାପତ୍ତା ରୋଡମ୍ୟାପ

**ପୁରୀ, ୩/୦୬ ନ୍ୟୁଜ ବ୍ୟୁରୋ**

ଆସନ୍ତା ଜୁଲାଇ ୧୬ ତାରିଖରେ ଆୟୋଜିତ ହେବ ପବିତ୍ର ରଥଯାତ୍ରା। ଏଥିପାଇଁ ରାଜ୍ୟ ସରକାର ଓ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଜାରି ରହିଛି। ରଥଯାତ୍ରାରେ ଅଗ୍ନିଶମ ବାହିନୀର ବଡ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଚଳିତବର୍ଷ ରଥଯାତ୍ରାରେ ଅଗ୍ନିଶମ ବାହିନୀ କିଭଳି ପୁରୀ ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରଖି ଲୋକଙ୍କୁ ସେବା ଯୋଗାଇ ଦେବ ଏନେଇ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସହ ଆଲୋଚନା କରିଛନ୍ତି ଅଗ୍ନିଶମ ବିଭାଗ ଡିଜି ସୁଧାଂଶୁ ଷଡ଼ଙ୍ଗୀ । ରଥଯାତ୍ରାରେ ଜରୁରୀକାଳୀନ ପରିସ୍ଥିତିରେ କିଭଳି ଅଗ୍ନିଶମ ବାହିନୀ କାର୍ଯ୍ୟ କରିବ, ପ୍ରବଳ ବର୍ଷା ଯୋଗୁଁ ଜଳବନ୍ଦୀ ସ୍ଥିତି ଉପୁଜିଲେ କିଭଳି ଏହାର ପ୍ରତିକାର କରାଯିବ, ସମୁଦ୍ର



ସ୍ନାନ ବେଳେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ନେଇ ରାଜ୍ୟ ଅଗ୍ନିଶମ ବାହିନୀର କେଉଁ ଯୋଜନା ରହିଛି ସେନେଇ ଏହି ବୈଠକରେ ଆଲୋଚନା ହୋଇଥିଲା । ବୈଠକ ପରେ ଅଗ୍ନିଶମ ବିଭାଗ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, 'ଚଳିତବର୍ଷ ରଥଯାତ୍ରାରେ ଅଗ୍ନିଶମ ବାହିନୀ କିଭଳି କାର୍ଯ୍ୟ କରିବ ସେ ନେଇ ପୁରୀ ଜିଲ୍ଲାପାଳ, ପୁରୀ ଜିଲ୍ଲା ଅଗ୍ନିଶମ ବାହିନୀ ସହିତ ଆଲୋଚନା ହୋଇଛି । ବୈଠକରେ ପୁରୀ ଜିଲ୍ଲା ପ୍ରଶାସନର ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ । ଜରୁରୀକାଳୀନ ସେବାକୁ କିଭଳି ସଠିକ୍ ଭାବରେ ଯୋଗାଇ ଦିଆଯିବ ଏହା ଆମର ଲକ୍ଷ୍ୟ ରହିଛି । ଅଗ୍ନିକାଣ୍ଡରୁ ସୁରକ୍ଷା, ସମୁଦ୍ର ସ୍ନାନ ବେଳେ ପର୍ଯ୍ୟଟକଙ୍କ ସୁରକ୍ଷା, ଯାତ୍ରୀଙ୍କ ସୁରକ୍ଷିତ ଯାତାୟାତ, ଭିଡ ଭିତରେ କିଭଳି ଲୋକଙ୍କ ନିକଟରେ ସହାୟତା ପହଁଞ୍ଚିବ ସେ ନେଇ ଆଲୋଚନା ହୋଇଛି । ଏନେଇ ସମସ୍ତ ଯୋଜନା ମଧ୍ୟ ପ୍ରସ୍ତୁତ ହୋଇଛି ।' ପ୍ରବଳ ଗରମରେ ଭକ୍ତଙ୍କ ସୁରକ୍ଷା ପାଇଁ ଭକ୍ତଙ୍କ ଉପରେ ଜଳ ସିଞ୍ଚନ କରାଯିବ । ପ୍ରବଳ ବର୍ଷା ହେଲେ ଜଳବନ୍ଦୀ ସ୍ଥିତି ଉପୁଜିଲେ ଜଳ ନିଷ୍କାସନ ପାଇଁ ଉଚ୍ଚ କ୍ଷମତା ସମ୍ପନ୍ନ ମୋଟର ପମ୍ପର ବ୍ୟବସ୍ଥା ରହିଛି। ଏକ ମିନିଟରେ ୪୨୦୦ ଲିଟର ଜଳ ନିଷ୍କାସନ ହୋଇପାରିବ। ଏଣୁ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେବ ନାହିଁ ବୋଲି ଆମର ଆଶା ରହିଛି। ସମୁଦ୍ର ସ୍ନାନ ବେଳେ ପର୍ଯ୍ୟଟକଙ୍କ ସୁରକ୍ଷା ନେଇ ବ୍ୟବସ୍ଥା କରାଯାଇଛି। ବେଳାଭୂମିରେ ମୁତୟନ ହୋଇଥିବା ଲାଇଫ ଗାର୍ଡଙ୍କୁ ଉଚ୍ଚସ୍ତରୀୟ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ସମୁଦ୍ରରେ ବୁଡି ଯାଉଥିବା ପର୍ଯ୍ୟଟକଙ୍କୁ କିଭଳି ଉଦ୍ଧାର କରିବେ, ଉଦ୍ଧାର ପରେ ପ୍ରାଥମିକ ଉପଚାର କିଭଳି ଦିଆଯାଇପାରିବ ସେ ନେଇ ପ୍ରଶିକ୍ଷଣ ଦିଆଯାଉଛି। ଯାହାକି ଆଗାମୀ ଦିନରେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ବହୁତ୍ କାମରେ ଆସିବ । ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, 'ଅଗ୍ନିଶମ ବିଭାଗ କିଭଳି ଲୋକଙ୍କୁ ସେବା ଯୋଗାଇ ଦେବ, ଜରୁରୀକାଳୀନ ସେବା କିଭଳି ତ୍ୱରିତ ବେଗରେ ଯୋଗାଇ ହେବ ସେ ନେଇ ଅଗ୍ନିଶମ ବିଭାଗର ଡିଜିଙ୍କ ସହ ଆଲୋଚନା ହୋଇଛି।

# ତିନି ରଥର ଅଖ ଉପରକୁ ଉଠିଲା ଦଣ୍ଡା ଫ୍ରେମ୍ : ଦଣ୍ଡାରେ କଣ୍ଟା ପଡ଼ିବା କାର୍ଯ୍ୟ ସମ୍ପନ୍ନ

**ପୁରୀ, ୦୩/୦୬ ନ୍ୟୁଜ ବ୍ୟୁରୋ**

ପାଖେଇ ଆସୁଛି ମହାପ୍ରଭୁଙ୍କ ଘୋଷଯାତ୍ରା । ରଥଖଳାରେ ଜୋରଦାର ଚାଲିଛି ରଥ ପ୍ରସ୍ତୁତି । ତିନି ରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଥିବା ବେଳେ ବୁଧବାର ଦଣ୍ଡାରେ କଣ୍ଟା ପଡ଼ିବା କାର୍ଯ୍ୟ ସମ୍ପନ୍ନ ହୋଇଛି। ତିନି ରଥର ଅଖ ଉପରକୁ ଦଣ୍ଡା ଫ୍ରେମ୍ ଉଠି ସାରି ଗୋଳେଇ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। କମାର ସେବକମାନେ ତିନି ରଥ ଦଣ୍ଡାରେ ବୁଧବାର ଦଣ୍ଡା କଣ୍ଟା ପକାଇବା କାର୍ଯ୍ୟ କରିଥିଲେ। ସେପଟେ ରୂପକାର ସେବକମାନେ ବେଦି ସିଂହାସନ ମୁହାଁଟି ଓ ନାଟ ଗୋଡ଼ରେ ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ସହ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଜୋରଦାର ଚାଲିଛି। ଆଉ ଦିନକ ପରେ ଅର୍ଥାତ୍ ଆସନ୍ତା ୫ ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବ। ମହାପ୍ରଭୁଙ୍କର ରାଜେନ୍ଦ୍ରାଭିଷେକ ନୀତି ଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ଚୂଡାନ୍ତ ହୋଇଥିବା ନୀତି ନିର୍ଘଣ୍ଟ କୁ ମୋହର ମାରିବ ପରିଚାଳନା କମିଟି। ଗଜପତି ମହାରାଜା ଦିବ୍ୟସିଂହ ଦେବ ଏହି ବୈଠକରେ ଅଧକ୍ଷତା କରିବେ ।



# ବଡ ଭାଇଙ୍କ ଶେଷ କୃତ୍ୟରେ ଯୋଗ ଦେଲେ ମୁଖ୍ୟମନ୍ତ୍ରୀ



**କେନ୍ଦୁଝର, ୦୩/୦୬ ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀଙ୍କ ଭାଇଙ୍କ ପରଲୋକ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବଡ଼ବାପା ପୁଅ ଭାଇ ଦୀନବନ୍ଧୁ ମାଝୀଙ୍କର ପରଲୋକ ହୋଇଯାଇଛି। ଦୀନବନ୍ଧୁ ଭୁବନେଶ୍ୱରର ଲୋୟର ପିଏମଜିରେ ସରକାରୀ ବାସଭବନରେ ରହୁଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍‌ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ପରେ ଦୀନବନ୍ଧୁଙ୍କ ପାର୍ଥିବ ଶରୀରକୁ ତାଙ୍କ ଜନ୍ମମାଟି ରାଇକଳା ନିଆଯାଇଥିଲା। ତାଙ୍କ ଅନ୍ତିମ ସଂସ୍କାରରେ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ରାଇକଳାରେ ପହଞ୍ଚି ତାଙ୍କର ଅନ୍ତେଷ୍ଟି କ୍ରିୟାରେ ସାମିଲ ହୋଇଛନ୍ତି। ଏ ଖବର ପହଞ୍ଚିବା ପରେ ବୁଧବାର ରାଇକଳା ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଅନ୍ତେଷ୍ଟି କ୍ରିୟାରେ ସାମିଲ ହୋଇଥିଲେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା କର୍ମୀ।

## ଆରାବଳୀକୁ ବଞ୍ଚାଇବା ପାଇଁ ଲଢ଼େଇରେ ବଡ଼ ପଦକ୍ଷେପ ନେଲେ ସୁପ୍ରିମକୋର୍ଟ

# ନୂତନ ପରିଭାଷା ଏବଂ ଖନନର ବୈଜ୍ଞାନିକ ତଦନ୍ତ କରାଯିବ

**ନୂଆଦିଲ୍ଲୀ, ୩/୦୬**

ଆରାବଳୀ ପର୍ବତମାଳାର ନୂତନ ପରିଭାଷା ଉପରେ ପରିବେଶଗତ ଚିନ୍ତା ମଧ୍ୟରେ ସୁପ୍ରିମକୋର୍ଟ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟିକୁ ବ୍ୟାପକ ତଦନ୍ତ କରିବା ପାଇଁ ଦାୟିତ୍ୱ ଦେଇଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ଅଧକ୍ଷତାରେ ଗଠିତ ଏକ ଖଣ୍ଡପୀଠ କହିଛନ୍ତି ଯେ, କମିଟିର ପ୍ରାଥମିକ କାର୍ଯ୍ୟ ହେବ ପୂର୍ବ କମିଟିର ରିପୋର୍ଟରେ ଗୃହୀତ ୧୦୦ ମିଟର ଉଚ୍ଚତା ଏବଂ ୫୦୦ ମିଟର ବ୍ୟବଧାନ ମାନଦଣ୍ଡର ବୈଜ୍ଞାନିକ ଏବଂ ପରିବେଶଗତ ବୈଧତା ଯାଞ୍ଚ କରିବା। କୋର୍ଟ ଗତ ବର୍ଷ ନଭେମ୍ବର ୨୦ ତାରିଖରେ ତାଙ୍କ ରାୟରେ ଏହି ପରିଭାଷାର କାର୍ଯ୍ୟକାରୀତା ସ୍ଥଗିତ ରଖିଥିଲେ। ସୁପ୍ରିମକୋର୍ଟ କମିଟିକୁ ରାଜସ୍ଥାନର ୧୨,୦୮୧ ପାହାଡ଼ ମଧ୍ୟରୁ କେବଳ ୧,୦୪୮ ପାହାଡ଼ ୧୦୦ ମିଟର ଉଚ୍ଚତାର ଆବଶ୍ୟକତା ପୂରଣ କରୁଥିବା ବ୍ୟାପକ ଦାବିର ସତ୍ୟତା ଏବଂ ବୈଜ୍ଞାନିକ ଆଧାର ଯାଞ୍ଚ କରିବାକୁ ମଧ୍ୟ କହିଛନ୍ତି। ବିଶେଷଜ୍ଞମାନଙ୍କ ଅନୁସାରେ ଏହି ମାନଦଣ୍ଡ ସୁରକ୍ଷା ପରିସରରୁ ବହୁ ସଂଖ୍ୟକ କମ୍



ଉଚ୍ଚତା ପାହାଡ଼କୁ ବାଦ୍ ଦେବ, ଯାହା ଆରାବଳୀ କ୍ଷେତ୍ରକୁ ଗୁରୁତର କ୍ଷତି ପହଞ୍ଚାଇପାରେ।

ଖଣିର ପରିବେଶଗତ ପ୍ରଭାବର ଏକ ସମ୍ପୂର୍ଣ୍ଣ ମୂଲ୍ୟାଙ୍କନ କରାଯିବ। ନୂତନ ସୀମା ସ୍ଥାପନ ହେବା ପରେ ଆରାବଳୀ ଅଞ୍ଚଳରେ 'ସସ୍‌ଟେନେବୁଲ୍ ମାଇନିଂ' କିମ୍ବା 'ରେଗୁଲେଟେଡ୍ ମାଇନିଂ' ଅନୁମତି ଦେବାର ପରିବେଶଗତ ପ୍ରଭାବକୁ ମଧ୍ୟ କମିଟି ବିଶ୍ଳେଷଣ କରିବ । ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, କେବଳ ନିୟାମକ ତଦାରଖ ପରିବେଶଗତ ବିପଦକୁ ଦୂର କରିନଥାଏ ଏବଂ ସମ୍ଭାବ୍ୟ କ୍ଷତିର ଏକ ପୁଙ୍ଖାନୁପୁଙ୍ଖ ଅଧ୍ୟୟନ ମଧ୍ୟ ଜରୁରୀ। ଆରାବଳୀ ପର୍ବତମାଳାର ନୂତନ ପରିଭାଷା ଯୋଗୁଁ ସଂରକ୍ଷଣରୁ ବାଦ୍ ପଡୁଥିବା ଅଞ୍ଚଳଗୁଡ଼ିକୁ ବ୍ୟାପକ ଭାବରେ ଚିହ୍ନଟ କରିବାକୁ ମଧ୍ୟ କମିଟିକୁ ନିର୍ଦ୍ଦେଶ ଦିଆଯାଇଛି । କମିଟି ସମ୍ପୃକ୍ତ ଅଞ୍ଚଳଗୁଡ଼ିକର ଜୈବ ବିବିଧତା, ପରିସଂସ୍ଥାନ ଏବଂ ପରିବେଶଗତ ଗୁରୁତ୍ୱକୁ ବିଚାରକୁ ନେବ, ଯାହା ଦ୍ୱାରା କୌଣସି ସମ୍ବେଦନଶୀଳ ଅଞ୍ଚଳ ଅଜାଣତରେ ଯେପରି ସଂରକ୍ଷଣରୁ ବଞ୍ଚିତ ନହେବ। ସୁପ୍ରିମକୋର୍ଟ କହିଛନ୍ତି, ପ୍ରସ୍ତାବିତ ପଦକ୍ଷେପଗୁଡ଼ିକର ପରିବେଶଗତ କିମ୍ବା ପରିବେଶଗତ ପରିଣାମ ହେବ କି ନାହିଁ ତାହା କମିଟିକୁ ନିରପେକ୍ଷ ଭାବରେ ମୂଲ୍ୟାଙ୍କନ କରିବାକୁ ପଡିବ ଯାହାକୁ ପରେ ସୁଧାରିବା ଅବା ପ୍ରତ୍ୟାହାର କରିବା ଅତ୍ୟନ୍ତ କଷ୍ଟକର ତଥା ଅସମ୍ଭବ ହେବ। କୋର୍ଟ ଗୁରୁତ୍ୱାରୋପ କରିଛନ୍ତି ଯେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେବା ପୂର୍ବରୁ ଦୀର୍ଘକାଳୀନ ପ୍ରଭାବକୁ ବୁଝିବା ଅତ୍ୟନ୍ତ ଜରୁରୀ। ଉକ୍ତ କ୍ଷମତାସମ୍ପନ୍ନ କମିଟିରେ ବିଶେଷଜ୍ଞମାନଙ୍କୁ ମଧ୍ୟ ସାମିଲ କରାଯାଇଛି। ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଫର୍ ହ୍ୟୁମାନ୍ ସେଟେଲମେଣ୍ଟସ୍‌ର ସ୍କୁଲ୍ ଅଫ୍ ଏନଭାରମେଣ୍ଟ୍ ଆଣ୍ଡ ସଷ୍ଟେନେବିଲିଟିର ଡିନ୍ ଜେ. କୃଷ୍ଣସ୍ୱାମୀ ଏବଂ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଫ୍ ହରିଆଣାର ଲକ୍ଷ୍ମୀକାନ୍ତ ଶର୍ମାଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବରେ ନିଯୁକ୍ତ କରାଯାଇଛି। ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଜଣେ ନିର୍ଦ୍ଦେଶକ ସ୍ତରୀୟ ଅଧିକାରୀ କମିଟିର ସଦସ୍ୟ ସଚିବ ହେବେ। କୋର୍ଟ ଉଲ୍ଲେଖ କରିଛନ୍ତି ଯେ, ଏହି ମାମଲା ପରିବେଶବିତ୍, ଅଣସରକାରୀ ସଂଗଠନ, ଖଣି ଲିଜ୍ ଧାରକ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ସମେତ ବହୁ ସଂଖ୍ୟକ ଅଂଶୀଦାରଙ୍କୁ ପ୍ରଭାବିତ କରୁଛି । ତେଣୁ କମିଟି ଜନସାଧାରଣଙ୍କ ପ୍ରତିନିଧିତ୍ୱ ଏବଂ ପରାମର୍ଶକୁ ମଧ୍ୟ ଆମନ୍ତ୍ରଣ କରିପାରିବେ। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୭ରେ ହେବ ତଥା କମିଟିର ଅଗ୍ରଗତି ଏବଂ ନିଷ୍କର୍ଷ ଉପରେ ଆଲୋଚନା କରାଯିବ।

# ଗଞ୍ଜାମ ଜିଲ୍ଲାକୁ ୩ ପ୍ରତିଷ୍ଠିତ ଜାତୀୟ ପୁରସ୍କାର

**ଛତ୍ରପୁର, ୩/୬ ନ୍ୟୁଜ ବ୍ୟୁରୋ**

ପୁଣି ଥରେ ଦିଲ୍ଲୀରେ ଚମକିଛି ଗଞ୍ଜାମ ଜିଲ୍ଲା। ଜିଲ୍ଲାକୁ ମିଳିଛି ୩ଟି ପ୍ରତିଷ୍ଠିତ ଜାତୀୟ ପୁରସ୍କାର। ଜିଲ୍ଲାର ୨ଟି ପଞ୍ଚାୟତ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର ପାଇଥିବାବେଳେ ଗଞ୍ଜାମ ଜିଲ୍ଲା ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର ପାଇବାର ଗୌରବ ହାସଲ କରିଛି। ସମଗ୍ର ରାଜ୍ୟରୁ ୪ଟି ପଞ୍ଚାୟତ ଏବଂ ଗୋଟିଏ ଜିଲ୍ଲା ଏହି ଜାତୀୟ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବାବେଳେ ସେଥିରୁ ୩ଟି ପୁରସ୍କାର ଏକାକୀ ଗଞ୍ଜାମ ଜିଲ୍ଲା ପାଇବାକୁ ସକ୍ଷମ ହୋଇଛି । ପୋଲସରା ବ୍ଲକର ମନ୍ଦାର ପଞ୍ଚାୟତକୁ ଦେଶର ଦ୍ୱିତୀୟ ସର୍ବଶ୍ରେଷ୍ଠ 'ସାମାଜିକ ଭାବେ ନ୍ୟାୟପୂର୍ଣ୍ଣ ଓ ସୁରକ୍ଷିତ' ପଞ୍ଚାୟତ ଭାବେ ସ୍ୱୀକୃତି ମିଳିଥିବାବେଳେ ଛତ୍ରପୁର ବ୍ଲକର ପୋଟଲାମପୁର ପଞ୍ଚାୟତ ଦେଶର ତୃତୀୟ ସର୍ବଶ୍ରେଷ୍ଠ ସୁସ୍ଥ ପଞ୍ଚାୟତ ପୁରସ୍କାର ପାଇଛି । ସେହିପରି ଗଞ୍ଜାମ ଜିଲ୍ଲାକୁ ଦେଶର ଦ୍ୱିତୀୟ ସର୍ବଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ଭାବେ ପୁରସ୍କୃତ କରାଯାଇଛି । ରାଜଧାନୀ ଦିଲ୍ଲୀରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀଙ୍କ ହସ୍ତରୁ ଗଞ୍ଜାମ ଜିଲ୍ଲା ପରିଷଦର ଅଧକ୍ଷା ଅଞ୍ଜଳି ସ୍ୱାଇଁ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଓ୍ୱାସନ, ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଏପିଡି ବିଜୟ ବେହେରାଙ୍କ ସମେତ ପୋଲସରା ବିଡିଓ ଶଶିଭୂଷଣ ମହାପାତ୍ର, ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ, ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ପିଇଓ ରୋଜାଲିନ ବେହେରା, ମନ୍ଦାର ସରପଞ୍ଚ ସୁନିତା ଜେନା ଓ ଜିଲ୍ଲା ପରିଷଦ




କାର୍ଯ୍ୟାଳୟର ବାଣୀ ସୁକାନ୍ତ ପ୍ରମୁଖ ଜିଲ୍ଲାବାସୀଙ୍କ ତରଫରୁ ଟ୍ରଫି, ମାନପତ୍ର ଓ ଅର୍ଥରାଶି ଗ୍ରହଣ କରିଛନ୍ତି । ପୁରସ୍କାର ବାବଦରେ ଗଞ୍ଜାମ ଜିଲ୍ଲାକୁ ୩କୋଟି ଟଙ୍କା, ମନ୍ଦାର ପଞ୍ଚାୟତକୁ ୩୭.୫୦ଲକ୍ଷ ଟଙ୍କା ଓ ପୋଟଲାମପୁର ପଞ୍ଚାୟତକୁ ୨୫ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ମିଳିଛି । ଏହି ଐତିହାସିକ ସଫଳତା ଜନପ୍ରତିନିଧି, ପଞ୍ଚାୟତିରାଜ ଜନ ପ୍ରତିନିଧି, ଜିଲ୍ଲା ତଥା ସ୍ଥାନୀୟ ପ୍ରଶାସନ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସର୍ବୋପରି ଗଞ୍ଜାମବାସୀଙ୍କ ସାମୂହିକ ନିରନ୍ତର ଉଦ୍ୟମ ଓ ପାରସ୍ପରିକ ସହଯୋଗ ଫଳରେ ଗଞ୍ଜାମ ଜିଲ୍ଲାକୁ ଏହି ସର୍ବଭାରତୀୟ ଗୌରବ ମିଳିପାରିଛି ବୋଲି ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ଓ୍ୱାସନ କହିଛନ୍ତି। ସମସ୍ତ ଶ୍ରେୟ ଜିଲ୍ଲାବାସୀଙ୍କର ବୋଲି ସେ କହିଛନ୍ତି । ଏହି ପୁରସ୍କାର ଜିଲ୍ଲାର ସମସ୍ତ ପଞ୍ଚାୟତକୁ ଆହୁରି ଅଧିକ ଜନମଙ୍ଗଳକାରୀ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିବ ବୋଲି ଜିଲ୍ଲାପାଳ ଆଶାବ୍ୟକ୍ତ କରିଛନ୍ତି । ସ୍ଥାନୀୟ ଅଞ୍ଚଳରେ ବିକାଶ ଲକ୍ଷ୍ୟ ନେଇ ଭାରତ ସରକାର ୯ଟି ମାନଦଣ୍ଡ ନିର୍ଦ୍ଧାରଣ କରିଛନ୍ତି । ଏହି ମାନଦଣ୍ଡରେ ଉତ୍କୃଷ୍ଟତା ପ୍ରଦର୍ଶନ କରିଥିବା ହେତୁ ଗଞ୍ଜାମ ଜିଲ୍ଲାକୁ ଏହି ଜାତୀୟ ପୁରସ୍କାର ମିଳିପାରିଛି । ଆଗରୁ ମଧ୍ୟ ଗଞ୍ଜାମ ଜିଲ୍ଲା ସର୍ବଭାରତୀୟ ସ୍ତରରେ ବିଭିନ୍ନ ସମ୍ମାନଜନକ ପୁରସ୍କାର ପାଇଆସିଛି । ଗଞ୍ଜାମ ଜିଲ୍ଲା ତାହାର ପୂର୍ବ ସୁନାମକୁ ବଜାୟ ରଖିପାରିଛି ବୋଲି ଜିଲ୍ଲାପାଳ କହିବା ସହ ଗଞ୍ଜାମବାସୀଙ୍କୁ ଏକକ ପ୍ଲାଷ୍ଟିକ ବର୍ଜନ କରି ପ୍ରକୃତି ଓ ପରିବେଶକୁ ସମୃଦ୍ଧ କରିବା, ବ୍ୟାପକ ଚାରାରୋପଣ କରିବା, ସବୁବେଳେ ନୀତିନିୟମକୁ ମାନିବା ଏବଂ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା, ସାହିତ୍ୟ ଓ ସଂସ୍କୃତି ଆଦି ସମସ୍ତ କ୍ଷେତ୍ରରେ ଅଧିକରୁ ଅଧିକ ଭଲ କାମ କରି ଜିଲ୍ଲାର ସୁନାମକୁ ବିଶ୍ୱସ୍ତରକୁ ନେବା ପାଇଁ ସେ ଜିଲ୍ଲାବାସୀଙ୍କୁ ଏ ଅବସରରେ ଆହ୍ୱାନ କରିଛନ୍ତି । ଗଞ୍ଜାମ ଜିଲ୍ଲାକୁ ଏହି ଜାତୀୟ ପୁରସ୍କାର ମିଳିବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୦୩/୦୬/୨୦୨୬
୯,୭୧,୦୬୧/- ଟଙ୍କା
ସୁନା:- ୦୫ ଗ୍ରାମ୍ ୮୫୦ ମିଲିଗ୍ରାମ
ରୂପା:- ୪୧ଗ୍ରାମ୍ ୪୦୦ ମିଲିଗ୍ରାମ

# ପୁରୀରେ ବ୍ରିକ୍ସ ବୈଷୟିକ ସମ୍ମିଳନୀ : ବାଲୁକା ଆନିମେସନରେ ବ୍ରିକ୍ସ ପ୍ରତିନିଧିଙ୍କୁ ସ୍ୱାଗତ

**ପୁରୀ, ୦୩/୦୬ ନ୍ୟୁଜ ବ୍ୟୁରୋ**

ବାଲୁକା ଆନିମେସନ୍ ମାଧ୍ୟମରେ ପୁରୀରେ ବ୍ରିକ୍ସ ରାଷ୍ଟ୍ରସମୂହ ପ୍ରତିନିଧିମାନଙ୍କୁ ସ୍ୱାଗତ କରାଯାଇଛି। ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ତାଙ୍କର ପୁରୀ ସ୍ୟାଣ୍ଡ ଆର୍ଟ ଷ୍ଟୁଡିଓରେ ଏକ ବିଶେଷ ୧୫ ମିନିଟର ବାଲୁକା ଆନିମେସନ୍ ପ୍ରଦର୍ଶନ ମାଧ୍ୟମରେ ବ୍ରିକ୍ସ ପ୍ରତିନିଧିବୃନ୍ଦଙ୍କୁ ହାର୍ଦ୍ଦିକ ସ୍ୱାଗତ ଜଣାଇଛନ୍ତି । ବୁଧବାର ଠାରୁ ପୁରୀରେ ଦ୍ୱିତୀୟ ବ୍ରିକ୍ସ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟକାରୀ ଗୋଷ୍ଠୀ ବୈଠକ ଆରମ୍ଭ ହୋଇଛି । ଜୁନ୍ ୫ ଯାଏ ହେବ ବ୍ରିକ୍ସ ସମ୍ମିଳନୀ । ପ୍ରଥମ ଥର ପାଇଁ ଓଡ଼ିଶାରେ ଆୟୋଜିତ ହେଉଛି ଏହି ଅନ୍ତର୍ଜାତୀୟ ସମ୍ମିଳନୀ । ବାଲୁକା ଚିତ୍ର ଶିଳ୍ପୀ ମାନସ କୁମାର ସାହୁ ନିଜ ବାର୍ତ୍ତାରେ କହିଛନ୍ତି ଯେ, 'ପୁରୀରେ ବ୍ରିକ୍ସ ସମ୍ମିଳନୀ ଆୟୋଜନ ହେବା ଆମ ଓଡ଼ିଶା ପାଇଁ ଏକ ଗର୍ବର କଥା। ବ୍ରିକ୍ସର ଏକତା, ସାଂସ୍କୃତିକ ସମନ୍ୱୟ, ବନ୍ଧୁତ୍ୱ ଏବଂ ବୈଶ୍ୱିକ ସହଯୋଗର ବାର୍ତ୍ତାକୁ କଳାତ୍ମକ ଭାବରେ ଉପସ୍ଥାପନ କରାଯିବ। ସେଥିସହ ପୁରୀ ଏବଂ ଭାରତର ସମୃଦ୍ଧ ଐତିହ୍ୟ ଓ ସଂସ୍କୃତିକୁ ମଧ୍ୟ ପ୍ରଦର୍ଶିତ କରାଯିବ । ଏହି ଅବସରରେ ଆମେ ବାଲୁକା ଆନିମେସମ୍ ଦ୍ୱାରା ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଏକତା, ଶାନ୍ତି ଓ ସହଯୋଗକୁ ନେଇ ବହୁତ ଆଶା ରଖିଛୁ ।' ପୁରୀର ତାଜ୍ ହୋଟେଲରେ ବୁଧବାର ଠାରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି ବ୍ରିକ୍ସ ରାଷ୍ଟ୍ର ସମୂହର ସମ୍ମିଳନୀ । ବ୍ରିକ୍ସ ରାଷ୍ଟ୍ର ସମୂହର ବିପର୍ଯ୍ୟୟ ପରିଚାଳନା, ପ୍ରତିରୋଧ କ୍ଷମତା ବୃଦ୍ଧି, ବୈଷୟିକ ଜ୍ଞାନ କୌଶଳ ପ୍ରସଙ୍ଗକୁ ନେଇ ସମ୍ମିଳନୀ ଆୟୋଜନ ହୋଇଛି । ଏଣୁ ଏହି ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ




ପ୍ରକାରର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ସମ୍ମିଳନୀ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଯେଭଳି କୌଣସି ଅସୁବିଧା ନ ହୁଏ ସେଥିପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ମୁତୟନ କରାଯାଇଛି। ୨୪ ଘଣ୍ଟିଆ ଏକ କଣ୍ଟ୍ରୋଲ ରୁମ୍ କରାଯାଇଛି। କୋଣାର୍କ ଗସ୍ତରେ ପ୍ରତିନିଧିମାନେ ଯିବାର ଥିବାରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବ୍ରିକ୍ସ ରାଷ୍ଟ୍ର ସମୂହର ବିଶ୍ୱସ୍ତରୀୟ ସମ୍ମିଳନୀକୁ ଦୃଷ୍ଟିରେ ରଖାଯାଇ ପୁରୀ ସହରକୁ ତ୍ରିସ୍ତରୀୟ ସୁରକ୍ଷା ବଳୟରେ ରଖାଯାଇଛି । ପୁରୀ ଏସ୍‌ପି ପ୍ରତୀକ ସିଂ ତାଜ୍ ହୋଟେଲକୁ ଯାଇ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରିଥିଲେ। ବ୍ରାଜିଲ, ରୁଷିଆ, ଚାଇନା, ଇରାନ୍, ସାଉଦିଆରବ, ୟୁଏଇ ସମେତ ବ୍ରିକ୍ସ ଦେଶର ପ୍ରତିନିଧି ଏବଂ ବିଶେଷଜ୍ଞମାନେ ପୁରୀରେ ଥିବା ତାଜ୍ ରିସର୍ଟରେ ରହିଛନ୍ତି। ସୁରକ୍ଷା ଦୃଷ୍ଟିକୋଣରୁ ପ୍ରଥମ ସ୍ତରରେ ଓଡ଼ିଶା ପୋଲିସ, ଦ୍ୱିତୀୟରେ ସ୍ୱତନ୍ତ୍ର ସୁରକ୍ଷା ଗ୍ରୁପ୍ ଏବଂ ତୃତୀୟ ସ୍ତରରେ କେନ୍ଦ୍ରୀୟ ବାହିନୀ ମୁତୟନ କରାଯାଇଛି । ପୁରୀ ସହରର ସମସ୍ତ ପ୍ରବେଶ ପଥ, ମୁଖ୍ୟ ରାସ୍ତା, ହୋଟେଲର ସମ୍ମିଳନୀ ସ୍ଥଳକୁ ସିସିଟିଭି ବଳୟ ମଧ୍ୟରେ ରଖାଯାଇଛି। ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରୁଯାଇଛି। ବୋମା ନିଷ୍କ୍ରିୟକାରୀ ଦଳ ଓ ଡଗ୍ ସ୍କ୍ୱାର୍ଡ ମଧ୍ୟ ସୁରକ୍ଷା ଦାୟିତ୍ୱରେ ମୁତୟନ କରଯାଇଛି। ବ୍ରିକ୍ସ ରାଷ୍ଟ୍ର ସମୂହର ପ୍ରତିନିଧିଙ୍କ କୋଣାର୍କ ଗସ୍ତ କାର୍ଯ୍ୟକ୍ରମ ରହିଥିବାବେଳେ ସେଠାରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଏହି ସମ୍ମିଳନୀକୁ ସଫଳ କରିବା ପାଇଁ ସମସ୍ତ ପ୍ରକାରର ପଦକ୍ଷେପ ନିଆଯାଇଥିବା ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

**ଏବେ ବଜାରରେ ଉପଲବ୍ଧ...**

**ମାସିକ ଗଳ୍ପ ପତ୍ରିକା "କଥାକଳିକା" ଜୁନ୍ ୨୦୨୬ସଂଖ୍ୟା**




**ଏଥର ସଂଖ୍ୟାରେ...**

**ସ୍ମରଣୀୟ କଥା :** ସ୍ୱାଗତିକା ସେଠୀ
**ସମକାଳର କଥା :** କମଳା ଶତପଥୀ, ମନୋରଞ୍ଜନ ବେହେରା, ସୁକାନ୍ତି ରାଉତ, ସୁନନ୍ଦା ମହାନ୍ତି, କିଶୋର ଚନ୍ଦ୍ର ଦାଶ, ସୁନୀତା କର, ବାସନ୍ତୀ ଦାସ, ବୀରେଶ୍ୱର ମହାନ୍ତି ଓ ପ୍ରକାଶ ମହାପାତ୍ର।
**ଅନ୍ୟ ଭାଷାର କଥା :** ଅଶୋକ କୁମାର ସା
**ଯୁବ ମାନସର କଥା :** ପାରମିତା ସାହୁ, ପ୍ରଭାତୀ ଜେନା, ରୀତାଞ୍ଜଳି ସାହୁ, ରାଜେଶ କୁମାର ମହାରଣା, ପ୍ରତିଭା ପରିଜା ଓ ସରିତା ସିଂହ ମହାନ୍ତି।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର 'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


ସମ୍ପାଦକୀୟ
ପୃଷ୍ଠା-୪
ବ୍ରହ୍ମାଣ୍ଡର ୩ଡି ନକ୍ସା ବନାଇବ ଚୀନ
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-10 • Issue-48 • 03-09th June 2026 • Bhubaneswar
ଇତିହାସ ପୃଷ୍ଠାରେ ରହିଯିବ ଦୁଇ ମନୋରମ ପର୍ଯ୍ୟଟନ କ୍ଷେତ୍ର
୨୦୨୯ରେ ଲୋକସଭା ସହ ହୋଇପାରେ ୨୦ ରାଜ୍ୟର ବିଧାନସଭା ନିର୍ବାଚନ

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭ ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com

# ଫେଲ୍ ମାରିଲା ଯୋଜନା : ରାଜଧାନୀରେ ଖତ ଖାଉଛି 'ମୋ ସାଇକେଲ'

**ଭୁବନେଶ୍ୱର, ୩/୦୬ ନ୍ୟୁଜ ବ୍ୟୁରୋ**

ସମୟ ଥିଲା ଯେତେବେଳେ ଗାଁଠୁ ସହର ପର୍ଯ୍ୟନ୍ତ ସବୁଠି ସାଇକଲ ଥିଲା ଯାତାୟାତର ମୁଖ୍ୟ ମାଧ୍ୟମ । ବାହାଘରରେ ଯୌତୁକ ଭାବେ ସାଇକଲ ଦିଆଯାଉଥିଲା। ଅର୍ଥନୈତିକ ବିକାଶ ଓ ଲୋକଙ୍କ ଜୀବନଶୈଳୀରେ ପରିବର୍ତ୍ତନ ସହ ବାଇକ୍ ଏବଂ କାର୍‌ର ବହୁଳ ବ୍ୟବହାର ଯୋଗୁଁ ସାଇକେଲର ଚାହିଦା କମିବାରେ ଲାଗିଛି । ଯାନବାହାନ ଏକ ପ୍ରକାର ଷ୍ଟାଟସ ସିମ୍ବଲ ବା ପ୍ରତିଷ୍ଠାର ପ୍ରତୀକ ପାଲଟିଛି । ହେଲେ ପୁଣି ଥରେ ଲୋକେ ନିଜକୁ ସୁସ୍ଥ ରଖିବା, ପ୍ରଦୂଷଣ ରୋକିବା ଏବଂ ତେଲ ସଞ୍ଚୟ ପାଇଁ ସାଇକେଲ ଆଡକୁ ମୁହାଁଉଛନ୍ତି।

ଭୁବନେଶ୍ୱରରେ ଯେତେବେଳେ 'ମୋ ସାଇକେଲ' ବ୍ୟବସ୍ଥା କରାଯାଇଥିଲା ସେତେବେଳେ ରାହାଗିରି ଆୟୋଜନ ହେଉଥିଲା । ଏଥିପାଇଁ ବିଏମ୍‌ସି ହଜାର ହଜାର ସାଇକେଲ କିଣିଥିଲା । ବର୍ତ୍ତମାନ ତାହା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଛି। ରାଜଧାନୀକୁ ପ୍ରଦୂଷଣ ମୁକ୍ତ କରିବା ଏବଂ ସ୍ମାର୍ଟ ପରିବହନ ସେବା ଯୋଗାଇବା ପାଇଁ ୨୦୧୮ରେ ଆରମ୍ଭ ହୋଇଥିଲା ଏହି 'ମୋ ସାଇକଲ ଯୋଜନା' । ଆରମ୍ଭ ବେଳେ ପ୍ରାୟ ୨୦୦୦ ସ୍ମାର୍ଟ ସାଇକେଲ କିଣାଯାଇଥିଲା । ଏଥିରେ ଜିପିଏସ୍ ଟ୍ରାକିଂ ଓ ଡିଜିଟାଲ ସ୍ମାର୍ଟ ଲକ୍ ସିଷ୍ଟମ୍ ଥିଲା । ସହରର ବିଭିନ୍ନ ସ୍ଥାନରେ ପ୍ରାୟ ଶତାଧିକ ସାଇକେଲ ଷ୍ଟେସନ ତିଆରି ହୋଇଥିଲା । ଯେଉଁଠି ସାଇକେଲ ରଖିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ରାଜଧାନୀର ପ୍ରମୁଖ ରାସ୍ତା ପାର୍ଶ୍ୱରେ ସାଇକେଲ ଚଳାଇବା ପାଇଁ ସ୍ୱତନ୍ତ୍ର ଲାଲ ରଙ୍ଗର 'ସାଇକେଲ ଟ୍ରାକ୍' ତିଆରି ହୋଇଥିଲା। ଏହି ଯୋଜନାକୁ ଆଗକୁ ବଢ଼ାଇବା ପାଇଁ କେନ୍ଦ୍ର ସରକାରଙ୍କ 'ସାଇକେଲସ୍ ଫର ଚେଞ୍ଜ ଚ୍ୟାଲେଞ୍ଜ' ଅଧୀନରେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡକୁ ଅତିରିକ୍ତ ୧ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ମିଳିଥିଲା। ଏହା ୨୦୨୦ ଜୁଲାଇରେ ଆରମ୍ଭ ହୋଇଥିଲା। ହେଲେ ଆଜି ସେହି ସ୍ମାର୍ଟ ସାଇକେଲଗୁଡ଼ିକ ରାଜଧାନୀର ବିଭିନ୍ନ ଛକ ଏବଂ ପରିତ୍ୟକ୍ତ ସ୍ଥାନରେ କଳଙ୍କି ଲାଗି ଖତ ଖାଉଛି । କୋଟି କୋଟି ଟଙ୍କାର ଏହି ଯୋଜନା ଏବେ ସମ୍ପୂର୍ଣ୍ଣ ଫେଲ୍ ମାରିଛି । ଲୋକଙ୍କ ସୁବିଧା ପାଇଁ ଆସିଥିବା ସାଇକେଲଗୁଡିକ ଏବେ ଗଛଲତା ଓ ବୁଦା ଭିତରେ ହଜିଯାଇଛି ତ କେତେକ ଚୋରି ହୋଇଯାଇଛି ।

ଭୁବନେଶ୍ୱର ମହାନଗର ନିଗମ ଏବଂ ବିଏସ୍‌ସିଏଲ ଏହି ଯୋଜନାକୁ ପୁଣି ଥରେ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରୟାସ ଆରମ୍ଭ କରୁଛି । ସେଲ୍‌ଫ ପ୍ରୋପେଲ୍‌ଡ କ୍ରୁଜ୍ ଏବଂ ସ୍ମାର୍ଟ ସିଟି କର୍ତ୍ତୃପକ୍ଷ ରାସ୍ତା କଡ଼ରୁ ଖରାପ ହୋଇ ପଡ଼ିଥିବା ସାଇକେଲ ଗୁଡିକୁ ସଂଗ୍ରହ କରି ତାହାର ମରାମତି କରାଉଛନ୍ତି, ଯେପରି ନୂଆ ପ୍ଲାନିଂ ଏବଂ ଉତ୍ତମ ଭିତ୍ତିଭୂମି ସହିତ 'ମୋ ସାଇକେଲ' ପୁଣି ଥରେ ରାଜଧାନୀ ରାସ୍ତାରେ ସଫଳତାର ସହ ଚାଲିପାରିବ । ପ୍ରତିଦିନ ସାଇକେଲ ଚଳାଇବା ଦ୍ୱାରା ହୃଦରୋଗ, ମଧୁମେହ, ମେଦ ବହୁଳତା ଭଳି ସମସ୍ୟାରୁ ମୁକ୍ତି ମିଳିଥାଏ । ଏହା ଏକ ଶ୍ରେଷ୍ଠ ବ୍ୟାୟାମ ।